ISSN No. : 2583-147X (P)


ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

# PRACHEE

ଜାନୁଆରୀ ୨୦୨୨

ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ସପ୍ତମ ବର୍ଷର ଦଶମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ରୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓ 'ପ୍ରାଚୀ'ର କଲମ ଌ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

বাস্তবতার পরিপ্রকাশ


# ପ୍ରାଚୀ


Vol.- 7, Januuary 2022, Issue No. X
ISSN NO. 2583-147X (P)
**RNI No. : ODIODI/2015/64435**
P.R. No. : CK(C)/96/2022-2024



**ଉପଦେଷ୍ଟା ମଣ୍ଡଳୀ**
ଶ୍ରୀଯୁକ୍ତ ପାବକ କାନୁନ୍‌ଗୋ
ଶ୍ରୀମତୀ ମନ୍ଦାକିନୀ ଦାସ
**କୃଷ୍ଣ ପ୍ରସାଦ ଦାସ**
**ସମୀକ୍ଷକ ମଣ୍ଡଳୀ**
**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଶରତ କୁମାର ପଲିତା**
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ସଂପାଦକ**
**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**
**ସମ୍ପାଦନା ସହଯୋଗୀ :**
**ପ୍ରାଚୀ ପ୍ରଯୁକ୍ତା**
**ସଂପାଦନା ମଣ୍ଡଳୀ**
**ଡକ୍ଟର ନାରାୟଣ ମହାନ୍ତି-**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
**ଡକ୍ଟର ଆଦିତ୍ୟ ପ୍ରତାପ ଧଳ**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଆଲୋକ ବରାଳ**
ମୁଖ୍ୟ, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
**ଡକ୍ଟର ନୀରୋଦ କୁମାର ମଣ୍ଡୀ**
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସିମୁଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**
ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪


## ଏଇ ସଂଖ୍ୟାରେ...


ବିଘ୍ନିତ ଆର୍ଥ-ସାମାଜିକତା ଓ ଅପସୃୟମାଣ ଲୋକସଂସ୍କୃତି: ମଙ୍ଗଳୁ ଚରଣଙ୍କ 'ଭୁଖା'ର ନିୟତି
- ଡ. ଆଲୋକ ବରାଳ ୦୭

ଅସହାୟତା ଓ ଅନ୍ତର୍ଦ୍ଦାହର ବେଦନା ; ବୀଣାପାଣି ମହାନ୍ତିଙ୍କ ଗଳ୍ପ : ଏକ ଆଲୋଚନା
- ଡ. କୁନା ସୁନା ୧୫

(ଶିଶୁ ଧର୍ମଯୋଦ୍ଧାଙ୍କର କରୁଣ ପରିଣତି)
-ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ୧୯

ଭୌମ ସାମ୍ରାଜ୍ୟର ପୁନର୍ଗଠନର ଇତିହାସ : ପ୍ରଦୀପ ଦାଶଙ୍କ 'ତ୍ରିଭୁବନ ମହାଦେବୀ' ଉପନ୍ୟାସ
- କାମିନୀ ଦେହୁରୀ ୨୨

ଓଡିଆ ଲୋକସାହିତ୍ୟ ର ସ୍ଥିତି, ସୁରକ୍ଷା ଓ ପୁନର୍ବିନ୍ୟାସ ପ୍ରସଂଗ
- ଡକ୍ଟର ଦେବାଶିଷ ପାଣ୍ଡିଆ ୨୬

ନାଟ୍ୟକାର ନୀଳାଦ୍ରିଭୂଷଣଙ୍କ 'ବତାସ ନିସ୍ତବ୍ଧ ଆଜି' : ନବ-ଐତିହାସିକ ଅଧ୍ୟୟନ
- ଡ. ବିଦ୍ୟୁତ୍‌ପ୍ରଭା ରାଉତ ୩୨

''ଶବବାହକମାନେ'': ଏକ 'ଶବ'ର ଷଡ଼୍‌ଯନ୍ତ୍ର
-ସ୍ମୃତିରଞ୍ଜନ ସେଠୀ ୪୦

## PRACHEE MONTHLY ADVT. TARIFF

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- **"ପ୍ରାଚୀ"** ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- **"ପ୍ରାଚୀ"** ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚ୍ଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଜନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ମଧ୍ୟ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ............................................................ ପିନ୍‌କୋର୍ଡ଼ ..............................

ମୋବାଇଲ୍ ନମ୍ବର ........................................ ଇ-ମେଲ୍ ........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................... ତାରିଖ....................................

ବ୍ୟାଙ୍କ୍.......................................... ସ୍ଥାନ........................................................

ତାରିଖ........................................ ଦସ୍ତଖତ........................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

ISSN -2583-147X (P), Vol.- 7, Issue No. X, Januuary 2022
Bastabatara Pariprakash Prachee
*Peer Reviewed and Referred Research Journal*

# ବିଘ୍ନିତ ଆର୍ଥ-ସାମାଜିକତା ଓ ଅପସୃୟମାଣ ଲୋକସଂସ୍କୃତି: ମଙ୍ଗଳୁ ଚରଣଙ୍କ 'ଭୁଖା'ର ନିୟତି

ଡ. ଆଲୋକ ବରାଳ

ନାଟ୍ୟକାର ମଙ୍ଗଳୁ ଚ଼ରଣ ବିଶ୍ୱାଳ (୧୯୩୫-୨୦୨୨)ଙ୍କର ସମ୍ବଲପୁରୀ/କୋଶଳୀ ଭାଷାରେ ଲିଖିତ 'ଭୁଖା' (୧୯୮୪) ଓଡ଼ିଶାର ନାଟ୍ୟ-ବଳୟରେ ବେଶ୍ ଲୋକପ୍ରିୟତା ଓ ଆଲୋଚିତ ହୋଇଥିବା ଭଳି ଏକ ସୃଷ୍ଟି । ଭାଷାର ଆବେଦନ ସର୍ବଦା ନିଆରା; ଭାଷା କୌଣସି ସଂକୀର୍ଣ୍ଣତା ଭିତରେ ଆବଦ୍ଧ ନୁହେଁ; ଭାଷା ବି ଅଗମ୍ୟ ନୁହେଁ; ତାହା 'ଭୁଖା'ର ଲୋକପ୍ରିୟତା ସୂଚାଇ ଦେଇଛି । ଓଡ଼ିଶାର ଜନମାନସରେ ପଶ୍ଚିମ ଓଡ଼ିଶାର ଲୋକନାଟ୍ୟ ପରଂପରା ଭଳି ଲିଖିତ ଓ ମ* ନାଟ୍ୟଧାରା ବେଶ୍ ପ୍ରଭାବଶାଳୀ ଧାରାଟିଏ ସୃଷ୍ଟି କରିପାରିଛି ଏବଂ ସେ ଧାରାଟି ଓଡ଼ିଶାର ନାଟ୍ୟ-ପରିକଳ୍ପନା ଓ ଐତିହାସିକ ଧାରା ସହ ଏଭଳି ଯୋଡି ହୋଇଗଲାଣି ଯେ ତାକୁ ଅଲଗା କରାଯାଇପାରିବ ନାହିଁ । ଏ ନାଟ୍ୟଧାରା ଦିନେ ସମାନ୍ତରାଳ ଭାବରେ ଚାଲୁଥିଲା ଅବଶ୍ୟ; କିନ୍ତୁ ଉତ୍ତର ଆଧୁନିକ (ଚକ୍ଷ୍ୱଶ୍ୱ ଗକ୍ଷୟରକ୍ଷଭ) ନାଟ୍ୟଚିନ୍ତନ ଓ ତା'ର ସାହିତ୍ୟିକ ଆଭିମୁଖ୍ୟରେ ଏହି ସମାନ୍ତରାଳ ସରଳରେଖା କେଉଁଠି ବଙ୍କେଇ ଯୋଡ଼ିହୋଇ କ୍ରମଶଃ ଗୋଟିଏ ପ୍ରବଳ ଧାରା ଭିତରେ ନିଜକୁ ମିଶାଇ ଦେଇଛି । ଏହି ଆଭିମୁଖ୍ୟ ଓ ଚେତନା ହିଁ ଉତ୍ତର ଆଧୁନିକ ମନୋଭଙ୍ଗୀର ଏକ ବୃହତ୍ତର ପ୍ରତ୍ୟାଶା ଓ ପ୍ରଜନ୍ମ ବୋଲି ଅଭିହିତ କରିବାରେ ଏ ଆଲୋଚକ କେଉଁଠି ହେଲେ କୁଣ୍ଠାର ଅବକାଶ ରଖୁନାହିଁ ।

ଓଡ଼ିଶାର ପଶ୍ଚିମା*ଳରେ ନାଟ୍ୟ-ଆନ୍ଦୋଳନର ଏକ ବିଶେଷ ସଚେତନତା ଓ ପ୍ରତ୍ୟାଶା ସବୁବେଳେ ସମସ୍ତଙ୍କୁ ଚମକୃତ କରିଛି । ଏହାର ଅତୀତ ବି ବେଶ୍ ସମୃଦ୍ଧ ଏବଂ ଏହାର ବତ୍ତମାନ ବି ତଦନୁରୂପ ଚମକିତ !

ଏ ନାଟ୍ୟଧାରାର ମୌଳିକ ଉତ୍ସ ହେଉଛି ଏହାର 'ଭାଷା' ଏବଂ ଏହାର ଗରିମାମୟ ସାଂସ୍କୃତିକ ପରିଦୃଶ୍ୟ । ଭାଷାର ପ୍ରୟୋଗ ପ୍ରସଙ୍ଗରେ ଯଦି ଆମେ ସ୍ମରଣ କରିବା ତେବେ ପ୍ରଥମେ ସ୍ୱାଭାବିକ ଭାବେ ମନେ ପଡ଼ିଯିବ ନାଟ୍ୟକାର ଅଶ୍ୱିନୀ କୁମାର ଘୋଷଙ୍କର 'ସମଲେଶ୍ୱରୀ' (୧୯୨୫/୧୯୩୧) ନାଟକ । 'ସମଲେଶ୍ୱରୀ' ନାଟକରେ ନାଗପୁରର ଭୋନ୍‌ସଲା ସମ୍ବଲପୁର ଆକ୍ରମଣ କରି ସେଠାରେ ନିଜ ପୁତ୍ରର ମୃତ୍ୟୁଖବର ପାଆନ୍ତି ଏବଂ ପଶ୍ଚାତ୍ତାପ ମଧ୍ୟ କରନ୍ତି । ସେ ତାଙ୍କର ଯେଉଁ ପୁତୁରାକୁ ମାରି ଦେଇଛନ୍ତି ବୋଲି ମିଥ୍ୟାପ୍ରଚାର କରିଥିଲେ; ତାହାର ସତ୍ୟତା ପ୍ରକାଶିତ ହୋଇଛି । ଏପରିକି ତାଙ୍କର ସେଇ ପୁତୁରା ରଘୁଜୀ ଅଟନ୍ତି ନାଗପୁରର ସେନାପତି ଏବଂ ବିଳାସପୁରର ପ୍ରକୃତ ଶାସକ । ସମ୍ବଲପୁରର ରାଜା ଅଭୟ ସିଂ ବନ୍ଦୀମାନଙ୍କୁ କ୍ଷମା ଦିଅନ୍ତି ଏବଂ ଯୁଦ୍ଧମଣ୍ଡପ ବିବାହ-ମଣ୍ଡପରେ ପରିଣତ ହୁଏ । ସେଠାରେ ତିନିଟି ଯୋଡ଼ାଙ୍କର ବିବାହ ଅନୁଷ୍ଠିତ ହୁଏ । ପ୍ରଥମଟି ସମ୍ବଲପୁର ରାଜକନ୍ୟା ଶକ୍ତିଙ୍କ ସହିତ ଭୋନ୍‌ସଲାଙ୍କ ପୁତ୍ର କୁମାରର; ଦ୍ୱିତୀୟଟି ସମ୍ବଲପୁରର ସେନାପତି ପୃଥ୍ୱୀ ସିଂଙ୍କ ସହିତ ରଘୁଜୀଙ୍କର କନ୍ୟା ଅରୁଣାର; ତୃତୀୟଟି ଆକ୍‌ବର ରାଏଙ୍କର ପୁତ୍ର ମଧୁ ସହିତ ମାଧବଙ୍କ କନ୍ୟା ମାଳତୀର । ନାଟକରେ ଐତିହାସିକ ଉପାଦାନର ସତ୍ୟତା ରହିଥିଲେ ମଧ୍ୟ 'ସମଲେଶ୍ୱରୀ' ଏବଂ 'ଅଭୟ ସିଂ'ଙ୍କ ପ୍ରସଙ୍ଗର ଗୁରୁତ୍ୱ ନାଟକରେ ସ୍ୱଳ୍ପ ! ମାତ୍ର ଅଶ୍ୱିନୀକୁମାର ନାଟକରେ ପାତ୍ର ଅନୁମିତ ସଂଳାପ (ଉସବକ୍ଷକ୍କଶଙ୍କର) ସଂଯୋଜନା ବଶତଃ ହିନ୍ଦୀ, ବଙ୍ଗଳା, ଭୋଜପୁରୀ ଏବଂ ସମ୍ବଲପୁରୀ ଭାଷାର ପ୍ରୟୋଗ କରିଛନ୍ତି । କେତେକ ଖଣ୍ଡିତ 'ଶବ୍ଦ' ଓ 'ବାକ୍ୟ' ଭିତରେ ସମ୍ବଲପୁରୀ/କୋଶଳୀର ପ୍ରାରମ୍ଭିକ ପ୍ରୟୋଗ ଦୃଷ୍ଟିରୁ ଅଶ୍ୱିନୀକୁମାର ଅବଶ୍ୟ ସ୍ମରଣୀୟ ।

ପରେ ପରେ ୧୯୫୪ ମସିହାରେ ଶିବ ପ୍ରସାଦ ମିଶ୍ର, ମୁରାରି ପ୍ରସାଦ ମିଶ୍ର ଓ କୃଷ୍ଣ ପ୍ରସାଦ ମିଶ୍ର ମିଳିତ ଭାବରେ ଗଙ୍ଗାଧର ମେହେରଙ୍କର 'ପ୍ରଣୟ ବଲ୍ଲରୀ' କାବ୍ୟକୁ କାବ୍ୟନାଟକ ଭାବରେ ସମ୍ବଲପୁର ନନ୍ଦପଡ଼ାସ୍ଥ ଚିତ୍ରୋତ୍ପଳା ରଙ୍ଗମ*ରେ ପ୍ରଦର୍ଶିତ ହୋଇଥିଲା । ଏହା ମୂଳତଃ ଓଡ଼ିଆରେ ଅଭୀନିତ ହୋଇଥିଲେ ହେଁ ଦୁଷ୍ମନ୍ତଙ୍କର ସଂକେତ ମୁଦ୍ରିକା; ଯାହାକି ସେ ଶକୁନ୍ତଳାକୁ ଦେଇଥିଲେ ତାହା ମାଛପେଟରୁ ପାଇଥିବା କେଉଟ-କେଉଟୁଣୀଙ୍କ ନିମନ୍ତେ ସଂଯୋଜିତ ସଂଳାପ ସମୂହ ଥିଲା ସମ୍ବଲପୁରୀ ଭାଷାରେ ସଂଯୋଜିତ । ଏହି ଭାଷା ପ୍ରୟୋଗର ଲୋକପ୍ରିୟତା ଓ ଉତ୍ସୁକତାରୁ ପରେ ପରେ ୧୯୫୫ ମସିହାରେ ରଚିତ 'ଆକ୍‌ବର ରାଏ' ଐତିହାସିକ ନାଟକରେ ସମ୍ବଲପୁରର ରାଜା ଅଜିତ୍ ସିଂ, ରାଣୀ ବିଜୟକୁମାରୀ, ଯୁବରାଜା ଜୟନ୍ତ ସିଂ, ଦେଓ୍ୱାନ କୃଷ୍ଣ ବଡ଼ମଲ୍ଲିକ, ସେନାପତି ଆକ୍‌ବର ରାଏ ପ୍ରମୁଖ ଚରିତ୍ରମାନେ ନାଟକରେ ସମ୍ବଲପୁରୀ ଭାଷାର ସଂଳାପ ହିଁ କହିଛନ୍ତି । ଏହି 'ପ୍ରୟୋଗ' ଓ 'ପ୍ରେରଣା' ହିଁ ପଶ୍ଚିମ ଓଡ଼ିଶାରେ ଆ*ଳିକ ଭାଷାରେ ନାଟକ ଲେଖିବାର ପରଂପରାକୁ ପରିପୁଷ୍ଟ କରିଥିଲା ଏବଂ ଶିବ ପ୍ରସାଦ ମିଶ୍ର, କୃଷ୍ଣ ପ୍ରସାଦ ମିଶ୍ର ଏବଂ ମୁରାରି ପ୍ରସାଦ ମିଶ୍ରଙ୍କ ମିଳିତ ସୃଷ୍ଟି ଭାବେ ପ୍ରଥମ ମୌଳିକ ସମ୍ବଲପୁରୀ ନାଟକ ଭାବରେ ୧୯୫୭ ମସିହାରେ ଆତ୍ମପ୍ରକାଶ କରିଥିଲା 'ଗଉଁତିଆ ବାବୁ' ନାଟକ ।

ହୀରାକୁଦ ନଦୀବନ୍ଧ ଯୋଜନା ତଥା ସାମାଜିକ, ଆର୍ଥନୀତିକ, ରାଜନୀତିକ ତଥା ଆ*ଳିକ ଚିତ୍ତସଂଘର୍ଷକୁ ଆଧାର କରି ସର୍ଜିତ ଏହି ନାଟକ ସମ୍ବଲପୁରର ଚିତ୍ରୋତ୍ପଳା କଳା ପରିଷଦର କଳାକାରମାନଙ୍କଦ୍ୱାରା ସମ୍ବଲପୁରସ୍ଥ ନାରୀ ସେବା ସଦନ ମ*ରେ ପ୍ରଥମେ ମ*ସ୍ଥ ହୋଇଥିଲା । ପରେ ପଶ୍ଚିମ ଓଡ଼ିଶାର ଅନେକତ୍ର ଏହା ବିଭିନ୍ନ ସମୟରେ ଅଭିନୀତ ହୋଇଥିବା ସୂଚନା ମିଳିଥାଏ । ଏପରିକି ୧୯୬୮ ମସିହାରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅଭିନୀତ ହୋଇଥିଲା ।

ଏହି ଧାରାରେ ନାଟ୍ୟକାର ମଙ୍ଗଳୁ ଚ଼ରଣ ବିଶ୍ୱାଳଙ୍କର 'ଭୁଖା' ଏକ ଉଲ୍ଲେଖଯୋଗ୍ୟ ସଂଯୁକ୍ତି ଅଟେ । କବିତା, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ଅନୁବାଦ, ଶିଶୁସାହିତ୍ୟ ତଥା ଆତ୍ମଜୀବନୀ ଲେଖକ ମଙ୍ଗଳୁ ଚ଼ରଣ ବିଶ୍ୱାଳ ଉଭୟ ଓଡ଼ିଆ ଏବଂ ସମ୍ବଲପୁରୀ/କୋଶଳୀ ଭାଷାରେ ତାଙ୍କର ସାହିତ୍ୟ ସୃଷ୍ଟି କରିଛନ୍ତି । ତାଙ୍କର ନାଟକଗୁଡ଼ିକ ମଧ୍ୟରେ କେତେକ ଉଲ୍ଲେଖଯୋଗ୍ୟ ନାଟକ ହେଉଛି 'ଭୁଖା' (୧୯୮୪), 'ଉଡ଼୍‌ଲା ପତର୍ ବୁଡ଼୍‌ଲା ଡଙ୍ଗା' (୧୯୮୫), 'ଭୁତିଆର ହତିଆର' (୧୯୮୬) 'ଲୁରା' (୧୯୮୬), 'ଛଏଲି' (୧୯୯୬), 'ଉଲଗୁଲାନ୍' (୧୯୯୦), 'ଦଦ୍‌ରା ଦର୍ପନ୍', 'ସୁନ୍ଦର ସାଏ' (୧୯୯୧), 'ବୀର୍‌ସା ଭଗ୍‌ବାନ୍' (୧୯୯୧), 'ମା ସମଲେଇ' (୧୯୯୫) ଓ 'ହରନ୍‌ପାପ' ଇତ୍ୟାଦି ।

ନାଟ୍ୟକାର ମଙ୍ଗଳୁ ଚ଼ରଣ ବିଶ୍ୱାଳଙ୍କର 'ଭୁଖା' ୧୯୮୪ ମସିହାରେ ପ୍ରଥମେ ପୁସ୍ତକ ରୂପ ଲାଭ କରିଥିଲେ ହେଁ ଏହାର ପ୍ରଥମ ମ*ସ୍ଥ ସମୟ ହେଉଛି ୨୧ ନଭେମ୍ବର ୧୯୮୩ ମସିହା । ରାଉରକେଲାର ସିଭିକ୍ ସେ[ରର ମ*ରେ ଏହା ଅଭିନୀତ ହୋଇଥିଲା । ପରେ ୨୪ ଏବଂ ୨୫ ମାର୍ଚ୍ଚ ୧୯୮୪ ମସିହାରେ ସମ୍ବଲପୁରର ଟାଉନ୍ ହଲ୍‌ର ମ*ରେ ମଧ୍ୟ ଏହା ଅଭିନୀତ ହୋଇଥିଲା । ଶେଷ ଦୃଶ୍ୟକୁ ଛାଡ଼ିଦେଲେ ଚାରିଟି ଦୃଶ୍ୟରେ ବିଭାଜିତ ଏହି ନାଟକର ମୂଳ ପ୍ରାଣ ହେଉଛି ଏହାର 'ବାଦ୍ୟ' ଓ 'ସଂଗୀତ' । କାରଣ ପଶ୍ଚିମ ଓଡ଼ିଶାର ବଜନିଆ ଲୋକଜୀବନକୁ ଏହା ଆଧାର କରିଛି । ତତ୍‌ସହିତ ସେମାନଙ୍କର ଲୋକଜୀବନ ଓ ଚିତ୍ତସଂଘର୍ଷ ତଥା ଭୋକର ତାଡ଼ନା ଏବଂ ଜୀବନ ଓ ଜୀବିକାର ମୂଳ ଉତ୍ସ ବଜନିଆ ବାଦ୍ୟ ଏବଂ ଗୀତର ଅପସୃୟମାଣ ସାଂସ୍କୃତିକ ନୃତତ୍ତ୍ୱକୁ ବେଶ୍ ଜୀବନ୍ତ ଭାବେ ଲକ୍ଷ୍ୟ କରାଯାଇପାରିବ 'ଭୁଖା' ନାଟକରେ ।

ପଶ୍ଚିମ ଓଡ଼ିଶାର ଲୋକଜୀବନରେ 'ବଜ୍‌ନିଆ' ବା ପାରଂପରିକଭାବେ ବିଭିନ୍ନ ଅବସରରେ ମିଳିତ ବାଦ୍ୟ ବଜାଉଥିବା ଏକ ଗୋଷ୍ଠୀଙ୍କୁ ବୁଝାଏ । ପଶ୍ଚିମ ଓଡ଼ିଶାର ସାମାଜିକ-ସାଂସ୍କୃତିକ ଜୀବନ ସହ ଅଭିନ୍ନ ଭାବେ ସଂଯୁକ୍ତ କେତେକ ବର୍ଗର ଲୋକେ ଏହି ଜୀବନଧାରା ସହ ଆନ୍ତରିକ ଭାବେ ଜଡ଼ିତ । ନୃତ୍ୟ-ସଂଗୀତ-ବାଦ୍ୟ ସେମାନଙ୍କର ଜୀବନର ଏକ ଅବିଭାଜ୍ୟ ଅଂଶ ଭାବେ ପାରଂପରିକ କଳାକୁ ସଂରକ୍ଷଣ ଦେବା ସହ ସେମାନେ ହିଁ ତା'ର ଧାରକ । ଢୋଲ, ତାସା, ମହୁରି, ନିସାନ, ଝୁମୁକା, ଝାଞ୍ଜ ଆଦିର ମିଳିତ ବାଜା ସମଗ୍ର ପଶ୍ଚିମ ଓଡ଼ିଶାର ମୌଳିକ ପ୍ରାଣସ୍ୱର ! ତାହା ବିବାହ, ବ୍ରତ ହେଉ କିମ୍ବା; ଯାନିଯାତ୍ରା, ବଳି, ପୂଜା, ଶୁଭ-ଅଶୁଭ ପ୍ରତ୍ୟେକ କର୍ମରେ ବିବିଧ ଶୈଳୀ ଓ ପ୍ରକାର ସହିତ ବଜ୍‌ନିଆମାନଙ୍କର ଲୌକିକ-ସାଂସ୍କୃତିକ ପରିଦୃଶ୍ୟଠାରୁ ପଶ୍ଚିମ ଓଡ଼ିଶାର ଗରିମା-ଐଶ୍ୱର୍ଯ୍ୟ ଓ ସାଂସ୍କୃତିକ-ଲୋକାଚାର ନାନ୍ଦନିକତାକୁ ଅଲଗା କରି କଳନା କରାଯାଇପାରିବ ନାହିଁ । ସେଇ ପରିପ୍ରେକ୍ଷୀରେ 'ଦୁଲ୍‌ଦୁଲି' ହେଉଛି ଓଡ଼ିଶାର ବିଶେଷତଃ ପଶ୍ଚିମା*ଳର ଲୋକ-ସାଂସ୍କୃତିକ ପରିଚର୍ଯ୍ୟାର ଏକ ଅଖଣ୍ଡ ଅଂଶ ଏବଂ ଏହାର ସ୍ରଷ୍ଟା ହେଉଛନ୍ତି ବଜ୍‌ନିଆମାନେ । ସେମାନଙ୍କର ଲୋକଜୀବନ ଓ ପ୍ରତ୍ୟାଶା ବେଶ୍ ଜୀବନ୍ତ ଶୈଳୀରେ ପରିବେଷିତ ହୋଇଛି 'ଭୁଖା' ନାଟକରେ ।

ଅଷ୍ଟମ ଦଶକର ପରିବର୍ତ୍ତିତ ଆର୍ଥ-ସାମାଜିକ ଗ୍ରାମୀଣ ଜୀବନର ଭିତ୍ତି ଓ ଜୀବନସ୍ୱରକୁ ଆଧାର କରିଥିବା 'ଭୁଖା'ର ପୃଷ୍ଠଭୂମି ହୋଇପାରେ ଯେକୌଣସି ଏକ ଗ୍ରାମୀଣ ଅ*ଳ; ସ୍ୱଳ୍ପ ବସତିର । ଆର୍ଥନୀତିକ ଦୁଃସ୍ଥିତି, ମରୁଡ଼ି/ଅକାଳ/ଦୁର୍ଭିକ୍ଷ ଓ କୃଷିଜୀବନ ସହିତ ଅନ୍ୟ କର୍ମସଂସ୍ଥାନ ଓ ଭତ୍ତିଭୂମିର ଅଭାବ ଭିତରେ କୌଳିକ ପେଶା ଓ ନିଶାକୁ ଆଧାର କରିଥିବା ବଜ୍‌ନିଆମାନଙ୍କ ବିଘ୍ନିତ ଅର୍ଥନୀତି; ଦାରିଦ୍ର୍ୟ, ଅଭାବିତ ପ୍ରତ୍ୟୟ ସହିତ ସରଳ, ନିରାଡମ୍ବର ସଂଗୀତମୟ ଜୀବନ ଭିତରେ ଛୋଟ ଛୋଟର ସ୍ୱପ୍ନର ଜୀବନ୍ତ ଆତୁରତା ବେଶ୍ ହୃଦୟବିଦାରକ ! ସେମାନଙ୍କର ସେସବୁ ଅଭାବ, ଅର୍ଦ୍ଧାହାର ଓ ନିରାହାର ଜୀବନର ଜୀବିକାର ପ୍ରଚ୍ଛନ୍ନରେ ଜିଇବାର ଏକ ରାହା ହେଉଛି ଗୀତ ଆଉ ବାଜାର ମାଧ୍ୟମ ! ନାଟ୍ୟକାର ମଙ୍ଗଳୁ ଚରଣ ବିଶ୍ୱାଳଙ୍କର ସଂଯୋଜିତ ଗୀତଗୁଡ଼ିକ ଭିତରେ ତା'ର ଆନ୍ତରୀଣ ଭାବ ଆହୁରି ସ୍ପର୍ଶୀ ପୁଣି ଆହୁରି ଜୀବନ୍ତ !

'ଭୁଖା' ନାଟକରେ 'ଦୁଲ୍‌ଦୁଲି' ବଜ୍‌ନିଆ ଗୋଷ୍ଠୀର ମୁଖ୍ୟ ହେଉଛି ମହୁରି (ମୁହୁରୀ) ବଜାଉଥିବା ଆନୁମାନିକ ଚାଳିଶ ବର୍ଷୀୟ ଅଏଁଠା ଚରିତ୍ର । ଅଏଁଠାର ସ୍ତ୍ରୀ ମରିସାରିଥାଏ ଏବଂ ତା'ର ଥାଏ ଫୁଲ ନାମକ ସାତ/ଆଠ ବର୍ଷର ଝିଅଟିଏ । ସତର/ଅଠର ବର୍ଷୀୟ କସ୍ତୁରୀ ହେଉଛି ଅଏଁଠାର ଭଉଣୀ । ଯେଉଁ ଭଉଣୀକୁ ଅଏଁଠା ଅତି ସାନବେଳୁ ପାଳିଛି ବାପ ଭଳି । ଦୁଲ୍‌ଦୁଲିରେ ଏକତ୍ର ବାଜା ବଜାଉଥିବା ଚରିତ୍ର ହେଉଛନ୍ତି ମହର୍‌ଗୁ, ହାଡ୍ତୁ, ପଲ୍‌ଟୁ, ଗହଦୁ ଓ ହୁର୍‌ଷୀ । ଢୋଲ ବଜଉଥିବା ଢୁଲିଆ (ଢ଼ୋଲିଆ) ହେଉଛି ମହର୍‌ଗୁ; ଯିଏକି ବୟସରେ ସମସ୍ତଙ୍କଠାରୁ ବଡ଼ ଏବଂ ସେମାନଙ୍କ ମଧ୍ୟରେ ସବୁଠାରୁ ବୟସରେ ସାନ ହେଉଛି ଗହଦୁ ଚରିତ୍ର । ହାଡ୍ତୁ ବଜାଏ ନିସାନ; ଗାଏ ମଧ୍ୟ ଗୀତ; ତାସା ବଜାଏ ପଲ୍‌ଟୁ ଏବଂ ଗହଦୁ ବଜାଏ ଝାଞ୍ଜ । ଦୀନା ହେଉଛି ସାହୁକାର

ଚରିତ୍ର; ଯିଏ ଗାଁରେ ଦୋକାନଟିଏ କରିଛି ଏବଂ ଲୋକଙ୍କୁ ଧାର-କରଜ ଦିଏ ଏବଂ ଅନୁରୂପ ଭାବେ ଆବଶ୍ୟକତା ସ୍ଥଳେ କଠୋର ବ୍ୟବହାର ମଧ୍ୟ କରେ । ଏହି ଗ୍ରାମୀଣ ଚରିତ୍ରମାନଙ୍କୁ ଛାଡ଼ିଦେଲେ ବହିରାଗତ ସହରୀ ପାଠୁଆ ବାବୁ ଅସୀମ ହେଉଛନ୍ତି ଅନ୍ୟତମ ମୁଖ୍ୟ ଚରିତ୍ର; ଯିଏ ସେହି ଗାଆଁକୁ ଆସିଛନ୍ତି ଲୋକଜୀବନ ସମ୍ପର୍କରେ ଗବେଷଣା କରିବା ପାଇଁ ଏବଂ ଯିଏକି ବଜ୍‌ନିଆମାନଙ୍କୁ ନେଇ ତଥା ସେମାନଙ୍କର ସାମାଜିକ-ସାଂସ୍କୃତିକ-ଆର୍ଥନୀତିକ-ତଥା ସାର୍ବିକ ଜୀବନକୁ ନେଇ କରିଛନ୍ତି ଉଚ୍ଚତର ଗବେଷଣା । ଏଇମାନଙ୍କୁ ନେଇ ହିଁ 'ଭୁଖା' ନାଟକର ଚରିତ୍ର ପରିକଳ୍ପନା !

ନାଟକର ପ୍ରଥମ ଦୃଶ୍ୟରେ ହିଁ ଦେଖିବାକୁ ମିଳିବ ମହୁରିଆ ଅଏଁଠାର ପିଣ୍ଡାରେ ଜମିଛନ୍ତି ହାଡୁ, ପଲଟୁ, ମହର୍‌ଗୁ ଓ ଗହଦୁ ଚରିତ୍ର । ଯିଏ ଯାହାର ବାଦ୍ୟକୁ ଧରି ଆସିଛନ୍ତି ଆପଣା ଭାବରେ । ଏ ଦୃଶ୍ୟରେ ଗୋଟିଏ କଥା ଲକ୍ଷ୍ୟ କରାଯାଇପାରିବ ଯେ, ଦୁଲ୍‌ଦୁଲିରେ କିଭଳି ପ୍ରତ୍ୟେକ ବାଦ୍ୟର ଗୁରୁତ୍ୱ ରହିଥାଏ; ଜଣେ ଅନ୍ୟ ଜଣଙ୍କର ବ୍ୟତୀତ ଅସ୍ତିତ୍ୱହୀନ । ତେଣୁ ହାଡୁ ଯେତେବେଳେ ସେ ରାତିଟା ଯେ କେତେ ସୁନ୍ଦର ହୋଇଛି ତେଣୁ ପଲଟୁକୁ ଟିକେ 'ନିଶାନ୍' ବଜାଇବାକୁ କହିବାରୁ; ପଲଟୁ : "ଖାଲି ନିଶାନ୍ ଆନ୍‌ଲେ କାଣା କର୍‌ବୁ ବୋ, ବିନ୍ ଢୁଲେ କାଏଁ ବଜାରେ, ବିନ୍ ରାଏଜେ କାଏଁ ରଜା" ।(ପୃ-୧) ଅର୍ଥାତ୍ କେବଳ ନିଶାନ୍ ଆଣିଲେ କ'ଣ ହେବ, ବିନା ଢୋଲରେ କ'ଣ ବାଜାବାଜିବ ନା' ବିନା ରାଜାରେ କେବେ ରାଜ୍ୟ ହେଲାଣି ବୋଲି ପ୍ରକାଶ କରିଛି । ପରେ ପରେ ସେମାନଙ୍କର ଯେଉଁ କଥୋପକଥନ ହୋଇଛି : ସେଥିରେ ଅଭାବ, ନିରାହାର ଆଉ କ୍ଷୁଧାର ପ୍ରସଙ୍ଗଟି ବେଶ୍ ଭାବିତ କଲାଭଳି : " ସମ୍‌କର ଦଶା ଏକାଟାରେ ଭାଇ-/ କିଏ ଆର୍ ଦୀନା ମହାଜ୍‌ନ ଲେଖେଁ ପୁରାବାଁଧି ରଖିଛେ ।"(ପୃ-୨) ହାଡୁର ଏ ବକ୍ତବ୍ୟରେ ପ୍ରଚ୍ଛନ୍ନରେ ଥିବା କଥାଟି ହେଉଛି ସମସ୍ତେ କ'ଣ ଆଉ ଦୀନା ମହାଜ୍‌ନ ଯେ ଧନ ଗଚ୍ଛିତ ରଖିଛନ୍ତି ! ତା' ସହିତ ଅନେକ ପ୍ରସଙ୍ଗ ଭିତରେ ଅକାଳ, ମହର୍‌ଗୁର ସ୍ତ୍ରୀର ଶାରୀରିକ ଅସୁସ୍ଥତା, ଗହଦୁର ଅଭିବ୍ୟକ୍ତିରେ ଘରେ ମୁଠେ ହେଲେ ଖାଦ୍ୟଖୋଜି ଖାଇବାକୁ ନଥିବାର ଦାରିଦ୍ର୍ୟତା ଥିଲା ସମଗ୍ର ବଜ୍‌ନିଆମାନଙ୍କର ଅସରନ୍ତି ଜୀବନର ବ୍ୟଥା ! ସେହି ପ୍ରଥମଦୃଶ୍ୟରେ ହାଡୁକୁ ଅନ୍ୟମାନେ କହିବାରୁ ହାଡୁ ଗାଇଛି ରସର୍‌କେଲୀ, ଡାଲଖାଇ ଗୀତ । ଗୀତର ଭିତରେ ଭିତରେ ପୁଣି କଥାର ଅସରନ୍ତି ଖିଅ; ଯେଉଁଠି ସେମାନଙ୍କର ଅପରିବର୍ତ୍ତିତ ନିୟତି ଓ ଦୁର୍ଭାଗ୍ୟର ଅନ୍ତର୍କଥା ବେଶ୍ ବେଦନା ଜଡ଼ିତ । ନିମ୍ନୋକ୍ତ ସଂଳାପରେ ଅନୁଭବି ହେବ ସେଇ କଥାଟି:

"ଗହଦୁ : କେତେ କମାବୁ ବୋ...
ସକାଲେ କମାଲେ ସଁଜକେ ନାଇଁ ।
ମହର୍‌ଗୁ : ଢୋଲ ପିଟି ପିଟି କେତେ କମାବୁ
କହ ? ହାଡୁ : ଆମର୍ ଇ ଦଶାଟା ନାଇଁ ବଦଲେନ କାଏଁ ବୋ ? ଏନ୍ତେ ହିଁ ରହିଯିମା ଆମେ ସଭେଯାକ କାଏଁ ?ଗହଦୁ : ମୋତେ ତ ଚାରିଦିଗ୍ ଅଁଧାର ଦିଶୁଛେ ଭାଇ;
କେନୁ ଗୁଟେ କିଏ 'ଡକାବା ଯେ,
ଦୁଇଶ'କି ଚାରଶ' ଦେବା...
ପଲଟୁ : ମୁଟାମୁଟି ସିନା ଚାରଶ' ବୋ,
ଭାଗ୍ କରିନେଲେ କେତେ
ଯେନ୍ ରାଆଁଡ଼ି କେ ସେ ଦୁଖ୍..." (ପୃ-୬)

ଉପର୍ଯ୍ୟୁକ୍ତ ସଂଳାପ ଭିତରେ ଅନୁଭବି ହେବ ବଜ୍‌ନିଆମାନଙ୍କର ଅପରିବର୍ତ୍ତିତ ବିଘ୍ନିତ ଅର୍ଥନୀତିର କରୁଣତା; ଅପରପକ୍ଷରେ କାର୍ଯ୍ୟର ଅଭାବ; ସେମାନଙ୍କର ଅବସ୍ଥାକୁ ଅଧିକ ବିଡ଼ମ୍ବିତ କରିଛି ।

ଏହି ପ୍ରଥମ ଦୃଶ୍ୟରେ ହିଁ ସମସ୍ତେ ଆସି ଅଏଁଠାର ପିଣ୍ଡାରେ ବସି ଏସବୁ ଆଲୋଚନା ଓ ଗୀତ-ବାଦ୍ୟ ଭିତରେ କିନ୍ତୁ ଅନୁପସ୍ଥିତ ଅଏଁଠାକୁ ସେମାନେ ଡାକିବା ଏବଂ ତା'ପ୍ରତି ରହିଥିବା ଶ୍ରଦ୍ଧା-ଭୟ ଭାବ ଦୁଲ୍‌ଦୁଲିର ମୁଖ୍ୟ ମୁହୁରିଆର ଗୁରୁତ୍ୱକୁ ସୂଚାଇଥାଏ; ସେ ଯଦି ଟିକିଏ ଚାହିଁବ ତେବେ ସେମାନେ ଯେଉଁ ମଦ ଟିକିଏ ଟିକିଏ ପିଇବାର ଆଶା ନେଇ ତା' ପାଖକୁ ଆସିଛନ୍ତି; ତାହା ବି ପୂର୍ଣ୍ଣ ହେବ । ଆଉ ଏହି ଅଭିଳାଷ ଏକ ଆନ୍ତରିକ ଭଲପାଇବା ଏବଂ ଗୋଷ୍ଠୀଜୀବନର ଏକତାକୁ ପ୍ରତୀକିତ କରିଥାଏ । ମାତ୍ର ସେଦିନ ସେମାନଙ୍କର ସେ ଆଶା ପୂରଣ ହୋଇପାରିନାହିଁ ଅର୍ଥାଭାବରୁ । ଅଏଁଠା ଭାବୁଥିଲା ଯେ ତା' ପାଖରେ ପାଂଟଙ୍କା ଗୋଟିଏ ରହିଛି; ମାତ୍ର ତା'ର ମନେ ନଥିଲା ଯେ ସେଥିରେ କସ୍ତୁରୀ ଆଣିସାରିଥିଲା ସାମାନ୍ୟ ଡ଼ାଲି-ଦିଆସିଲି-ମରିଚର ସଉଦା । ଭାଇ ଅଏଁଠାକୁ ତା'ର ଅନ୍ୟ ସହଯୋଗୀମାନେ ଆସି ଯେ ମଦ ପିଆଉଛନ୍ତି; ସେଥିପାଇଁ ତା'ର ଦେହ ଖରାପ୍ ହୋଇଗଲାଣି; ତା'ର ପିଇବା ଉଚିତ୍ ନୁହେଁ ବୋଲି କସ୍ତୁରୀ ସବୁବେଳେ କରେ ବାରଣ; କିନ୍ତୁ ଅର୍ଥାଭାବ, ଦାରିଦ୍ର୍ୟତା, ଅନାହାର ଆଉ ଦୁଃଖକୁ ଯେ ସେଇ କେଇ ବୁନ୍ଦା ପାନୀୟ ଧରିରଖିଛି ସେମାନଙ୍କୁ; ଆଉ ଯୋଡ଼ି ଧରିଛି ସେମାନଙ୍କୁ; ସେକଥା ମଧ୍ୟ ବେଶ୍ ଆତ୍ମୀୟତାର ସହ ପରିବେଷିତ ହୋଇଛି ନାଟକରେ । ଧାର୍‌ରେ ମଦ ଠିକାଦାରିଣୀ ସେମାନଙ୍କୁ ଦେବ ନାହିଁ ମଦ; ପିଇବାକୁ ପାଖରେ କିଛି ଯୋଗାଡ଼୍ ନ ହୋଇପାରିବାରୁ ଅଏଁଠା ସମସ୍ତଙ୍କୁ ; ଆଜି ସମସ୍ତେ ଯାଇ ଶୋଇପଡ଼; କାଲିକି ଦେଖିବା; କସ୍ତୁରୀ ବି ଚିଡୁଛି ବୋଲି କହିଛି : "ନନୀ ବିର୍‌ଝୁଛେ ବୋ ପିଲେ, ଯ' ଶୁଇବ ଯ, କାଏଲକେ ଦେଖିମା:" (ପୃ-୧୫) । ଏଇଠାରେ ହିଁ ଶେଷ ହୋଇଛି ପ୍ରଥମ ଦୃଶ୍ୟ; ମାତ୍ର ଏହାର ଶେଷରେ ବହିରାଗତ ଗବେଷକ ଅସୀମ ଆସି ପହଂଛନ୍ତି ସେଇ ଗାଆଁରେ ଏବଂ ଅଏଁଠାର ସେଇ ପିଣ୍ଡାରେ ହିଁ ବ୍ୟାଗ୍‌ରୁ ଚାଦରଟିଏ

କାଢ଼ି ଘୋଡ଼ିହୋଇ ଶୋଇ ପଡ଼ିଛନ୍ତି ନିଶ୍ଚିନ୍ତ ଭାବରେ ।

ଦ୍ୱିତୀୟ ଦୃଶ୍ୟର ଆରମ୍ଭରେ କସ୍ତୁରୀ ଦେଖିଛି ଯେ ସେମାନଙ୍କର ପିଣ୍ଡାରେ କେହିଜଣେ ଶୋଇଛି । କସ୍ତୁରୀ, ସେଥିପାଇଁ ଅସୀମକୁ ବିରକ୍ତ ହେଲେ ହେଁ ଅସୀମ କିନ୍ତୁ ବେଶ୍ ଅନୁରାଗ ଜଡ଼ିତ ସଂବାଦ ପରିବେଷଣ କରି କଥାହେବା ବେଶ୍ ମନୋରଞ୍ଜନଧର୍ମୀ । ତା'ପରେ ସେଠି ଆସି ଯୋଗ ଦେଇଛନ୍ତି ମହରଗୁ ଓ ଅଏଁଠା । କସ୍ତୁରୀ ସେମାନଙ୍କୁ ଅଭିଯୋଗ କରିଛି ଯେ ଅଜଣା, ଅଶୁଣା କେହି ଜଣେ ଘରେ ପଶି ଆସିଚି;ଯାହାର କି ଲାଜ ସରମ ମଧ୍ୟ ନାହିଁ । ସେଠାରେ ଅସୀମ ମୁଁ ଚୋର ତସ୍କର ନୁହେଁ ତୁମ ଭଳିଆ ମଣିଷ ଜଣେ; ମୋତେ ମୁହଁଧୋଇବା ପାଇଁ ପାଣିଦିଅ ବୋଲି କହିବାରୁ ଅଏଁଠା: "ଆମେ ବଜ୍‌ନିଆ ଲୋକ୍" ବୋଲି କହି ତା'ର କୁଣ୍ଠାପ୍ରକାଶ କରିଛି । ମାତ୍ର ସେଠାରେ ଅସୀମ କହିଥିବା କଥାଟି ବେଶ୍ ଭାବଦ୍ୟୋତକ: "ଲୋକ୍ ତ ଲୋକ୍, ଫେର୍ ବଜନିଆ ଲୋକ୍ ଗୁଟେ କାଣା ?" (ପୃ-୨୨) ସାଷ୍ଟାମ ହେଲାପରେ ଅସୀମ ଓ ଅଏଁଠାର କଥୋପକଥନ ହୋଇଛି ଏବଂ ଅସୀମ ନିଜର ପରିଚୟ ଦେବା ସହିତ ସେ ଯେ ଗାଁ, ଗହଳ, ସହର, ମଫସଲ ବୁଲିବୁଲି ଲୋକଙ୍କ ଜୀବନଶୈଳୀ ସମ୍ପର୍କରେ ଗବେଷଣା କରୁଛି ବୋଲି ତା'ର ସେଠାକୁ ଆସିବାର ଅଭିପ୍ରାୟ ଜଣାଇଛି । ଅସୀମର କଥା ଭିତରେ ସାଧାରଣ ମଣିଷର ଦୁରବସ୍ଥା ଓ ସ୍ଥିତି ପରିବର୍ତ୍ତନର କଥା ଆସିବା ବେଳେ ଅଏଁଠା ତା'ର ଗ୍ରାମୀଣ ସଚେତନତାରୁ କହିଚି କେତେକ ବିଶେଷ ସାମାଜିକ ବିସଙ୍ଗତିର କଥା ଏବଂ ଉଭୟଙ୍କ ଭିତରେ ସାମାଜିକ ବୈସାମ୍ୟ ତଥା ଅସୀମ୍‌ର କାର୍ଯ୍ୟଧାରା ନେଇ ହୋଇଛି ବାର୍ତ୍ତାଳାପ :

"ଅଏଁଠା : ସତ୍ କଥା ତ...
ଯାର୍‌ନେ ଅଛେ ତାକେ ଖଏ ଢେଁକାରୀ,
ଆର୍ ଯାର୍‌ନେ ନାଇନ,
ତାର୍ ପେଟ୍‌ଟା ସବୁବେଳେ ଲକ୍ ଲକ୍ ।
ଅସୀମ : ପୂର୍ବପାତି ଦିନୁଁଇ ସମାଜର ଦଲେ ଖଟ୍‌ବେ,
ଆଉ ଦଲେ ଖଟାବେ ।
ଇ ଦୁହିଦଲ୍‌କେ ନେଇକରି ତ ଯେତେ ଘିଁଚାଟନା । ଅଏଁଠା : ଇଟା ତ କରମ୍‌ର୍ ମାଗନି,
କିଏ କାଣା କର୍‌ବା ?
ଅସୀମ : କିଏ କହେଲା କରମର୍ ମାଗନି ?
ସମାଜ୍ ଥି ଇ ଯେନ୍ ପାତର୍ ଅଁତର,ଇ'ଯେନ୍ ଥିଲା-ନାଇଁ ଥିଲାର୍ ଭେଦ୍‌ଭାବ୍ ଅଛେ,
ମୁଇଁ ସେ ବିଷେଥି ଗବେଷଣା କରୁଛେଁ ।
ଇ' ବିଷେଥି ଅଧିକା ଜାନ୍‌ବାର୍ ଲାଗି ଚାହୁଁଛେ । ମୋର ଗବେଷଣାର ଉଦ୍ଦେଶ୍ୟଟା ହେଲା,ଆମର ଗାଁ-ଗହଳିଥି ପରାପାଟ୍‌କେ,
ଲୋକମାନକର୍ ଯେନ୍ ଗାନାବାଜ୍‌ନା,
ସଁଗୀତ ନାଟକ, ପାଲା ଛୁଁଚାର,
ଡାଲଖାଇ, ରସର୍‌କେଲୀ,
ସେ ସବୁ ବିଷେଥି,
ମୁଇ ଟିକ୍‌ନିକ୍ ଜାନ୍‌ବାର ଲାଗି, ତମର୍‌ମାନ୍‌କର୍ ନିକେ ଆଇଛେଁ ।" (ପୃ-୨୪-୨୬)

ଅସୀମର ଗବେଷଣାର ଆଭିମୁଖ୍ୟକୁ ଅଏଁଠା ପୂର୍ଣ୍ଣତଃ ନବୁଝୁଥିଲେ ହେଁ ସେ ଜାଣିପାରୁଥିଲା; ସେମାନଙ୍କ ପାଇଁ ହୁଏତ ଏହି ପାଠୁଆବାବୁ କ'ଣ ସବୁ ଚିନ୍ତା କରୁଛି । ଅଏଁଠା ସେଥିପାଇଁ କହୁଛି : "ଆମେ ସଭେ ବଜାନେବାଲାଢୋଲ-ନିସାନ, ତାସା-ଝଁଜ-ମୁହୁରୀ,ତୁମେ ଇ'ଥୁ କାଣା ପାଏବ ? ଆମେତ ଭାଇ କୁଆଁର ବେଙ୍ଗ୍ ଆମ୍‌କୁ ତମେ ସମୁଦର୍ କେ ନେଇ କରି କାଣା କରବ ?କେନ୍ ପୁଥିପାଁଜିଥି ଆମର ନାଁ ଗାଁ ଅଛେ ?କେନ୍ ଖେତ୍‌ର ଢେଲ୍ ଆମେ...ଆଉ ଆମର୍ ଫଟୁ, ଆମର୍ କଥା, ତମର୍ ବହିଥି ଲେଖିକରି, କାଣା ମିଲ୍‌ବା ତମ୍‌କୁ ? ଘଙ୍ଘ ବଡ଼େ ଝାଁପରୁ ଗଛତଲେ ଥିଲେ, କିଛି ନାଇଁ ମିଲ୍‌ଲେ, ଛାଏଁତ ମିଲ୍‌ବା, ଆର୍ ଡୁଁଡ଼ା ଗଛତଲେ ରହେଲେ କାଣା ମିଲ୍‌ବା"(ପୃ-୨୫-୨୬) ।

ଅସୀମର ଯୁକ୍ତିଥିଲା ସମଗ୍ର ଲୋକଜୀବନ ହେଉଛି ତା'ର ଗବେଷଣାର ଆଧାର; ତା' ସହିତ ତା'ର ଆଂଚଳିକ ଲୋକଜୀବନ, ନାଚଗୀତ-ବାଦ୍ୟ ସବୁକିଛି । ଆଉ ତାକୁ ସେଥିପାଇଁ ବଡ଼ ବ୍ୟାପ୍ତ ଗଛର ଛାଇ ଲୋଡ଼ା ନୁହେଁ ବରଂ ଯେଉଁ ଗଛ ଶୀର୍ଣ୍ଣ ଆଉ ଶୁଷ୍କ ସେଇ ଗଛ ହିଁ ତା'ର କାମ୍ୟ : "ଯେନ୍ ଡୁଁଡା ଗଛର୍ ଛାଏ ନାଇନ୍, ମୁଇଁ ସେନ୍ତା ଗଛ୍ ଖୁଜୁଛେଁ/ଝଁପ୍‌ରୁ ଗଛ୍‌ତି ମୋର୍ କାମ୍ ନାଏନ ।ମୁଇଁ ଯେନ୍ତା ଭୁଖା,/ଇ ସମାଜର୍ ମୋର ଲେଖେଁ ଭୁଖାମାନ୍‌କର୍,ଘଙ୍ଘ ସାଙ୍ଗେ ଗୁଟେ ହୋଇଯିବାର ଲାଗି ଚାହୁଁଛେ ! କାଣା କଲେ ଆମେ ସଭେ ଗୁଟେ ହେଇ ପାର୍‌ମା ? ସଭେ ଭାଗ୍‌ବଁଟା କରି ଚଲି ପାର୍‌ମା,ଜନ୍ କରନେ ଜହ ନାଇଁ ହବା, କି ଆଉ ଜନ୍ କରନେ କମ୍ ନାଇଁ ହବା ?" (ପୃ-୨୬-୨୭) ।

ଅସୀମ ନିଜକୁ ସେମାନଙ୍କ ଭଳି ଜଣେ ଏବଂ ସେମାନଙ୍କ ଭଳି ସମାନ ସ୍ତରର ବୋଲି କହିବା ସହିତ ସେଇ 'ବିସମତା'କୁ 'ସମତା'ରେ ବଦଳେଇବାର ତା'ର ଆଭିମୁଖ୍ୟ ହେବ ଏବଂ କିଭଳି ସମସ୍ତେ ଏକାଠି ଏକ ହୋଇ ଏକ ଧନୀ-ଗରିବ ବିହୀନ ସମାଜରେ ଜିଇପାରିବା; ସେକଥାଟିକୁ ଦେଇଛି ଗୁରୁତ୍ୱ । ଯେଉଁଠି ସମକାଳର ମାକ୍ସୀୟ ଭାବନା ସହିତ ଦଳିତ ବିମର୍ଶ ଭଳି ଭାବନାକୁ ଅସୀମ ଦେଇ ପ୍ରତିଭାସିତ କରାଯାଇପାରେ । ଅସୀମ ସମାଜର ସେଇ ପଛୁଆ ବର୍ଗ ପାଇଁ ହିଁ ତା'ର ଗବେଷଣା ଅଟେ । ବୋଲି କହିବା ସହିତ ସେ ଯେ ସମାଜର ସେଇ 'ଭୁଖା' ବା ଭୋକିଲା ମଣିଷମାନଙ୍କ ପାଇଁ ଗୋଡ଼ କାଢ଼ିଛି ଏବଂ ତାହା ହିଁ ତା'ର ଏଷଣା ଏବଂ ଆନ୍ଦୋଳନର ପ୍ରମୁଖ ବିଷୟ ବୋଲି ବୁଝାଇବାକୁ ଚେଷ୍ଟା କରିଛି ଅଏଁଠାକୁ ।

ଅସୀମ, ଅଏଁଠାର ଆଗ୍ରହରେ ତା'ର ଘରେ ହିଁ ରହିଛି ଏବଂ ଗବେଷଣା ପାଇଁ ତଥ୍ୟସଂଗ୍ରହ କରିବା କଥା ଭାବିଛି । ସେହି ଦ୍ୱିତୀୟ ଦୃଶ୍ୟରେ ହିଁ ଦେଖିଛି କିପରି ଦୀନା ମହାଜନ ପାଖକୁ ସଉଦା ପାଇଁ ଯାଇଥିବା ଫୁଲକୁ ଦୀନା କିଛି ନଦେଇ କିଭଳି ଫେରାଇ ଦେଇଛି । କାରଣ ଆଗରୁ ଅନେକ ବାକୀ ରହିଛି ସେମାନଙ୍କର । ସେତେବେଳେ ଫୁଲକୁ ଗାଳିଦେଇ ଫେରେଇଥିବା ଦୀନା ମହାଜନ ପ୍ରତି ରୋଷ ପ୍ରକାଶ କରିବା ସହିତ ଅଏଁଠା ତା'ର ପ୍ରିୟ ସଂପଦ 'ମହୁରି'କୁ ଚାହିଁଛି ବନ୍ଧକ ଦେଇ କିଛି ନେଇଆସିବ; କାରଣ ତା'ର ଘରେ ପାଠୁଆ ବାବୁ ଅଛି କୁଣିଆ ଭାବରେ । ବଜନିଆ ସେତେବେଳେ ତା'ର ପ୍ରିୟ ବାଜାକୁ ବନ୍ଧକ ରଖେ, ଯେତେବେଳେ ତା'ପାଖରେ ଆଉ ଅନ୍ୟ ଉପାୟ ନଥାଏ । ଦୀନାକୁ ଅଏଁଠା କହିଛି : "ମୋର୍‌ନେ ପଏସା ଥିଲେ, କାଁଜେ ମୋର୍ ମୁହୁରୀ ଦେତିଁ? ଜାନିଛୁ? ଇ ମୁହୁରୀ ମୋର୍ ସବ୍ ଆଏ ମୋର ମାଁ ଆଏଁ । ମୋର ବୁଆ ଆଏ ।/ମୋର ମହାପୁରୁ ଆଏ ।" (ପୃ-୩୧) । ଅଏଁଠା ପାଇଁ ତା'ର ମହୁରି ହେଉଛି ତା'ର ମା'-ବାପା-ଆଉ ଭଗବାନ୍! ତା'ର ଜୀବନ ଓ ଜୀବିକାର ସଂପଦ । ଅଏଁଠାର ଏ କଥା ଭିତରେ ବଜନିଆ ମଣିଷର ଆର୍ତ୍ତି ଆଉ ଆକୁତିକୁ ଅନୁଭବି ହେବ ବେଶ୍ ସ୍ପର୍ଶକାତରତାର ସହିତ ।

"ବା'ରେ ମାହାପୁରୁ!ଇ' ମୁହୁରୀ ଯଦି ମାହାପୁରୁ ହେଇଥିତା ତମ୍‌ର ଶଳାକର୍ ଘରେ କାଏଁ ଡୁନ୍‌ଡୁନୀ ବୁଲୁଥିତା?" (ପୃ-୩୧) ଭଳି ଅବଜ୍ଞାସୂଚକ ଗାଳି ଦେଇଛି ଦୀନା! ଦୀନା ଥିଲା ସେ ଅଂଚଳର ଜଣେ ମାତ୍ର ଆଶା ଭରସା ସେହି ଲୋକମାନଙ୍କର; କିନ୍ତୁ ଅଭାବ ଓ ଦୁରବସ୍ଥା ବିଜଡ଼ିତ ଗାଁରେ 'ଭୋକ' ଥିଲା ସୀମାହୀନ! ଯେଉଁଠି 'ଭୋକ'; ଯେଉଁଠି 'ଅଭାବ' ; ସେଇଠାରେ ହିଁ ଥାଆନ୍ତି ଦୀନା ଭଳି ମହାଜନ; ଯେଉଁମାନେ ଯେତେ ସହାୟ ହୁଅନ୍ତି; ତା' ଠାରୁ ଅଧିକ ଶୋଷୀ ନିଅନ୍ତି ସାଧାରଣ ମଣିଷମାନଙ୍କୁ । ଗରିବ ଆଉ ସାହୁକାର ମହାଜନଙ୍କର ସମ୍ପର୍କ ସବୁଠି ହିଁ ସମାନ!

ଏକ ଅନାବିଳ ସରଳତା ଭିତରେ କସ୍ତୁରୀ ଆଉ ଅସୀମ ଭିତରେ ସୃଷ୍ଟି ହୋଇଛି ଆତ୍ମୀୟ ଭାବ ଆଉ ଅନ୍ତଃ ସଲୀଳା ଫଲଗୁ ଭଳି ବେଶ୍ ଛଳଛଳ ହୋଇଛି ସମଗ୍ର 'ଭୁଖା' ନାଟକରେ । ଏହି ଦୃଶ୍ୟରେ ସଂଯୋଜିତ ଗୀତ : "ତୁଇ ମୋର୍ ଛେଚ୍‌ରୀ ଘରର୍ ରାଏସ୍ ସର୍‌ସର୍ ଘି' ସର୍‌ବର୍ ଅରସା..." ଭିତରେ ଅସୀମ ଓ କସ୍ତୁରୀର ମୁକୁଳିତ ଭଲପାଇବା ବେଶ୍ ପ୍ରତିବିମ୍ବିତ । ଗୀତରେ ପ୍ରତିବିମ୍ବିତ 'ରାଶିଭରା ଘିଅବୋଳା ଆରିସା' ବା 'ରାତିର ସ୍ୱପ୍ନରେ ନିଦଭରା ଗରା ଆଉ ଆଖିର ତରା' ଭଳି ପ୍ରେମିଳ ସିକ୍ତ ଅଭିବ୍ୟକ୍ତି ଭିତରେ ଅସୀମ ଓ କସ୍ତୁରୀର ଭାବ ଦିଆନିଆ ପାହାଡ଼ୀ ଝରଣା ଭଳି ବେଶ୍ ଛଳଛଳ!

ତୃତୀୟ ଦୃଶ୍ୟରେ ବଜନିଆମାନଙ୍କର ଦାରିଦ୍ର୍ୟ ଓ ଭୋକର ଆର୍ତ୍ତି ଅଧିକ ହୃଦ୍ୟ । ଆଗକୁ ଆସିବାକୁ ଥିବା ପୁଷ୍‌ପୁନି (ପୌଷପୂର୍ଣ୍ଣିମା) ପାଇଁ ଲୋକମାନଙ୍କର ଆଗ ଭଳି ସରାଗ ଦେଖାଦେଇନି; କାରଣ ବର୍ଷା ହୋଇନଥିବାରୁ ଚାଷବାସର ମାନ୍ଦାଅବସ୍ଥା; ଉପାର୍ଜନ ନଥିବାରୁ ଲୋକଙ୍କ ପାଖରେ ପର୍ବ ପାଳିବାର ମାନସିକତାରେ ଆସିଛି ଦ୍ୱନ୍ଦ୍ୱ । ଅଏଁଠା ଆଉ କସ୍ତୁରୀର କଥୋପକଥନରେ ସେସବୁ ବେଶ୍ ହୃଦ୍ୟ । ଅଏଁଠାର ସଂଳାପ : "ଇ' ବଛର କାଏଁ ପୁଷ୍‌ପୁନି ଲୋ? ଦେଖୁଛୁତ ଲୁକେ ମେରହି ନାଇଁଗାଡ଼ି, ଖେତ ଗୁଟାମୁଟା ଜଳିଗଲାନ । ପନ୍ଦର ଦିନୁ ଲୁକେ ଉଷତ୍‌ଥି ଫାଟି ପଡୁଥିଲେ/ ବଛରଟାକର ତିହାର୍.. ଖଲାଥୁ ଲଛମି ଘରକେ ଯିବେ । ରଜାମାନଙ୍କର୍ ଅଭିଷେକ ହେଉଥିଲା ବଲି, ମୋର ଅଜା କହୁଥିଲା ।"(ପୃ-୪୦-୪୧) । ବର୍ଷାର ଅଭାବ, କୃଷିର ହାନି; କେବଳ ଅଭାବ ନୁହେଁ, ବଜନିଆମାନଙ୍କର ବୃତ୍ତି ଉପରେ ବି ଆଣିଥିଲା ପ୍ରଭାବ । ପୌଷପୂର୍ଣ୍ଣିମାର ହଟଚମଟ ବି ଆଉ ନଥିଲା; ଖଳାରୁ ଲକ୍ଷ୍ମୀ (ଧାନ) ଘରକୁ ନଗଲେ ସାଧାରଣ ଲୋକଙ୍କର କି ଯାନିଯାତରା! ଆଗରୁ ପୌଷପୂର୍ଣ୍ଣିମାରେ ରାଜାମାନଙ୍କର ଅଭିଷେକ ହେଉଥିଲା; ପ୍ରଜାମାନେ ଧାନ, ବିରି, କୋଳଥ, ରାଶି ଆଦି ରାଜାଙ୍କୁ ଭେଟିଦେଉଥିଲେ; ରାଜା ବି ମାଂସ-ଭାତର ଭୋଜି ଦେଉଥିଲେ ପ୍ରଜାଙ୍କୁ । ପୌଷପୂର୍ଣ୍ଣିମାର 'ଛେର୍‌ଛେରା' ମାଗୁଥିଲେ ସାଧାରଣ ଲୋକେ; ସେସବୁ ବିସ୍ୱାଦ ଆଣିଦେଇଥିଲା ଅଭାବ, ଭୋକ ଆଉ ଦାରିଦ୍ର୍ୟ! କସ୍ତୁରୀର ଇଛାଟିଏ ନୂଆ ଲୁଗାପାଇଁ ଥିଲେ ହେଁ ସେସବୁ ହୋଇଥିଲା ସାତ ସପନ! ବଜନିଆମାନେ ଯାହା ଯେମିତି ପରବ ପାଳିବା ପାଇଁ ସେମାନଙ୍କର ପ୍ରବୃତ୍ତି ଆଉ ବୃତ୍ତିର ସଂପଦ ବାଜାମାନଙ୍କୁ ବନ୍ଧାପକାଇ ପର୍ବପାଳିବାର ଇଚ୍ଛା କଲେ ସିନା; ପୌଷପୂର୍ଣ୍ଣିମାରେ ବାଜା କିଭଳି ବାଜିବ; ତାହା ହୋଇଗଲା ସେମାନଙ୍କ ପାଇଁ ପୁଷ୍‌ପୁନିର ବିସ୍ୱାଦର କଥା! ମହରଗ୍ର ଅର୍ଥାଭାବରେ ଢୋଲ ବନ୍ଧାଦେବା କଥା ଭାଙ୍ଗି ଦେଇଥିଲା ଅଏଁଠାକୁ । ଅଏଁଠା ଭିତରେ ସେତେବେଳେକୁ ତା'ର ପୁରୁଣା ଯକ୍ଷ୍ମା ରୋଗ ବଢ଼ି ଚାଲିଥିଲା; ଡାକ୍ତର ବାବୁ ତାକୁ ଆଗରୁ ଅନେକ ଥର ସଚେତନ କରିସାରିଥିଲେ । କସ୍ତୁରୀ ବି ଯେତେ ଗୋଡ଼େ ଗୋଡ଼େ ଜଗିଲେ ମଧ୍ୟ ବିଡ଼ି ଆଉ ମଦରୁ ମୁକୁଳି ପାରୁନଥିଲା ଅଏଁଠା; ଅନ୍ୟପଟେ ଅଭାବ ଓ ଦାରିଦ୍ର୍ୟତା ଭିତରେ ଭଲ ପଥି କିମ୍ବା ଖାଦ୍ୟର ଅଭାବ ଥିଲା ସେମାନଙ୍କର ନିତିଦିନିଆ କଥା । ତା' ଉପରେ ମୁହୁରୀ ପ୍ରତି ତା'ର ଚିର ଆସକ୍ତି; କ୍ରମଶଃ ରୋଗ ଦୁର୍ବଳ ଓ ମଳିନ କରିବା ସହିତ ଭିତରୁ ଭିତରୁ ଭାଙ୍ଗି ଦେଉଥିଲା ଅଏଁଠାକୁ । ଏହି ତୃତୀୟ ଦୃଶ୍ୟରେ ହିଁ ଅଏଁଠା ତା'ର ଭଉଣୀ କସ୍ତୁରୀକୁ ପଚାରିବାକୁ ଚାହୁଁଥିଲା ସହରୀ ବାବୁ ଅସୀମ ବିଷୟରେ । ସେହି ସମୟରେ ହିଁ ଅସୀମର ଆଗମନ ଏବଂ ଅଏଁଠା ଓ ଅସୀମ ଭିତରେ ହୋଇଛି କଥୋପକଥନ । ଯେଉଁଠି ଅସୀମ ତା'ର କାର୍ଯ୍ୟ ଶେଷ କରିଦେଇଥିବା କଥା କହିବା ସହିତ ତା'ର ଥିସିସ୍‌କୁ ଶୀଘ୍ର ସେ ସରକାରଙ୍କ ପାଖରେ ଜମା କରିବାକୁ ପଡ଼ିବ ବୋଲି କହିଛି । ଏପରିକି ଏ କାର୍ଯ୍ୟର ପରିସମାପ୍ତିପରେ

ତାକୁ ନିଶ୍ଚିତ ଭାବରେ ଭଲ ଚାକିରିଖଣ୍ଡେ ମିଳିଯିବ ବୋଲି ତା'ର ଆଶାକୁ ଜାହିର୍ କରିଛି ଅଏଁଠା ପାଖରେ । ଅଏଁଠାକୁ ଅସୀମ ଚାକିରି ପାଇଲେ ସେ ପୁଣି ଫେରି ଆସିବ ବୋଲି କହିବାରୁ; ଅଏଁଠା : "ମୋର ଯା' ହଉକି ତା' ହଉ, ତମେ କସ୍ତୁରୀକେ ଆପ୍‌ନାର କଲେ, ମୁଇଁ ବଡେ ବୋଝଥୁ ପାର୍ ହେଇଯିବି ଭାଇ..." (ପୃ-୪୬) ବୋଲି କରିଛି ସସ୍ନେହ ବିନତି । କସ୍ତୁରୀକୁ ଗ୍ରହଣ କରିବା ପାଇଁ ଅସୀମ ଆଗରେ ଅଏଁଠା ତା'ର ମନକଥା କହିବା ସହିତ ଅସୀମ ଯେ ଉଚ୍ଚଜାତିର ଏବଂ ପାଠୁଆ ପିଲା; ସେ ଯେ ଏଭଳି ପ୍ରସ୍ତାବକୁ କିଭଳି ନେଉଛି କଥାରେ ଅସମୀର ଅଭିବ୍ୟକ୍ତି ଥିଲା ଅଧିକ ସ୍ୱୀକୃତିମୂଳକ ଆଉ ପ୍ରତିଶ୍ରୁତିପୂର୍ଣ୍ଣ : " ହେନ୍ତା କଥା ନୁହଁ ଦାଦା, ମୋର କଥା କାଣା କହିମି ? ମୁଇଁ ଭି ଗରିବ ଘରର୍ ପିଲାଟେ । ପିଲାଦିନୁ ବାପ୍‌ମାଁକେ ଦେଖି ନାଇଁ କି ଜାନି ନାଇଁ- ମୋର ହେନ୍ତା ଜାଏତ୍ ଫାଏତ୍ କିଛି ନାଇଁନ ଭାଇ, ମୁଇଁ ଜାନ୍‌ସିଁ ମୁନୁଷ୍...ମୁନୁଷ୍ ହିଁ ସବୁ..ମୁନୁଷ୍ ମୋର ଜାଏତ୍,ମୁନୁଷ୍ ମୋର ମା' ବାପ୍...ମୁନୁଷ୍ ମୋର ସବୁକିଛି । ମୁଇଁ ଚାରି ଦିଗ୍‌କେ ସାକ୍ଷୀ ରଖିକରି କହୁଛେଁ, କସ୍ତୁରୀ ଆର୍ ମର୍ ଭିତ୍‌ରେ କିଛି ଫରକ୍ ନାଇଁନ..ମୁଇଁ, ମୁଇଁ ତା'କେ ବିହାହେମି ମୁହୁରିଆ ଦଦା, ମୁଇଁ ତାକେ ବିହାହେମି" (ପୃ-୪୮-୪୯) ।

ଅସୀମ ଆବାଲ୍ୟ ଅନାଥ; ତାପାଇଁ ସବୁଠାରୁ ଉଚ୍ଚରେ ହେଉଛି ମଣିଷ ଏବଂ ମଣିଷଜାତି ହିଁ ହେଉଛି ତା'ର ଜାତି ! ଏକଥା ଭିତରେ ଅସୀମର 'ପ୍ରଗତିଶୀଳ' ଭାବନା ଓ 'ସମଦୃଷ୍ଟି'ର ଚେତନା ବେଶ୍ ଭାବିତ କଲାଭଳି । ସେଇ ନ୍ୟାୟରେ ସେ ମାନେ ନାହିଁ; ଜାତି-ଧର୍ମ-ବର୍ଣ୍ଣର ବିସଙ୍ଗତି ଆଉ ଅନୁରାଗ ରଖିଥିବା କସ୍ତୁରୀକୁ ସେ ବାହା ହେବାପାଇଁ ଅଏଁଠାକୁ ଦେଇଛି ନିର୍ଭୟ ପ୍ରତିଶ୍ରୁତି !

ଏହି ତୃତୀୟ ଦୃଶ୍ୟରେ ହିଁ ଅଏଁଠାର ପାଟିରୁ ବାହାରିଛି ରକ୍ତଧାରା ଏବଂ ଅସୀମ ଏହା ଯେ ଯକ୍ଷ୍ମା (ଟି.ବି) ବୋଲି ସୂଚେଇବା ସହିତ ତା'ର ଉପଯୁକ୍ତ ଚିକିତ୍ସା କରାଯାଇପାରିବ ବୋଲି କହିଛି । ଅସୀମର ଯିବା କଥାରେ ଭାଙ୍ଗିପଡିଛି କସ୍ତୁରୀ ଏବଂ ସେ ଯେ ଅସୀମ ବ୍ୟତୀତ କ୍ଷଣେହେଲେ ରହିପାରିବ ନାହିଁ ବୋଲି ସୂଚାଇଛି ତା'ର ଭଲପାଇବାର ଗଭୀରତାକୁ । ଗୋଟିଏ ପଟେ ଅଏଁଠାର ରୋଗର ବୃଦ୍ଧି ଏବଂ ଅନ୍ୟପଟେ ଅସୀମର ସହରକୁ ଯିବାକଥାରେ କସ୍ତୁରୀ ନିଜକୁ ଏକାକୀ ମଣି ଭାଙ୍ଗି ପଡୁଥିବା ବେଳେ ଅସୀମ ଦେଇଛି ଗଭୀର ପ୍ରତ୍ୟୟ ! ଆଗକୁ ଆସୁଥିବା ପୌଷପୂର୍ଣ୍ଣିମା ପାଇଁ ସମସ୍ତେ ଅଟକାଇବାକୁ ଚେଷ୍ଟା କଲେ ଅସୀମକୁ । ମହର୍‌ଗୁ ମଧ୍ୟ ଅସୀମ ପ୍ରତି ଜଣାଇଛି ସେମାନଙ୍କର କୃତଜ୍ଞତା : "ତମେ ଆମର୍ ଆଏଁଖି ଖୁଲିଦେଲ, ଛେଲିଆ ଡୁମ୍‌ରିର ଦର୍‌ଗଡ଼ୋ ମାକର୍ଲା ପଥର ଲେଖେଁ ଆମେ ପଡ଼ିଥିଲୁ ।"(ପୃ-୫୬)

ସେହି ତୃତୀୟ ଦୃଶ୍ୟରେ ଅସୀମ, ମହର୍‌ଗୁ ଆଗରେ କହିଛି; ମୁଁ ତୁମାମାନଙ୍କ ପାଇଁ ହିଁ ଗାଆଁକୁ ଆସିଥିଲି । ମୋର ଗବେଷଣା ହେଉଛି ମୋର ସାଧନା; ମୋର ସବୁ ଚେଷ୍ଟା ତୁମମାନଙ୍କ ପାଇଁ । ତୁମମାନଙ୍କର ନାଚ-ଗୀତ-ଢୋଲ-ନିସାନ ମୋ ପାଇଁ ଅମୂଲ୍ୟ ସଂପଦ । ତମମାନଙ୍କ ପାଇଁ ମୁଁ ଲଢିବା ଛାଡ଼ିବି ନାହିଁ । ଆଜି ପର୍ଯ୍ୟନ୍ତ ତୁମମାନଙ୍କ ପାଇଁ କେହି କିଛି କରିନାହାନ୍ତି । ହେଲେ ଯୀଶୁଖ୍ରୀଷ୍ଟଙ୍କ ଭଳି କ୍ରୁଶବିଦ୍ଧ ହେବା ଏତେ ସହଜ ନୁହେଁ; ମୋତେ ସମସ୍ତେ ବିଶ୍ୱାସକର ମୁଁ ନିଜକୁ ପଛେ ହଜେଇ ଦେବି; ମୋ ଜୀବନକୁ ପଛେ ମୂଛିଦେବି କିନ୍ତୁ ମୁଁ ମୋର ଚେଷ୍ଟା ଛାଡ଼ିବି ନାହିଁ । ମୋତେ ପାପୀ କହି ପଛେ ଫାଶୀଖୁଣ୍ଟରେ ଝୁଲେଇ ନିଅନ୍ତୁ; କିନ୍ତୁ ତୁମ ସମସ୍ତଙ୍କୁ ମୁଁ ସମାଜରେ ମଣିଷ ଭଳି ବଞ୍ଚିବାର ଅଧିକାର ଆଉ ସମ୍ମାନ ଆଣିଦେବି; ମୋତେ ତୁମ ସମସ୍ତଙ୍କର ଆଶୀର୍ବାଦ ଲୋଡ଼ା: "ମତେ ପଛେ ପାପୀ ବଲିକରି ସଜା ଦେଉନ୍, ମୋତେ ଫାଁଶୀଖୁଟାଁଥି ଝୁଲେଇ ଦେଉନ୍- ହେଲେ ତମ୍‌କୁ ମୁଇଁ ଇ' ସମାଜଥି, ମୁନୁଷ୍ ଲେଖେଁ ମୁନୁଷ୍ କରି ଥୁଇମି ।" (ପୃ-୫୭)

ଅସୀମ ସମସ୍ତଙ୍କୁ ଭେଟି ମେଲାଣି ମାଗିଛି ଏବଂ ଅଏଁଠାର ଦାୟିତ୍ୱ ନେଉଥିବ ବୋଲି ସମସ୍ତଙ୍କୁ କହି ସେ ନିଶ୍ଚୟ ଫେରି ଆସିବାର ପ୍ରତିଶ୍ରୁତି ଦେଇ ବାହୁଡ଼ିଯାଇଛି ସେଇ ଦୃଶ୍ୟରେ । ଅସୀମ ଯିବାପରେ ମନଦୁଃଖର ବିଷାଦିତ ପରିବେଶକୁ ସରସ କରିବା ପାଇଁ ମହର୍‌ଗୁ ନିଜ ନିଜ ବାଜା ଆଣ ବଜାଇବା ବୋଲି କହିଛି ଏବଂ ସମସ୍ତେ ଆରମ୍ଭ କରିଦେଇଛନ୍ତି ଏକ ବାଦ୍ୟ-ଗୀତର ପରିବେଶ ।

ଅଏଁଠା ବଜାଇବା ନିମନ୍ତେ ମହୁରୀ ଆଣିବା ଭିତରେ ସେଠାରେ ଆସି ପହଂଚିଛି ଦୀନା ମହାଜନ ଏବଂ ସମସ୍ତଙ୍କୁ ତା'ର ପ୍ରକୋପ ଦେଖାଇ ଗାଳି ଦେଇଛି । ସମସ୍ତେ ତା'ର ଧାର କରଜ ଫେରାଇ ଦିଅନ୍ତୁ ବୋଲି କହିଛି । ସେଠାରେ ଅଏଁଠା, ମହାଜନକୁ ଦାଦା ସମ୍ବୋଧନ କରି କହିଛି; ଆମ ପାଖରେ ଆଉ କିଛି ନାହିଁ; ଯାହା ଅଛି ଆମର ଶେଷ ସଂପଦ ଆମର ଢୋଲ/ନିସାନ୍ ସବୁ ନେଇଯାଆ ବୋଲି କହିବା ସହିତ ତୋ ପାଇଁ ଆମେ କ'ଣ ନକରିଛୁ ବୋଲି କହିଛି । ତୋର ବାହାଘରଠାରୁ ଆରମ୍ଭ କରି ତୋର ଗୋତି ଆମେ ଖଟିଛୁ । ଖଳାରେ ଧାନ ମଡ଼େଇଛୁ । ତୋର ଘରେ କାମକରି କରି ମୋର ବାପା ତ କୁଜା ହୋଇଯାଇଥିଲା । ମୋର ବାପା-ମା'-ସ୍ତ୍ରୀ ସମସ୍ତେ ତ କାମ କରି କରି ଚାଲିଗଲେ ଆରପାରିକୁ । କେବଳ ତା'ର କଥା ନୁହେଁ ସାରାଟା ଗାଆଁ ସେଇ କାମ କରିଛନ୍ତି ବଞ୍ଚିବାପାଇଁ । ଏବେ ଯଦି ଆମପାଖରେ କିଛି ନାହିଁ; ତେବେ ଆମେ ସମସ୍ତେ ଏ ଗାଆଁକୁ ଛାଡ଼ି ଚାଲିଯାଉଛୁ । କାରଣ 'ଜୀବନ' ଆଉ 'ଜୀବିକା' କିଛି ଆଉ ନାହିଁ ଦୀନା ମହାଜନ !

ଅଏଁଠାର କଥା ସହ ସମସ୍ତେ ଥିଲେ ଏକମତ । କାରଣ କାହାପାଖରେ ଆଉ କିଛି ନଥିଲା; ତେଣୁ ସେମାନଙ୍କର ଦୁଲ୍‌ଦୁଲିର ସାଜସରଞ୍ଜାମକୁ ଦୀନା ଆଗରେ ଥୋଇଦେଇ ସମସ୍ତେ ନୂଆ

ଏକ ଜୀବନର ସନ୍ଧାନରେ ବାହାରିବାକୁ ଇଚ୍ଛାକଲେ । ଦାରିଦ୍ର୍ୟ, ଅର୍ଥାଭାବ, ରୋଗ, କ୍ଷୁଧା ଆଉ ତା'ର ମାନସିକ ତାଡ଼ନା ଭାଙ୍ଗିଦିଏ ମଣିଷର ସମଗ୍ର ଅସ୍ତିତ୍ୱ !

ଦୀନାକୁ ତା'ର ଘରଦ୍ୱାର ସବୁ ଦେଇ ଅଏଁଠା ପ୍ରସ୍ତୁତ ହେଉଥିଲା ଝିଅ ଫୁଲକୁ ଆଉ ଭଉଣୀ କସ୍ତୁରୀକୁ ଧରି ବାହାରିଯିବାପାଇଁ । ଏତେବଡ଼ ରାଜ୍ୟ କେଉଁଠି ହେଲେ ତ ମିଳିଯିବ ରାହା; ଏହାଥିଲା ଅଏଁଠାର ଆତ୍ମବିଶ୍ୱାସ ! ଏ ଆତ୍ମବିଶ୍ୱାସ ପ୍ରଚ୍ଛନ୍ନରେ କିନ୍ତୁ ସମଗ୍ର ବଜନିଆମାନଙ୍କର ନିଶବ୍ଦରେ ଭାଙ୍ଗିପଡ଼ିଥିଲା ଅସ୍ତିତ୍ୱ ଓ ବଳକା ଆତ୍ମପ୍ରତ୍ୟୟ ! କ୍ରମଶଃ ମନେ ହେଉଥିଲା ଅପସରି ଯାଉଛି ଜୀବନ ଆଉ ସାଂସ୍କୃତିକ ଧରୋହର !

ଏଭଳି ଏକ ବାତାବରଣ ଭିତରେ ଦୀନା ଭିତରେ ଦେଖାଦେଇଛି ଅଦ୍‌ଭୁତ ଏକ ପରିବର୍ତ୍ତନ : "ମହରଗୁ, ଧର, ତ୍‌ର ଢୋଲ ଧର; ଉଠ ନିଅ-ତୁମର୍ ସାଜମାନ ନିଅ- ବଜ, ବଜ ପାରେ/ଅଏଁଠା ଦାଦା କାଣା ଆର୍ ମୁହୁଁ ଉର୍‌ନଉଛ, ଉଠା ମୁହୁରୀ ଫୁଁକ୍ ଘିଁଚିକରି ହଏବୋ ଏତେ ଦିନ୍ ହେଲା, ତୁମେ ତମର ଦୀନା ମହାଜନକେ ନିହେ ଚିହ୍ନ- ମୁଇଁ ନିମକ୍ ହାରାମ୍ ନୁହେଁରେ, ତୁମ୍‌କୁ ନିକ୍ରେଇ ଦେମି ବଏଲିଯେ ସତେ ନିକ୍ରେଇ ଦେମିବଜରେ ଶଲେ ।"(ପୃ-୬୭-୬୮)

ଦୀନା ମହାଜନ ଜାଣିଥିଲା ଯେ ସେମାନଙ୍କ ବ୍ୟତୀତ ତା'ର କିଛି ଅସ୍ତିତ୍ୱ ନାହିଁ; କିନ୍ତୁ କାଳେ ନରମ ପଡ଼ିଗଲେ ତା'ର ଟଙ୍କା ବୁଡ଼ିଯିବ ଏହାଥିଲା ଭାବନାର ମୂଳରେ । ନାଟକର ଏ ଦୃଶ୍ୟରେ ସମସ୍ତେ ବାଜାବଜେଇବାକୁ ଆରମ୍ଭ କରିଛନ୍ତି ଏବଂ ପୁଷପୁନି ପାଇଁ ସବୁ ଖର୍ଚ୍ଚ ଦୀନା ମହାଜନ କରିବ ବୋଲି କହିବା ପରେ ଆନନ୍ଦ ଓ ହସଖୁସିର ଏକ ବାତାବରଣ ସୃଷ୍ଟି ହୋଇଛି ।

ଚତୁର୍ଥ ଦୃଶ୍ୟ ନାଟକର ଅନ୍ତିମ ଦୃଶ୍ୟ ଅଟେ । ଏହି ଦୃଶ୍ୟରେ ସମସ୍ତେ ଆନନ୍ଦମନରେ ପୌଷପୂର୍ଣ୍ଣିମା ପାଳନ କରୁଛନ୍ତି ନାଚ-ଗୀତର ଆସର ସହିତ । ଯେଉଁଠି ହାଡୁ, ଅଏଁଠା ଖୁବ୍ ଗୀତ ଗାଇଛନ୍ତି ଏବଂ ସେଦିନ ଅଏଁଠା ଖୁବ୍ ବେଶୀ ମଦ ପିଇଛି ଏବଂ ଗୀତ ଗାଇ ମହୁରୀ ବି ବଜେଇଛି ଆନନ୍ଦରେ । କସ୍ତୁରୀ ଅଏଁଠାକୁ ପିଇବା ନେଇ ଗାଳି ଦେବାରୁ ଅଏଁଠା ଠୋ ଠୋ ଦୁଇ ଚଟକଣା ମାରିଚି କସ୍ତୁରୀକୁ ଏବଂ ପଶ୍ଚାତ୍ତାପ ମଧ୍ୟ କରିଛି ଯେ, ସେ ତା'ର ଗେହ୍ଲା ଭଉଣୀକୁ ହାତ ଉଠାଇଲା । ଏଭଳି ସମୟରେ ଅଏଁଠାର ପାଟିରୁ ରକ୍ତ ବାହାରିଚି ଏବଂ ସେ ରକ୍ତ ବାହାରିବା ବନ୍ଦ ହୋଇନାହିଁ ।

ଏହି ଦୃଶ୍ୟରେ ଦୀନା ମହାଜନ ଚିଠି ଖଣ୍ଡେ ଧରି ଆସି ପହଂଚିଛି ଏବଂ ବାଠୁଆ ବାବୁ (ଅସୀମ) ଚିଠି ଦେଇଥିବା କଥା କହିବା ସହିତ ସେ ଯେ ସମସ୍ତ କାଗଜ ପତ୍ର ସରକାରଙ୍କୁ ଦେଇଛନ୍ତି; ସରକାର ସେଥି ନେଇ ବିଚାର କରିବେ ବୋଲି ମଧ୍ୟ କହିଛି । ଏପରିକି ସେ ଆଜି ହିଁ ଆସି ଗାଆଁରେ ପହଞ୍ଚିବାର ଖବର ମଧ୍ୟ ପଢ଼ି ଶୁଣାଇଛି । ସମସ୍ତେ ଏ ଖବର ଶୁଣି ଖୁସି ହୋଇଯାଇଛନ୍ତି ଏବଂ ଆନନ୍ଦ ଉତ୍ସବରେ ଅସୀମଙ୍କୁ ସ୍ୱାଗତ ଜଣାଇବା କଥା ବିଚାର କରିଛନ୍ତି । ହାଡୁ ଯାଇଛି ଅଏଁଠା ଓ କସ୍ତୁରୀକୁ ଏହି ଖବର ଦେବାପାଇଁ ।

କସ୍ତୁରୀ ସହିତ ଗାଆଁ ଭିତରୁ ସେଦିନ ଅଏଁଠା ଆସି ତା'ର ମୁହୁରୀଟିକୁ ଧରି ଲମ୍ୱେଇଦେଲା ତା'ର ସୁର ! କସ୍ତୁରୀ ଏତେ ଜୋର୍‌ରେ ନବଜାଇବା ପାଇଁ କହିଲେବି ସେ ଶୁଣିନଥିଲା । ଅଏଁଠାର ବକ୍ତବ୍ୟ : "ଇ ମୁହୁରୀ ଫୁଁକି ଫୁଁକିତ, ଜୀବନଟାକେ ବିତେଇ ଦେଲିନ ନୁନୀ- ତୁଇ ଭାବୁଛୁ ମୁଇଁ ମୁହୁରୀ ଫୁଁକି ଫୁଁକି ଇ ଛାତି ଜାକର୍ ପୁଡ଼ି ଦେଇଛେଁ ତୁଇ ମୋର ମନ୍ ଗହୀରର୍ କଥା କାଣା ବୁଝିପାର୍‌ବୁ ଲୋ ନୁନୀ- ? ମୁଇଁ ତମର୍ ମାନ୍‌କର ଲାଗି କିଛି ନାଇଁ କରି ପାର୍‌ଲି । ଫୁଲରମାଁ ବିଚାରୀ, ଦିନେ ସୁଖଭୋଗ ନାଇ କରିପାର୍‌ଲା ଗଜାବଏସେ ଆଏଁଖ୍ ମୁଜି, ମୋତେ ନିଶାଖା କରି ଛାଡ଼ିଗଲା-ତତେବି ତ କେବେ ସୁଖ୍ ଦେଇ ନାଇଁ ପାର୍‌ଲି, ।" (ପୃ-୮୨-୮୩) ଥିଲା ବେଶ୍ ପ୍ରାଣକୁ ଦୋହଲାଇଦେଲା ଭଳି; ଯେଉଁଠି ସେ କାହାପାଇଁ କିଛି ନକରିପାରିବାର ଯନ୍ତ୍ରଣାରେ ଥିଲା ପିଷ୍ଟ ! ଅଏଁଠାର : "ଇ ଶଳା ମହାପ୍ରଭୁ ବି ବଢେ ବଦ୍‌ମାସ୍ ଆଏ" ଭଳି ସଂଳାପରେ ଈଶ୍ୱରଙ୍କର ଅକୃପାକୁ ନିନ୍ଦିବା ଭିତରେ ଅନ୍ତହୀନ ଦୀର୍ଘଶ୍ୱାସ ବେଶ୍ କୋହଭରା । ଏଭଳି ସମୟରେ ଅଏଁଠା, ହାଡୁଠାରୁ ଶୁଣିବାକୁ ପାଇଛି ଯେ ତା'ର ପାଠୁଆ ସହରୀ ବାବୁ ଆଜି ଆସି ପହଞ୍ଚିବେ ! "କସ୍ତୁରୀର କପାଲ୍‌ଟା ଖୁଲିଗଲାରେ...ଆମର ଗାଆଁକେ ରାମଚନ୍ଦର ଆଉଚନ" ଭଳି ଅଏଁଠାର ଆନ୍ତରିକଉଲ୍ଲାସ ବିସ୍ମରିଦେଇଥିଲା ତା'ର ଅସୁସ୍ଥ ଶରୀରର କଥା । ଆଉ କସ୍ତୁରୀକୁ ବି କହିଛି ସେ ଆଜି ମୁହୁରୀ ବଜେଇବାରୁ ତାକୁ ମନା କରିବନି; କାରଣ ପାଠୁଆ ବାବୁ ଆସୁଛନ୍ତି । ମହର୍‌ଗୁ-ହାଡୁ-ପଲଟୁ-ହୁର୍‌ଷୀ-ଅଏଁଠା ସମସ୍ତେ ମାତି ଯାଇଛନ୍ତି ନାଚ-ଗୀତ-ବାଦ୍ୟରେ । ହାଡୁ ଆରମ୍ଭ କରିଦେଇଛି ବଉଳ ଗୀତ; ହୁର୍‌ଷୀ ଗାଇଛି ରସର୍‌କେଲୀ; ମହର୍‌ଗୁ ଆଉ ଅଏଁଠା ବି ରାହା ଧରିଛନ୍ତି ଅଂଚଳର ଲୋକଗୀତ । ସେହିଭଳି ସମୟରେ ପୁଣି ଆସି ଦୀନା ମହାଜନ ଖବର ଦେଇଛି ଯେ ପାଠୁଆ ବାବୁଙ୍କୁ ପୋଲିସ୍ ବାନ୍ଧି ନେଇଛି । ସେ ଲେଖିଥିବା କଥା ଯାଇଛି ସରକାରଙ୍କ ବିରୋଧରେ; ସତକଥା ଲେଖିଥିବାରୁ ସରକାର ତାଙ୍କୁ ସହ୍ୟ କରିନପାରି ଜେଲ୍‌ରେ ଭର୍ତ୍ତି କରିଦେଇଛନ୍ତି । ଦୀନା ଘଟଣାଟିକୁ ବିସ୍ତାରରେ କହିବା ସହିତ : "ସତ୍‌କଥା କହିବାର୍‌ଥି ଯଦି ଜେଲ୍ ଯିବେ ? ଯାଉନ୍ । ଆମେ, ଆମେ ଭି ସଭେ ତାଁକର ସଂଗେ ଜେଲ୍ ଯିମା, କେତେ ଲୁକ୍‌କୁ ସେ ଜେଲ୍‌ଘରେ ଢୁକାଉ, ଢୁକ୍‌ଭା ।"(ପୃ-୯୦) ଏକ ସାମୂହିକ ଗଣସ୍ୱର ଏକତ୍ରିତ ହେଉଥିବା ଲକ୍ଷ୍ୟ କରିହେବ ନାଟକରେ ଏହି ଦୃଶ୍ୟରେ । ଯଦି ସାଧାରଣ ମଣିଷର ଦୁରବସ୍ଥା ଓ ଆର୍ତ୍ତକଥା ଉଲ୍ଲେଖ କଲେ ମଣିଷକୁ ଜେଲ୍‌ଦଣ୍ଡ ଭୋଗିବାକୁ ହେଉଛି; ତା'ହେଲେ ସେଭଳି ମଣିଷ ପାଇଁ ସମସ୍ତେ ଜେଲ ଯିବାପାଇଁ ମନୋବାଞ୍ଛାର ପ୍ରଚ୍ଛନ୍ନରେ ଏକ ସୁପ୍ତ ବିଦ୍ରୋହ

କ୍ରମଶଃ ଅଗ୍ନିର ସଂଯୋଗର ଅଭାବ ରହିଥିବା ଭଳି ପ୍ରତ୍ୟୟ ଆସିଥାଏ ସଂଳାପ ସମୂହରେ ।

ଦୀନାର ଏ ଖବର ଦୋହଲାଇ ଦେଇଥିଲା ଅଏଁଠାର ସରଳ ଅଥଚ ଅସୁସ୍ଥ ହୃଦୟକୁ । ପାଟି ଦେଇ ବହି ଚାଲିଲା ରକ୍ତର ସୂଅ ! ପାଣି ଦେଉଦେଉ ପାଣି ପାଟିକୁ ଗଲାକି ନାହିଁ ପ୍ରାଣବାୟୁ ଉଡ଼ିଗଲା ଅଏଁଠାର । ସମସ୍ତେ ହୋଇଗଲେ ସ୍ତବ୍ଧ ! କସ୍ତୁରୀ-ଫୁଲ କାନ୍ଦୁଥିଲେ ରଡ଼ିରଡ଼ି ! ଦୀନା କହୁଥିଲା : "କସ୍ତୁରୀ ନନୀ, ପାଠୁଆବାବୁ ଜରୁର୍ ଆଏବା, ଆଏଜ୍ ସିନା ସେ ଜେଲ୍ ଭିତ୍‌ରେ ଅଛେ, କେଭେତ ହେଲେ ସରକାର ତାକେ ଛାଡ଼୍‌ବା - ପାଠୁଆବାବୁ ତତେ କେଭେ ଭୁଲି ନାଇଁପାରେ, ସେ ଜରୁର୍ ଆଏବା,-ତୋର ବେଁକେ ଫୁଲମାଲ୍ ଦେଇକରି, ତତେ ନିଜର୍ କରିନେବା... ।"(ପୃ-୯୩)

'ଭୁଖା' ନାଟକରେ ଏ ଦୃଶ୍ୟ ସବୁଠାରୁ ଟ୍ରାଜେଡ଼ିପୂର୍ଣ୍ଣ ଅଟେ । ଅଏଁଠାର ମୃତ୍ୟୁ ହେଉଚି ଅଭାବ, ଭୋକର କାରୁଣ୍ୟ; ଦାରିଦ୍ର୍ୟତା ରୋଗ ସହିତ ଅପୂରଣୀୟ ଅନେକ ସ୍ୱପ୍ନ ଓ ଅପସୃୟମାଣ ସାଂସ୍କୃତିକ ଗରିମାର ମୃତ୍ୟୁର ଏକ ପ୍ରତୀକ ! ପାଠୁଆ ବାବୁର ସେମାନଙ୍କ ପାଇଁ ସ୍ୱପ୍ନ ଏବଂ ସଂଘର୍ଷର ଅମୀମାଂସିତ ପରିଣତି ସହିତ ଅଏଁଠାର 'ରୋଗ' ଓ 'ଭୋକ'ର ଅକାଳର ମୃତ୍ୟୁର ଛବି ବେଶ୍ ହତାଶା-ସୃଷ୍ଟିକାରୀ । ସେହି ଦୃଶ୍ୟରେ ଅନ୍ୟ ଗ୍ରାମବାସୀ ଏବଂ ବଜ୍‌ନିଆମାନଙ୍କଦ୍ୱାରା ଅଏଁଠାର କୋକେଇ ସଜେଇବାର ଛବି ଏବଂ ତା'ର ଲୌକିକ କର୍ମର ବାସ୍ତବ ଛବି ସହ ସଂଯୋଜିତ ଗୀତ : "ପାନିଥି ପତର କୁହୁକି ନାଇଁ କୁହୁ/କୁହିଯାଏ ଲୋ ପାନି-ତୋର୍ କାଏଁ ଗୁନା, ଆରେ ମୋର୍ ସୁନା/ହୁରୁଦ ହେଉଛେ ହାନି ।" (ପୃ-୯୪) ବେଶ୍ କାରୁଣ୍ୟରେ ଭରପୂର ଓ ଭାରୀ !

"ପାଣିରେ ପଥରଟା ପଚୁ କି ନ ପଚୁ; ପାଣିଟା କିନ୍ତୁ ପଚିଯାଏ" 'ଜୀବନ' ପ୍ରତି ଅଭିପ୍ରେତ ଦାର୍ଶନିକତା ସଂପନ୍ନ ଏହି ଗୀତଟିକୁ ସମଗ୍ର 'ଭୁଖା' ନାଟକର ପ୍ରାଣ ବୋଲି ବିବେଚନା କରାଯାଇପାରେ । "ତୁଇଥିଲୁ ଧନ ଇ ଗାଆଁର ରତନ ଝୁରୁଛେ ଇ ଗାଆଁ, ଝୁରୁଛନ୍ ସଭେଗା, ତୋର ଗତି ରୂପ ଠାନି" (ପୃ-୯୪) ତୁ ଥିଲୁ ଏ ଗାଁର ରତ୍ନ ସଦୃଶ; ତୋର ଗତି ରୂପକୁ ମନେ ପକାଇ ସମସ୍ତେ ଏକ ଗାଆଁର ଲୋକେ ତୋତେ ଝୁରି ହେଉଛନ୍ତି ଭିତରେ ଉଭୟ 'ଅଏଁଠା' ଓ 'ଅସୀମ' ପ୍ରତି ପ୍ରତୀକିତ ପ୍ରତ୍ୟାଶା ବେଶ୍ ସାଂକେତିକ ! ନାଟକର ଚତୁର୍ଥ ଦୃଶ୍ୟର ଶେଷରେ ଏହି ଗୀତଟି ସରୁସରୁ 'ଶେଷଭାଗ' ଭାବେ ସଂଯୋଜିତ ଦୃଶ୍ୟରେ ଫୁଲ; ତାର ପିଉସୀ କସ୍ତୁରୀକୁ ମାଗୁଛି ଖାଇବା ପାଇଁ ଏବଂ କସ୍ତୁରୀ 'ଯାଉଛି' ବୋଲି କହିବା ଭିତରେ 'ଏକ ଅନ୍ତହୀନ ଭୋକର ନିୟତି' ଏବଂ 'ଅପରିବର୍ତ୍ତିତ ଭାଗ୍ୟର ତାଡ଼ିତ ଶେଷହୀନ ଉପସଂହାର' ଭଳି ପ୍ରତୀକାତ୍ମକତା ଭିତରେ ପରିଣତି ଘଟୁଛି 'ଭୁଖା' ନାଟକର ।

ଉତ୍ତର ଆଧୁନିକ ଓଡ଼ିଆ ନାଟ୍ୟଧାରାରେ 'ଭୁଖା'କୁ ତା'ର 'ପ୍ରାଣପ୍ରବାହ' ଏବଂ 'ସମୟରସ୍ୱର' ଦୃଷ୍ଟିରୁ ଏକ ଉଲ୍ଲେଖଯୋଗ୍ୟ ନାଟକ ଭାବେ ଆଲୋଚନା କରାଯାଇପାରେ; ତା' ସହିତ ନାଟକରେ ଏକ ଗୋଷ୍ଠୀଜୀବନର ନୃତାତ୍ତ୍ୱିକ ମନୋଭଙ୍ଗୀ ସହ ସାମାଜିକ-ସାଂସ୍କୃତିକ-ଆର୍ଥନୀତିକ ଆଭିମୁଖ୍ୟ ତଥା ତା'ର ପ୍ରାସଙ୍ଗିକ ମୂଲ୍ୟାୟନ ବେଳେ ଅପସୃୟମାଣ ସାଂସ୍କୃତିକ ଜୀବନବୋଧର ପ୍ରଚ୍ଛନ୍ନରେ ଅନଗ୍ରସରତା, ଦାରିଦ୍ର୍ୟତା, ଅସ୍ୱାସ୍ଥ୍ୟକର ପରିବେଶ ସହ ଭୋକର ଅନ୍ତହୀନ ଆକୁତିର ଛବି 'ଭୁଖା' ଭିତରେ ବେଶ୍ ବାସ୍ତବତା ଦୃଷ୍ଟିରୁ ହୋଇଛି ପରିଶୀଳିତ ।

'ଭୁଖା' (୧୯୮୪) ନାଟକ ପରବର୍ତ୍ତୀ ସମୟରେ ଚଳଚ୍ଚିତ୍ର 'ଭୁଖା' (୧୯୮୯)ରେ ହୋଇଥିଲା ରୂପାନ୍ତରିତ । କୁମାର ପ୍ରଡକ୍ସନ୍ସ ବ୍ୟାନରରେ ଆନ୍ତର୍ଜାତିକ ଖ୍ୟାତିପ୍ରାପ୍ତ ସିନେ ନିର୍ମାତା ସବ୍ୟସାଚୀ ମହାପାତ୍ର ଏହାର ଚଳଚ୍ଚିତ୍ର ରୂପାନ୍ତରଣ କରିଥିଲେ । ଯାହାକି ୧୯୯୦ ମସିହାରେ ସ୍ପେନ୍‌ର ଗୀଜନ୍ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବରେ ଇଣ୍ଟରନ୍ୟାସନ୍‌ନାଲ୍ ଜୁରୀ ଆୱାର୍ଡ ପାଇବା ସହିତ ଫ୍ରାନ୍ସରେ ହେଉଥିବା ୱାଲ୍ଡ ରୁରାଲ ଫିଲ୍ମ ଫେଷ୍ଟିଭାଲ ପାଇଁ ନିର୍ବାଚିତ ହୋଇଥିଲା । ଏତଦ୍ ଭିନ୍ନ 'ଭୁଖା' ଅନେକ ଜାତୀୟ/ଆନ୍ତର୍ଜାତୀୟ ଚଳଚ୍ଚିତ୍ର ଭାବେ ପୁରସ୍କୃତ ହେବା ସହିତ ବେଶ୍ ଲୋକପ୍ରିୟତା ପାଇଥିଲା ସର୍ବତ୍ର । 'ଭୁଖା'ର ନାଟକ କାହାଣୀ ଚଳଚ୍ଚିତ୍ରରେ ଅନେକ ପରିବର୍ତ୍ତିତ ଏପରିକି ନାଟକରେ ଥିବା ଗୀତକୁ ସିନେମାରେ ନିଆଯାଇ ନାହିଁ । ସେଥିପାଇଁ ଅନ୍ୟ ଚାରିଟି ଗୀତର ସଂଯୋଗ ଘଟିଛି । ଲେଖକ ମଙ୍ଗଳୁ ଚରଣ ବିଶ୍ୱାଳଙ୍କର 'ଭୁଖା' ନାଟକରୁ 'ଭୁଖା'ର ସିନେମା ଭିତରେ ଯାହା ପରିବର୍ତ୍ତନ ହେଉନା କାହିଁକି ତାହା 'ଭୁଖା'ର ଲୋକପ୍ରିୟତାକୁ ବଢ଼ାଇଛି ଏବଂ ନାଟକରେ ଯେଉଁ ବିଷୟଟିକୁ ସେ ଅବତାରଣା କରିବାକୁ ଚାହିଁଛନ୍ତି ତା'ର ମୂଳସ୍ୱର ଅବଶ୍ୟ ସଂରକ୍ଷିତ ରହିଛି ।

ସମଗ୍ର ପଶ୍ଚିମ ଓଡ଼ିଶାରେ 'ବଜ୍‌ନିଆ' ଭାବେ ଖ୍ୟାତ କଳାପ୍ରିୟ ମଣିଷମାନଙ୍କର ସମସ୍ୟାର ଅବତାରଣା ସହ ଆ*ଳିକ ଜୀବନଚର୍ଯ୍ୟାର ଛବି ଭିତରେ ସାମାଜିକ-ସାଂସ୍କୃତିକ-ଆର୍ଥନୀତିକ ଜୀବନ ଯେତିକି ପ୍ରତିଭାସିତ; ତା'ଠାରୁ ଅଧିକ ଏକ ଅନୁଚିନ୍ତା ଭାବେ ଅପସୃୟମାଣ ବଜ୍‌ନିଆ ଲୋକସଂସ୍କୃତିର ପରିଚର୍ଯ୍ୟା ବେଶ୍ ଭାବିତ କଲାଭଳି । ଏ ଆଲେଖ୍ୟ 'ଭୁଖା' ନାଟକର ସେହି ପ୍ରେକ୍ଷା ସମୂହକୁ କେବଳ ଏକ ସହୃଦୟ ଆକଳନ କରିବାକୁ ପ୍ରଚେଷ୍ଟା କରିଛି । ଏହି ଆଲୋଚ୍‌କର ସେହି ସହୃଦୟତାର ହାର୍ଦ୍ଦିକ ରୂପାନ୍ତରଣ ହେଉଛି: ଆର୍ଥ-ସାମାଜିକତା ବନାମ ଅପସୃୟମାଣ ସାଂସ୍କୃତିକ ପରିଦୃଶ୍ୟ : 'ଭୁଖା'ର ମହାଭାଷ୍ୟ...

ବିଭାଗ ମୁଖ୍ୟ (ଓଡ଼ିଆ)
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

ISSN -2583-147X(P), Vol.- 7, Issue No. X, Januuary 2022
Bastabatara Pariprakash Prachee
*Peer Reviewed and Referred Research Journal*

# ଅସହାୟତା ଓ ଅନ୍ତର୍ଦାହର ବେଦନା ; ବୀଣାପାଣି ମହାନ୍ତିଙ୍କ ଗଳ୍ପ : ଏକ ଆଲୋଚନା

ଡ. କୁନା ସୁନା

"ଜୀବନ ଓ ସମାଜ ପ୍ରତି ବିଶ୍ୱସ୍ତତା ଏବଂ ସେ ବିଶ୍ୱାସକୁ ନେଇ ବଞ୍ଚି ରହିବା ହିଁ ସବୁଠାରୁ ବଡ଼ ପ୍ରତିଶ୍ରୁତି । ଜନ୍ତୁ ନିର୍ଯାତିତ, ଲାଞ୍ଛିତ ମଣିଷର ଯନ୍ତ୍ରଣା ଓ ସେଥିରୁ ତାକୁ ମୁକ୍ତି କରି କିପରି ମାନବିକତାକୁ ପ୍ରତିଷ୍ଠିତ କରାଯାଇ ପାରିବ ତାହା ପ୍ରାୟ ଅନେକ ଗଳ୍ପରେ ଲେଖିଥାଏ ଓ ଲେଖିବାକୁ ଭଲପାଏ ।"[୧] ଏହି ବକ୍ତବ୍ୟ କହିଛନ୍ତି ଉତ୍ତର ଷାଠିଏ ଓଡ଼ିଆ କଥା ସାହିତ୍ୟର ପ୍ରମୁଖ ଗାଳ୍ପିକା ଭାବେ ପରିଚିତ ବୀଣାପାଣି ମହାନ୍ତି (୧୯୩୬) । ଗାଳ୍ପିକାଙ୍କ ଏହି ଉକ୍ତିକୁ ତାଙ୍କର ସୃଷ୍ଟିଗୁଡ଼ିକର ଛତ୍ରେ ଛତ୍ରେ ଅନୁଭବୀ ହୁଏ । ସମାଜରେ ଅନେକ ଦୁଃଖ ଯନ୍ତ୍ରଣାରେ ଜର୍ଜରିତ ମଣିଷମାନଙ୍କ ପ୍ରତିଲିପି ଓ ସେଇ ବେଦନାଗୁଡ଼ିକର ଅନ୍ତର୍ଦାହ ଗାଳ୍ପିକାଙ୍କ ପ୍ରତ୍ୟେକ ଗଳ୍ପରେ ସହଜଲଭ୍ୟ । କେବଳ ବେଦନା ନୁହେଁ, ସେଥିରୁ ମୁକ୍ତିର ପଥ ମଧ୍ୟ ଗାଳ୍ପିକାଙ୍କ ଦ୍ୱାରା ପ୍ରଦର୍ଶିତ । ଗାଳ୍ପିକା ବୀଣାପାଣି ମହାନ୍ତିଙ୍କ ଗଳ୍ପ ସଂକଳନଗୁଡ଼ିକ ହେଲା; ଯଥା– ନବତରଙ୍ଗ (୧୯୩୬), ପାନୁଶାଳା ଓ ରକ୍ତ କରବୀ (୧୯୬୪), କସ୍ତୁରୀମୃଗ ଓ ସବୁଜ ଅରଣ୍ୟ (୧୯୬୭), ତଟିନୀର ତୃଷ୍ଣା (୧୯୭୨),ସାୟାହ୍ନର ସ୍ୱର (୧୯୭୩), ଅନ୍ଧକାରର ଛାଇ (୧୯୭୬), କାଳାନ୍ତର (୧୯୭୭), ଆରୋହଣ (୧୯୭୮), ମଧ୍ୟାନ୍ତର (୧୯୭୮), ବସ୍ତ୍ରହରଣ (୧୯୮୦), ଇ[ରଭିଉ(୧୯୮୧), ଅନ୍ୟ ଅରଣ୍ୟ (୧୯୮୧), ଖେଳଣା (୧୯୮୩) ଦୃଶ୍ୟାନ୍ତର (୧୯୮୪), ଚରିତ୍ର ହସୁଛି (୧୯୮୬), ପାଟଦେଈ (୧୯୮୭), ତୃତୀୟ ପାଦ (୧୯୮୯), ବହ୍ନି ବଳୟ (୧୯୯୦), ଜନ୍ମାନ୍ତର (୧୯୯୧), ଶକୁନୀର ଛକା (୧୯୯୨), ଅଶ୍ରୁ ଅନଳ (୧୯୯୨), ଏକାକୀ ପରାଶର (୧୯୯୫), ଅଭିନେତ୍ରୀ (୧୯୯୭), ଖେଳ ଚାଲିଛି (୧୯୯୮), ପାଚେରି ସେପଟ ନଈ (୧୯୯୯), ପଦ୍ମ ଘୁଞ୍ଚୁ ଘୁଞ୍ଚୁ ଯାଉଛି (୨୦୦୦) । ଏହି ସମୂହ ଗଳ୍ପ ସଂକଳନ ମଧ୍ୟରୁ 'କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ' ପାଇଁ ୧୯୭୦ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଏବଂ 'ପାଟଦେଈ' ଗଳ୍ପ ସଂକଳନ ପାଇଁ ୧୯୯୦ ମସହାରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତି ଗାଳ୍ପିକାଙ୍କ ସମ୍ମାନ ଓ ସ୍ୱୀକୃତିର ପରିଚୟ ବହନ କରେ ।

"ପାନୁଶାଳା ଓ ରକ୍ତ କରବୀ" ଗଳ୍ପକୁ ଅଧ୍ୟୟନ କରିଲେ ମନେ ହୁଏ, ସତେ ଯେପରି ଏ ସମଗ୍ର ପୃଥିବୀ ଗୋଟିଏ ପାନୁଶାଳା ଏବଂ ଏଠାରେ ବାସ କରୁଥିବା ପ୍ରତ୍ୟେକ ନର, ନାରୀ ଜଣେ ଜଣେ ଆଶ୍ରିତ ଓ ଅକ୍ଳାନ୍ତ କର୍ତ୍ତବ୍ୟନିଷ୍ଠ ପଥଚାରୀ । ପ୍ରୋକ୍ତ ଗଳ୍ପରେ ଜଣେ ହତଭାଗ୍ୟ ପିତା ବିଶ୍ୱମୋହନଙ୍କ କରୁଣ କାହାଣୀକୁ ଅନୁଭବୀ ହୁଏ । ପ୍ରତ୍ୟେକ ପିତାଙ୍କର ଯେଉଁ ସ୍ୱପ୍ନ ବା ଇଚ୍ଛା ଥାଏ, ତାହା ବିଶ୍ୱମୋହନଙ୍କଠାରେ ମଧ୍ୟ ପ୍ରତିଫଳିତ ହୋଇଛି । ନିଜର ପ୍ରାଣ ସ୍ପନ୍ଦନର କନ୍ୟାକୁ ଜଣେ ସୁଯୋଗ୍ୟ ପାତ୍ର ହାତରେ ଅର୍ପଣ କରିବାର ଶେଷ ଇଚ୍ଛା ଓ ସେ ଦିଗରେ ନିଷ୍ଠା ବିଶ୍ୱମୋହନଙ୍କୁ ପିତୃତ୍ୱର ଶ୍ରେଷ୍ଠ ତଥା ଶୀର୍ଷ ସ୍ତରକୁ ଉପନୀତ କରିଛି । 'କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ' ଏହି ଗଳ୍ପଟି ନିଜର ଶୀର୍ଷକର ସାର୍ଥକତା ପ୍ରତିପାଦନ କରିବାରେ ସଫଳ ହୋଇଛି ବୋଲି କୁହାଯାଇପାରେ । କସ୍ତୁରୀ ମୃଗ ନିଜର ନାଭିସ୍ଥିତ ସୁଗନ୍ଧିତ କସ୍ତୁରୀକୁ ଜାଣି ନ ପାରି, ତାକୁ ସାରା ଅରଣ୍ୟରେ ସନ୍ଧାନ କରେ । କିନ୍ତୁ କେଉଁଠାରେ ତାହା ପାଏ ନାହିଁ । ଠିକ୍ ସେହିପରି ମଣିଷ ଏହି ମରଣଶୀଳ ସଂସାରରେ ଧନ, ମାନ, ବାହ୍ୟ, ଯଶ, ପ୍ରଶଂସା ଓ ଅଯଥା ପ୍ରଚାର ମଧ୍ୟରେ ସୁଖ ସନ୍ଧାନ କରି କ୍ଳାନ୍ତ ହୋଇପଡ଼େ । ଜୀବନର ଶେଷ ସମୟ ପର୍ଯ୍ୟନ୍ତ ମଣିଷ ଜାଣିପାରେ ନାହିଁ ଯେ, ସେ ଯାହା ସାରା ସଂସାରରେ ଖୋଜୁଛି, ସେହି ସୁଖ ତାର ଭିତରେ ହିଁ ବିଦ୍ୟମାନ । ଏହିଭଳି ଅବିକଳ ପ୍ରସଙ୍ଗ ବର୍ଣ୍ଣିତ ହୋଇ ପ୍ରୋକ୍ତ ଗଳ୍ପରେ । ଗଳ୍ପର ଘଟଣାନୁସାରେ କୋଟିପତିର ପୁଅ ଇନ୍ଦ୍ରଜିତ୍ ବହୁ ଧନ, ସମ୍ପତ୍ତିର ଅଧିକାରୀ ହୋଇ ମଧ୍ୟ ଜୀବନରେ ପ୍ରକୃତ ସୁଖର ସନ୍ଧାନ କରି ପାରିନାହାଁନ୍ତି । ସେହିପରି ଅନ୍ୟ ଏକ ଚରିତ୍ର ସୁଦୀପ୍ତ ରଞ୍ଜନ ମଧ୍ୟ ନିଜର ଅମାପ ଅର୍ଥ ବିତରଣ କରି ପରିଶେଷରେ ହତାଶ ଓ ଦରିଦ୍ର ହୋଇଯାଇଛନ୍ତି, କିନ୍ତୁ ପ୍ରକୃତ ସୁଖର ସନ୍ଧାନ ପାଇ ପାରି ନାହାଁନ୍ତି । ଗାଳ୍ପିକା ଏଠାରେ ମଣିଷ ଜୀବନର ବାସ୍ତବ ରୂପକଳ୍ପଟି ପରଶି ଦେଇଛନ୍ତି ବୋଲି କୁହାଯାଇପାରେ ।

'ତଟିନୀର ତୃଷ୍ଣା' ଗଳ୍ପକୁ ଅତୃପ୍ତ ମଣିଷମାନଙ୍କର ତୃଷ୍ଣାର ଏକ ପ୍ରତୀକାତ୍ମକ ଅଭିବ୍ୟକ୍ତି ବୋଲି କୁହାଯାଇପାରେ । ପ୍ରୋକ୍ତ

ଗଳ୍ପରେ ମଣିଷର ଅସରନ୍ତି ସ୍ୱପ୍ନ ଓ ବିଡମ୍ବନା ସ୍ପଷ୍ଟ ଭାବରେ ଅନୁଭବୀ ହୁଏ । ଗଳ୍ପର ଘଟଣାନୁସାରେ ଚରିତ୍ର ପ୍ରଦୋଷର ପରିଣୟ, ଚିନ୍ମୟର ଗବେଷଣା ଓ ସୁଶୀଳର ଆର୍ଟିଷ୍ଟ ପ୍ରାଣତା ସେମାନଙ୍କୁ ସର୍ବଦା ତୃପ୍ତତା ପ୍ରଦାନ କରିପାରି ନାହିଁ । ସମଗ୍ର ଗଳ୍ପରେ ସମସ୍ତେ ଏକ ପ୍ରକାରର ଅତୃପ୍ତ ବା ତୃଷ୍ଣା କାତର ହୋଇ ବିଚରଣ କରିଛନ୍ତି ବୋଲି କୁହାଯାଇପାରେ । ଯେଉଁଠି ମଣିଷର ତୃଷ୍ଣାକୁ ଉପଲବ୍ଧି କରାଯାଇପାରେ । 'ଅନ୍ଧାକାରର ଛାଇ' ଗଳ୍ପକୁ ଫକୀର ମୋହନଙ୍କ 'ରେବତୀ' (୧୯୯୮) ଗଳ୍ପର ଛାୟାରେ ରଚିତ ଏକ ପ୍ରତୀକାତ୍ମ ଅଭିବ୍ୟକ୍ତି ବୋଲି କୁହାଯାଇପାରେ । ପ୍ରୋକ୍ତ ଗଳ୍ପର ଗଳ୍ପନାୟିକା 'କୋଇଲି'କୁ 'ରେବତୀ' ଚରିତ୍ରର ଏକ ଆଧୁନିକ ସଂସ୍କରଣ ବୋଲି କୁହାଯାଇପାରେ । ଗାଳ୍ପିକା ମହାନ୍ତିଙ୍କ ଏହି ଗଳ୍ପରେ ନାରୀ ଅଶିକ୍ଷା ବିରୋଧରେ ଏକ ନିରବ ପ୍ରତିବାଦ ଓ ପ୍ରତିକ୍ରିୟା ରୂପେ ପରିଶୀଳିତ ହୋଇଛି । 'ରେବତୀ' ଗଳ୍ପ ସଦୃଶ ପ୍ରୋକ୍ତ ଗଳ୍ପରେ ମଧ୍ୟ ନାରୀ ଶିକ୍ଷା ପ୍ରସଙ୍ଗ ଓ ତା'ର ଅଶୁଭ ପରିଣତି ବର୍ଣ୍ଣିତ । ପାଠ ପଢିବାର ଇଚ୍ଛା ଥାଇ ମଧ୍ୟ ଆର୍ଥିକ ଅଭାବ ହେତୁ ସେଥିରୁ ବଂଚିତ ହେବା ଏବଂ ମଦ୍ୟପ ସ୍ୱାମୀକୁ ବିବାହ କରି ଅଳ୍ପଦିନ ମଧ୍ୟରେ କୋଇଲିର ଅସହାୟ ମୃତ୍ୟୁ ହେବା । ଏହି ସମସ୍ତ ପ୍ରସଙ୍ଗ ଆମ ସମାଜର ସେହି ଘୃଣ୍ୟ ମାନସିକତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି, ଯେଉଁଠି ନାରୀ ଶିକ୍ଷାକୁ ପ୍ରାଧାନ୍ୟ ଦିଆଯାଇ ନାହିଁ ଯାହାଦ୍ୱାରା ରେବତୀ ଓ କୋଇଲିମାନଙ୍କର ଅସହାୟ ତଥା ଅକାଳ ଅନ୍ତ ଘଟୁଚି ।

'କାଳାନ୍ତର' ଗଳ୍ପରେ ଗୋଟିଏ ଅସହାୟ ଗରିବ ପରିବାରର ବେଦନା ଭରା ଛବି ବର୍ଣ୍ଣିତ । ସେହିପରି ପ୍ରୋକ୍ତ ଗଳ୍ପରେ ନାରୀର ଅସହାୟତାର ଛବି ମଧ୍ୟ ବେଶ୍ ହୃଦୟ ବିଦାରକ । ଗଳ୍ପର ଘଟଣାନୁସାରେ ଘରଟି ଅଗ୍ନିରେ ଜଳି ଯିବା ହେତୁ ଚରିତ୍ର ସୁଧାକରଙ୍କ ସ୍ତ୍ରୀ ଜାନକୀଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇଛି । ଏହି ଘଟଣା ଘଟିଯିବା ପଶ୍ଚାତ୍ ଗଳ୍ପରେ ନାରୀର ଅସହାୟତା ଓ ତା'ର କରୁଣ କାହାଣୀର ଜୀବନ୍ତ ଛବି ପ୍ରତିଫଳିତ ହୋଇଛି । ଗାଳ୍ପିକା ମହାନ୍ତି ଏକ ସାକ୍ଷାତକାରରେ କହିଛନ୍ତି – "ମାତ୍ର ମୋର ପ୍ରତ୍ୟେକ ଗଳ୍ପରେ କେବଳ ଯନ୍ତ୍ରଣାର କଥା ମୁଁ କହିନି, ଯନ୍ତ୍ରଣାକୁ ଅତିକ୍ରମ କରି ଏକ ସୁସ୍ଥ ସୁନ୍ଦର ସମାଜ ଓ ସୁଖୀ ମଣିଷର ଚିତ୍ର ମଧ୍ୟ ମୁଁ ଦେଖିଛି ।"[୨] ନିଜର ଏହି ଅଭିବ୍ୟକ୍ତିକୁ ସେ ରୂପ ଦେଇଛନ୍ତି 'ଆରୋହଣ' ଗଳ୍ପରେ । ଜୀବନରେ ଅସରନ୍ତି ଦୁଃଖ ଓ ବେଦନା ସତ୍ତ୍ୱେ ମଧ୍ୟ ଆରୋହଣ ଅସମ୍ଭବ ବୋଲି ଗାଳ୍ପିକା ଆଶାର କିରଣ ଦେଖାଇବା ପାଇଁ ପ୍ରୟାସ କରିଛନ୍ତି । ପ୍ରୋକ୍ତ ଗଳ୍ପରେ ଗଳ୍ପନାୟିକା ସାବିତ୍ରୀର ସ୍ୱାମୀ ବିକଳାଙ୍ଗ, ଅକ୍ଷମ ଓ ଅଥର୍ବ ଏବଂ ଏହା ଉପରେ ଆର୍ଥିକ ଦୁର୍ଗତି; ଯାହାଦ୍ୱାରା ପରିବାର ଚଳାଇବା ମଧ୍ୟ କଷ୍ଟକର ହୋଇ ପଡ଼ିଛି । ଏହି ଭଳି କଷ୍ଟଦାୟକ ଜୀବନରୁ ମଧ୍ୟ ସାବିତ୍ରୀ ଖୋଜେ ମୁକ୍ତି । ଏକଦା ପୁରାଣ ଯୁଗରେ ନିଜର ମୃତ ସ୍ୱାମୀକୁ ନେଇ ଅନ୍ୟ ଏକ ସାବିତ୍ରୀ ଖୋଜିଥିଲେ ମୁକ୍ତି । ତେଣୁ ଏଠାରେ ଏହା ସ୍ପଷ୍ଟ ଯେ, ଯୁଗ ଯାହା ହେଉ ସାବିତ୍ରୀମାନଙ୍କ ଦୁଃଖ, ଯନ୍ତ୍ରଣା ଓ ଅସହାୟତାରେ କିଛି ପରିବର୍ତ୍ତନ ପରିଲକ୍ଷିତ ହୁଏ ନାହିଁ । କିନ୍ତୁ ଗାଳ୍ପିକା ଏଠାରେ ସାବିତ୍ରୀମାନଙ୍କ ବେଦାନକୁ ଉତ୍‌ଥାପନ କରି ତା'ର ଉପଶମ ମଧ୍ୟ ପ୍ରଦାନ କରିଛନ୍ତି ବୋଲି କୁହାଯାଇପାରେ ।

'ମଧ୍ୟାନ୍ତର' ଗଳ୍ପରେ ସନ୍ଦେହ କିପରି ପ୍ରତ୍ୟେକ ସମ୍ପର୍କରେ ଅଶାନ୍ତି ସୃଷ୍ଟି କରିପାରେ ତାହା ବର୍ଣ୍ଣିତ ହୋଇଛି । ଗଳ୍ପନାୟକ ଅଭୟ, ପତ୍ନୀ ଅନିତାର ଚରିତ୍ର ପ୍ରତି ସନ୍ଦେହ କରିବା ଏବଂ ସେହି କାରଣରୁ ପାରିବାରିକ ଅଶାନ୍ତି ପ୍ରୋକ୍ତ ଗଳ୍ପର ଉପଜୀବ୍ୟ । 'ବସ୍ତ୍ରହରଣ' ଗଳ୍ପରେ ସମାଜରେ ନାରୀର ଅସହାୟତାବୋଧ ତିନିଟି ପର୍ଯ୍ୟାୟରେ ପରିପ୍ରକାଶିତ ହୋଇଛି । ଏହି ଗଳ୍ପକୁ ଅଧ୍ୟୟନ କରିବା ସମୟରେ ପୁରାଣ ଯୁଗର ସେଇ କୁରୁସଭା ସ୍ୱତଃ ମନକୁ ଚାଲିଆସେ, ଯେଉଁଠି ଦ୍ରୌପଦୀଙ୍କ ବସ୍ତ୍ରହରଣ ହୋଇଥିଲା । କୁରୁସଭାରେ ଦ୍ରୌପଦୀଙ୍କ ବସ୍ତ୍ରହରଣ ଠାରୁ ପ୍ରୋକ୍ତ ଗଳ୍ପରେ ଚିତ୍ରିତ ସରସୀ, ପଦ୍ମିନୀ ଓ ଶ୍ୱାଶତୀମାନଙ୍କର ବସ୍ତ୍ରହରଣ ପର୍ଯ୍ୟନ୍ତ ପ୍ରତ୍ୟେକ ଯୁଗରେ ନାରୀର ଅସହାୟତାରେ କୌଣସି ପରିବର୍ତ୍ତନ ଆସି ନାହିଁ । ଗଳ୍ପର ଘଟଣାନୁସାରେ ସରସୀ ନିଜର ମଦ୍ୟପ ସ୍ୱାମୀ ଗିରୀଶଦ୍ୱାରା ଅସମ୍ମାନୀତ ଓ ଅତ୍ୟାଚାରୀତ ହୋଇଛି । ଗିରୀଶ ନାରୀମାନଙ୍କୁ କେବଳ ଭୋଗ୍ୟାବସ୍ତୁ ଓ ସନ୍ତାନ ଉତ୍ପାଦନର ଯନ୍ତ୍ର ବୋଲି ବିବେଚନା କରିଛି । ତଥାପି ସରସୀ ନିଜ ଉପରେ ହେଉଥିବା ସମସ୍ତ ଅତ୍ୟାଚାରକୁ ମଥାପାତି ସହ୍ୟ କରିନେଇଛି । ଏଠାରେ ସରସୀ ଜଣେ ନାରୀ ଭାବରେ ପୁରୁଷ ସମାଜ ପ୍ରତି କୌଣସି ପ୍ରତିବାଦ କରି ପାରିନାହିଁ । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ପଦ୍ମିନୀ ଜଣେ ଶିକ୍ଷିତ ଓ କର୍ମଜୀବୀ ମହିଳା, ସେ ଚାକିରି କରି ଯେଉଁ ଅର୍ଥ ଉପାର୍ଜନ କରେ ସେଥିରେ ସେ ନିଜର ଘର ଚଳାଇବାରେ ଆର୍ଥିକ ସହଯୋଗ କରେ । କିନ୍ତୁ ପଦ୍ମିନୀର ସ୍ୱାମୀ ଆଶୁତୋଷ ତା'ର ତ୍ୟାଗକୁ ବୁଝିବାରେ ଅସମର୍ଥ ହୋଇ ଅଫିସ୍ ପୁରୁଷମାନଙ୍କ ସହ ତାର ସମ୍ପର୍କ ଅଛି ବୋଲି ସନ୍ଦେହ କରି ତାକୁ ପଣ୍ୟ ବସ୍ତୁଟି ବୋଲି ଭାବିଛି । ତୃତୀୟ ପର୍ଯ୍ୟାୟରେ କର୍ମଜୀବୀ ମହିଳା ଶାଶ୍ୱତୀ ଗଳ୍ପର ଘଟଣାନୁସାରେ ଅଫିସ୍‌ର ଅନ୍ୟ କର୍ମଚାରୀମାନେ ତାର ଦୁର୍ବଳ ମୁହୂର୍ତ୍ତର ସୁଯୋଗ ନେଇ ନିଜ ନିଜର ସ୍ୱାର୍ଥ ହାସଲ କରିଛନ୍ତି । ଏଠାରେ ଶାଶ୍ୱତୀ ବ୍ଲାକ୍ ମେଲିଙ୍ଗର

ଶିକାର ହୋଇଛନ୍ତି । ଏହି ତିନିଟି ପର୍ଯ୍ୟାୟରେ ଗାଳ୍ପିକା ନାରୀମାନଙ୍କ ଉପରେ ହେଉଥିବା ଅନ୍ୟାୟ, ଅତ୍ୟାଚାରକୁ ବର୍ଣ୍ଣନା କରିଛନ୍ତି ।

'ଇଣ୍ଟରଭିଉ' ଗଳ୍ପରେ ସମାଜର ସେଇ ବାସ୍ତବ ଛବି ବର୍ଣ୍ଣିତ ହୋଇଛି; ଯେଉଁଠି ଚାକିରିର ପ୍ରଲୋଭନ ଦେଖାଇ ନାରୀମାନଙ୍କ ଅସ୍ମିତାକୁ କଳଙ୍କିତ କରାଯାଏ । ପ୍ରୋକ୍ତ ଗଳ୍ପରେ ନିଜର ପରିବାରକୁ ଦାରିଦ୍ର୍ୟ ପରିସ୍ଥିତିରେ ସହଯୋଗ କରିବା ପାଇଁ ଗଳ୍ପନାୟିକା ପ୍ରତିମା ଚାକିରି କରିବାକୁ ସ୍ଥିର କରିଛନ୍ତି । କିନ୍ତୁ ଚାକିରି ପାଇବା ପରିବର୍ତ୍ତେ ମିଥ୍ୟା ପ୍ରତିଶ୍ରୁତି ଓ ପ୍ରତାରଣାର ଶିକାର ହୋଇଛନ୍ତି । ସେହିପରି 'ମନ ଅରଣ୍ୟ' ଗଳ୍ପରେ ମଣିଷର ହୀନମନ୍ୟତା ଓ ବର୍ବରତାର ଅଦ୍‌ଭୁତ ଛବି ବର୍ଣ୍ଣିତ ହୋଇଛି । ଏହି ଗଳ୍ପରେ ଗଳ୍ପନାୟକ ଜଣେ ଉଚ୍ଚ ପଦସ୍ଥ କର୍ମଚାରୀ ହୋଇ ନିଜଠାରୁ ଖୁବ୍ କମ୍ ବୟସ ଅର୍ଥାତ୍ ନିଜ ପୁଅ ବୟସର ଝିଅ ଗୀତା ପ୍ରତି ଆକର୍ଷିତ ହୋଇ ତାକୁ ନିଜ ପ୍ରେମ ଜାଲରେ ବାନ୍ଧି ରଖିବା ପାଇଁ ଚେଷ୍ଟା କରିଛନ୍ତି । 'ଖେଳଣା' ଗଳ୍ପ ଏକ କରାଳ ବନ୍ୟାର ପୃଷ୍ଠଭୂମିରେ ରଚିତ । ସମୟ ଓ ନିୟତି ହାତରେ ମଣିଷ କିଭଳି ଖେଳନା ସାଜିଥାଏ; ତାହା ବର୍ଣ୍ଣିତ ହୋଇଛି । ଗଳ୍ପର ଘଟଣାନୁସାରେ ଗଳ୍ପନାୟକ ସନାତନ ଓ ତା'ର ପରିବାର ବନ୍ୟା ସ୍ରୋତରେ ଭାସି ଯାଇ ଏକ କୁଦ ଜାଗାରେ ଆଶ୍ରୟ ନେଇଛନ୍ତି । ପ୍ରକୃତିର ପ୍ରଭାବ ମଣିଷକୁ କେତେ ମାତ୍ରାରେ ଅସହାୟ କରିପାରେ ତାହା ପ୍ରୋକ୍ତ ଗଳ୍ପରେ ସ୍ପଷ୍ଟ ଭାବରେ ଅନୁଭବୀ ହୁଏ । ପରାସର ବନ୍ୟାରେ ନିଜର ପତ୍ନୀ ଓ ପୁଅକୁ ହରାଇ ଅସହାୟ ହୋଇ ପଡ଼ିଛନ୍ତି, ତା'ର ଏକ ମର୍ମସ୍ପର୍ଶୀ ଛବି ଏହି ଗଳ୍ପର ଉପଲବ୍ଧି କରିହୁଏ ।

ଗାଳ୍ପିକା ମହାନ୍ତିଙ୍କ ବହୁଚର୍ଚ୍ଚିତ ଓ ଆଲୋଚିତ 'ପାଟଦେଈ' ଗଳ୍ପକୁ ଏକ ବାସ୍ତବ ଘଟଣା ଆଧାରିତ ବୋଲି ଲେଖିକା ସ୍ୱୀକାର କରିଛନ୍ତି । ଗଳ୍ପର ଘଟଣାନୁସାରେ ବିବାହର ଅଳ୍ପ କିଛି ଦିନ ମଧ୍ୟରେ ପାଟ ନିଜ ସ୍ୱାମୀଙ୍କଦ୍ୱାରା ପରିତ୍ୟକ୍ତା ହୋଇ ବାପଘରକୁ ଫେରି ଆସିଛନ୍ତି । ନିଜ ବାପଘରେ ରହିବା ସମୟରେ ସେ ଗ୍ରାମର କିଛି ଅଶିକ୍ଷିତ ଓ ଅସାମାଜିକ ଯୁବକମାନଙ୍କ କାମଲୋଲୁପ ଦୃଷ୍ଟିର ଶିକାର ହୋଇଛନ୍ତି । ପରବର୍ତ୍ତୀ ସମୟରେ ସେ ସେହି ଅସାମାଜିକ ଯୁବକମାନଙ୍କଦ୍ୱାରା ଅପହୃତା ହୋଇ ଅନେକ ସମୟ ବିତି ଯିବାପରେ ହୋଇ ଏକ ଅବୈଧ ସନତାନକୁ ସାଥିରେ ନେଇ ପିତୃ ଗୃହକୁ ଫେରିଛନ୍ତି । କିନ୍ତୁ ଏହାର ପରବର୍ତ୍ତୀ ଜୀବନ ପାଟ ପାଇଁ କେବଳ ଯନ୍ତ୍ରଣା, ଅପମାନ ଓ ଅସହାୟତାପୂର୍ଣ୍ଣ ହୋଇ ଉଠିଲା । ପୁରାଣରେ ମାତା ସୀତା ନିଜର ସତୀତ୍ୱ ପ୍ରମାଣ କରିବା ସମୟରେ ପୃଥିବୀ ଦୁଇ ଖଣ୍ଡ ହୋଇଥିଲା । କିନ୍ତୁ ସମ୍ପ୍ରତି ପାଟଦେଈମାନେ ନିଜର ସତୀତ୍ୱକୁ ପ୍ରମାଣ କରିବାକୁ ଗଲେ ପୃଥିବୀ ଦୁଇ ଖଣ୍ଡ ହେବନି, କେବଳ ମିଳିବ ଅପମାନ । ପାଟ ଏକ ଗରିବ ଘରର କନ୍ୟା, ବଧୂ ଓ ସ୍ୱାମୀ ପରିତ୍ୟକ୍ତା, ତା'ର ସତୀତ୍ୱ ହରଣ କରିଲେ କିଛି ଅସାମାଜିକ ଯୁବକ । ସେମାନେ ବି ସମାଜର ଅଂଶ, କିନ୍ତୁ ସେହି ସମାଜ ହିଁ ପାଟର ସତୀତ୍ୱକୁ ବୁଝି ପାରିଲା ନାହିଁ । ଏହିଭଳି ମୂଲ୍ୟବୋଧହୀନ ସମାଜର ପ୍ରତିବଦ୍ଧତା ଭିତରେ 'ପାଟଦେଈ' ଏକ ଅସହାୟ ପ୍ରତୀମୂର୍ତ୍ତି । 'ତୃତୀୟପାଦ' ଗଳ୍ପକୁ ସାଧାରଣ ଗରିବ ପରିବାରର କରୁଣ କଳ୍ପ ବୋଲି କୁହାଯାଇପାରେ । ପ୍ରୋକ୍ତ ଗଳ୍ପରେ ଚରିତ୍ର ବାବାଜୀ ଓ ତା'ର ସ୍ତ୍ରୀ ନଖୀର କରୁଣ କାହାଣୀ ବର୍ଣ୍ଣିତ । ଗଳ୍ପର ଘଟଣାନୁସାରେ ବାବାଜୀର ଦାରିଦ୍ର୍ୟ ଜୀବନରେ ଅକାଳରେ ନଖୀର ମୃତ୍ୟୁ ହୋଇଛି ଏବଂ ନଖୀର ଶବ ସତ୍କାରର ସବିଶେଷ ବର୍ଣ୍ଣନା ପାଠକଙ୍କ ହୃଦୟରେ କରୁଣର ଛବି ଆଙ୍କିବାରେ ସମର୍ଥ ହୋଇଛି ।

'ଶକୁନିର ଛକା' ଗଳ୍ପଟି ରାଜନୀତିକ ବିଷୟବସ୍ତୁ ଆଧାରିତ । ଦୁନିଆ ସବୁଠାରୁ ଅଦ୍‌ଭୁତ ନୀତି ରାଜନୀତି, ଯେଉଁଠି କେବଳ ନିଜର ସ୍ୱାର୍ଥ ଓ ସତ୍ତା ପାଇଁ-ନିଜର ପରର, ନ୍ୟାୟ-ଅନ୍ୟାୟ, ପାପ-ପୁଣ୍ୟର କୌଣସି ସୀମା ସରହଦକୁ ବିଚାର କରାଯାଏ ନାହିଁ । ରାଜନୀତିର ସେହି ପଶାଖେଳର କୁତ୍ସିତ ରୂପ ପ୍ରୋକ୍ତ ଗଳ୍ପର ଉପଜୀବ୍ୟ । 'ଅଗ୍ନିଅନଳ' ଗଳ୍ପକୁ 'ପାଟଦେଈ' ଗଳ୍ପର ଉତ୍ତରାର୍ଦ୍ଧ ବୋଲି କୁହାଯାଇପାରେ । 'ପାଟଦେଈ' ଗଳ୍ପରେ ପାଟ ଅନ୍ୟାୟ, ଅତ୍ୟାଚାର ସହି ଅସାମାଜିକ ଯୁବ ଗୋଷ୍ଠୀଙ୍କ ବିରୋଧରେ କେବଳ ନୀରବ ପ୍ରତିବାଦ କରିଛି । କିନ୍ତୁ 'ଅଗ୍ନିଅନଳ' ଗଳ୍ପରେ କେତକୀ ଚରିତ୍ର ଉଗ୍ର ରୂପ ଧାରଣ କରିଛି ଏବଂ ଅସାମାଜିକ ଯୁବଗୋଷ୍ଠୀମାନଙ୍କ ଆଡ୍‌ଡା ସ୍ଥଳୀ ଓ ମଦ ଭାଟିରେ ଅଗ୍ନି ସଂଯୋଗ କରି ସବୁ କିଛି ଧ୍ୱଂସ କରିଛି । ଗାଳ୍ପିକା ବେଶ୍ କଳାତ୍ମକ ଢଙ୍ଗରେ ନାରୀର ଅସ୍ମିତା ପାଇଁ ଲଢ଼ିବାକୁ ଏକ ପକ୍ଷରେ ନୀରବ ପ୍ରତିବାଦ କରାଇ ଅନ୍ୟ ପକ୍ଷରେ ତାକୁ ମୁଖରିତ କରି ଅସାମାଜିକମାନଙ୍କର ସଂହାର କାରିଣୀ ଭାବେ ଗଢ଼ି ତୋଳିଛନ୍ତି ।

'ଏକାକୀ ପରାଶର' ଗଳ୍ପରେ ଗାଳ୍ପିକା ପୌରାଣିକ ଚରିତ୍ରର ନବ ମୂଲ୍ୟାୟନ କରିଛନ୍ତି । ପୌରାଣିକ ଚରିତ୍ର ପରାଶରଙ୍କୁ ଆଧୁନିକ ଜୀବନଚର୍ଯ୍ୟାରେ ପରିକଳ୍ପନା କରି ଏକାକୀ ପରାଶରର ଶକ୍ତିଗୁଡ଼ିକ ଏଠାରେ ବର୍ଣ୍ଣନା କରାଯାଇଛି । 'ଅଭିନେତ୍ରୀ' ଗଳ୍ପରେ ନାରୀ ଚରିତ୍ର ମନୀଷାର ଜୀବନ ରାତିରେ ରଙ୍ଗମଂଚରେ ଯେତେ ରଙ୍ଗଭରା ଓ ସ୍ୱପ୍ନିଳ, ଦିନର ଉଜ୍ଜ୍ୱଳରେ ତାହା ସେତିକି ହିଁ ମଳିନ, ରାଙ୍ଗଛଡା ଓ ସ୍ୱପ୍ନହୀନ । ନାରୀର

ଅନ୍ୟ ଏକ କରୁଣ ଛବି ଭାବରେ ଏହି ଗଳ୍ପ ବେଶ୍ ହୃଦୟସ୍ପର୍ଶୀ । 'ଖେଳଚାଲିଛି' ଗଳ୍ପରେ ମଣିଷ ନିକଟରେ ଦୁନିଆର ସବୁ ପ୍ରକାରର ଆଡମ୍ବର ଥାଇ ମଧ୍ୟ ମନ ସହ ମନର ମିଳନ ନ ହେଲେ ଜୀବନ କିଭଳି ଖେଳରେ ପରିଣତ ହୋଇଯାଏ ତାହା ବର୍ଣ୍ଣିତ । ଗଳ୍ପର ଘଟଣାନୁସାରେ ସମସ୍ତ ପ୍ରକାର ସୁବିଧା, ଧନ,ସମ୍ପତ୍ତି ଥାଇ ମଧ୍ୟ ଚରିତ୍ର ବିଥିକା ସ୍ୱାମୀଙ୍କ ସହ ମନର ଅମେଳ ହେତୁ ମାନସିକ ଯନ୍ତ୍ରଣା ଭୋଗିଛି । ବିଥିକାର ସ୍ୱାମୀ ମଧ୍ୟ ଏଭଳି ସ୍ଥିତିରେ ନିଜ ପତ୍ନୀଠାରୁ ଦୂରେଇ ରହିବା ପାଇଁ ଅନେକ ବିଦେଶ ଯାତ୍ରା କରିଛନ୍ତି । ସମ୍ପ୍ରତିର ଏହି ଆଧୁନିକ ଜୀବନ ଶୈଳୀ କେତେ ନିଃସଙ୍ଗ ଓ ଅସହାୟ ଏହା ପ୍ରୋକ୍ତ ଗଳ୍ପରେ ସ୍ପଷ୍ଟ ଭାବେ ତର୍ଣ୍ଣିତ ହୋଇଛି ।

'ପାଚେରୀ ସେପଟ ନଈ' ଗଳ୍ପରେ ନାରୀ ଚରିତ୍ର ସୁବର୍ଣ୍ଣାର ମନସ୍ତତ୍ତ୍ୱ ସହଜରେ ବୁଝି ହୁଏ ନାହିଁ । ପ୍ରୋକ୍ତ ଗଳ୍ପରେ ଏକ ପରିବାରର ବନ୍ଦନ ଆବଦ୍ଧ ସୁବର୍ଣ୍ଣା ନିଜ ସ୍ୱାମୀ ସହ ରହି ମଧ୍ୟ ଅନ୍ୟ ପୁରୁଷ ସଞ୍ଜୟ ପ୍ରତି ଆକର୍ଷିତ ହୋଇଛି । ଏଠାରେ ନାରୀର ଏହି ରୂପକୁ କେଉଁ ମାପଦଣ୍ଡରେ ମାପି ହେବ ତାହା ଅସ୍ପଷ୍ଟ । ସେହିପରି 'ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି' ଗଳ୍ପରେ ନାରୀ ଚରିତ୍ର ଲକ୍ଷ୍ମୀର ସଂଘର୍ଷର ପ୍ରତିଲିପି ବର୍ଣ୍ଣିତ । ନିଜ ପରିବାରର ଆର୍ଥିକ ଅଭାବ ଓ ନିଜର ସ୍ୱପ୍ନକୁ ପୂର୍ଣ୍ଣ କରିବା ପାଇଁ ଅନେକ କଷ୍ଟ ସ୍ୱୀକାର କରିଛି । କିନ୍ତୁ ତାର ଯନ୍ତ୍ରଣା ଓ ଅସହାୟତାର ଅନ୍ତ ଘଟିନାହିଁ ।

ଗଳ୍ପିକା ମହାନ୍ତି ମଣିଷର ମନର ପ୍ରତ୍ୟେକ ବେଦନା, ଯନ୍ତ୍ରଣା, ଅନ୍ତର୍ଦାହ ଓ ଅସହାୟତାକୁ ବେଶ୍ ଜୀବନ୍ତ ତଥା କଳାତ୍ମକ ଢଙ୍ଗରେ ବ୍ୟକ୍ତ କରିଛନ୍ତି । ଯେଉଁଠି ଉପଲବ୍ଧି କରି ହୁଏ ବେଦନା ଜର୍ଜରିତ ମଣିଷର ଯନ୍ତ୍ରଣାସିକ୍ତ ଜୀବନକୁ । ଗଳ୍ପିକା ନିଜର କଥା ଜଗତରେ କେବଳ ମାନବ ସମାଜର ଦୁଃଖ, ଯନ୍ତ୍ରଣାକୁ ଉତ୍‌ଥାପନ କରି ନାହାଁନ୍ତି, ବରଂ ସେହି ସମସ୍ୟାଗୁଡ଼ିକର ସମାଧାନର ପଥ ମଧ୍ୟ ସନ୍ଧାନ କରିଛନ୍ତି ।

**ସହାୟକ ଗ୍ରନ୍ଥସୂଚୀ :**

୧ 'ଗଳ୍ପିକାଙ୍କ ସହ ସାକ୍ଷାତ୍କାର' - ମୁହାଁମୁହିଁ କଥାବାର୍ତ୍ତା (ସଂ. ବିଭୂତି ପଟ୍ଟନାୟକ), ବିଜୟିନୀ ପବ୍ଲିକେଶନ୍ସ, କଟକ, ୧ମ ସଂ, ୨୦୦୫, ପୃ-୧୩୩ ।

୨ ଗଳ୍ପିକାଙ୍କ ସହ ସାକ୍ଷାତ୍କାର - ଇସ୍ତାହାର, ଜାନୁୟାରୀ - ମାର୍ଚ୍ଚ ୧୯୯୨ ।

ଅଧ୍ୟାପକ, ଓଡ଼ିଆ ବିଭାଗ
ଗାଙ୍ଗେଶ୍ୱରୀ ଡ଼ିଗ୍ରୀ ମହାବିଦ୍ୟାଳୟ
ପଟ୍ଟାଙ୍ଗୀ, କୋରାପୁଟ

ISSN -2583-147X (P), Vol.- 7, Issue No. X, Januuary 2022
Bastabatara Pariprakash Prachee
*Peer Reviewed and Referred Research Journal*

# (ଶିଶୁ ଧର୍ମଯୋଦ୍ଧାଙ୍କର କରୁଣ ପରିଣତି)

ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ

ଶୈଶବ ଓ କିଶୋର ମନ ଏମିତି ଏକ ଅବସ୍ଥାରେ ଥାଏ ଯାହା ଖୁବ ଶିଘ୍ର ଆନ୍ଦୋଳିତ ଓ ଅନୁପ୍ରାଣିତ ହୋଇଥାଏ । ବହୁସମୟରେ ଏପରି ଅନଭିଜ୍ଞ ଭାବପ୍ରବଣ ଛୋଟ ପିଲାମାନେ ସ୍ୱାର୍ଥନ୍ୱେଷୀ ଗୋଷ୍ଠୀଙ୍କର ଶୀକାର ହୋଇଥାନ୍ତି । ମନୁଷ୍ୟର ବିଜ୍ଞତା ଓ ନିର୍ବୋଧତା ଉଭୟକୁ ଇତିହାସ ଲିପିବଦ୍ଧ କରିଛି । ଭଗବାନଙ୍କର ସନ୍ତାନ ଭାବେ ସାବୁ ମଣିଷ ଏକ ହେବା ପାଇଁ ମହାପୁରୁଷ ମାନେ ଯୁଗେ ଯୁଗେ ଆହ୍ୱାନ ଦେଇଥିବା ବେଳେ ତାଙ୍କର ଅନୁଗାମୀ ମାନେ ଭଗବାନଙ୍କ ନାମରେ ସଦା ସଙ୍ଘର୍ଷରତ । ଧର୍ମ ନାମରେ ଯେତେ ସବୁ ଯୁଦ୍ଧ ହୋଇଛି ସବୁଠାରୁ କୁଖ୍ୟାତ ହେଉଛି କୃଷେଡ(Crusade) । ତେବେ ଏହାର ଅତ୍ୟନ୍ତ ଦୟନୀୟ ପରିଣତି ଭୋଗ କରିଛନ୍ତି ଭାବପ୍ରବଣ ଛୋଟ ପିଲାମାନେ । ଆସନ୍ତୁ ଜାଣିବା ଇତିହାସ ପୃଷ୍ଠାରୁ ।

ମଧ୍ୟଯୁଗରେ ଖ୍ରୀଷ୍ଟିଆନ୍ ଓ ମୁସଲମାନ୍ ଙ୍କ ମଧ୍ୟରେ ନିଜ ନିଜ ଧର୍ମବିଶ୍ୱାସ ସପକ୍ଷରେ ଦୁଇ ଶତାବ୍ଦୀ ଧରି( ୧୧୦୦ ରୁ ୧୩୦୦) ଲଢାଯାଇଥିବା ଯୁଦ୍ଧକୁ କୃଷେଡ୍ ବା ଧର୍ମଯୁଦ୍ଧ କୁହାଯାଏ । ସେମାନେ ଅନ୍ୟ ଧର୍ମପ୍ରତି ଅତ୍ୟନ୍ତ ଅସହିଷ୍ଣୁ ଥିଲେ । ଖ୍ରୀଷ୍ଟିଆନ୍ ମାନେ କ୍ରସ୍ ଚିହ୍ନକୁ ଯୁଦ୍ଧରେ ପ୍ରତୀକ ଭାବେ ବ୍ୟବହାର କରିଥିବାରୁ ଏହି ଯୁଦ୍ଧ କୃଷେଡ(Crusade) ଭାବେ ପରିଚିତ । ଇୟୁରୋପୀୟ ଖ୍ରୀଷ୍ଟିଆନ୍ ମାନେ ଜୀଶୁଙ୍କ ପବିତ୍ର ଜନ୍ମସ୍ଥାନ ପାଲେଷ୍ଟାଇନ୍ କୁ ଅକ୍ତିଆର କରିବାର ଅଭିଳାଶ ହିଁ ଏହାର ମୁଖ୍ୟ କାରଣ । ସପ୍ତମ ଶତାବ୍ଦୀ ରେ ଆରବ ମୁସଲମାନ୍ ମାନେ ଯଦିଓ ପାଲେଷ୍ଟାଇନ୍ କୁ ନିଜ ଅଧିନରେ ରଖିଥିଲେ କିନ୍ତୁ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ମାନଙ୍କ ପାଲେଷ୍ଟାଇନ୍ କୁ ଆଗମନ ପ୍ରତି ସେମାନେ ଅତ୍ୟନ୍ତ ଉଦାରଥିଲେ । ସେ ସମୟରେ ଦକ୍ଷିଣ-ପୂର୍ବ ଶେଷଭାଗରେ ରୋମର ବାଇଜାଣ୍ଟଶଇନ ସାମ୍ରାଜ୍ୟର ରାଜଧାନୀ ଥିଲା କନ୍‌ଷ୍ଟାଣ୍ଟିନୋପଲ୍ । କିନ୍ତୁ ଏକାଦଶ ଶତବ୍ଦୀ ବେଳକୁ ତୁର୍କୀ ମୁସଲମାନ୍ ମାନେ ପାଲେଷ୍ଟାଇନ୍ କୁ ଜୟ କରିଲେ । ଆରବ ମୁସଲମାନ୍‌ଙ୍କ ପରି ସେମାନେ ଉଦାର ନଥିବାରୁ ସେମାନେ ଖ୍ରୀଷ୍ଟିଆନ ଧର୍ମଯାତ୍ରା କୁ ବିରୋଧ କରି ସେଠାର ଖ୍ରୀଷ୍ଟିଆନ ମାନଙ୍କୁ ହତ୍ୟା କରିବାରେ ଲାଗିଲେ ।ଏହା ଇୟୁରୋପୀୟ ଖ୍ରୀଷ୍ଟିଆନ ମାନଙ୍କ ମଧ୍ୟରେ ଖୁବ୍ ବିଷାଦଭରିଦେଲା । ପାଲେଷ୍ଟାଇନ୍ କୁମୁସଲମାନମାନଙ୍କଠାରୁ ମୁକ୍ତ କରିବା ପାଇଁ ତତ୍କାଳୀନ ଖ୍ରୀଷ୍ଟିଆନ ସର୍ବୋଚ୍ଚ ଧର୍ମଯାଜକ ଅର୍ବାନ୍ ଦ୍ୱିତୀୟ ବାଇଜାଣ୍ଟାଇନ ସମ୍ରାଟ ଆଲେକ୍ସିୟସଙ୍କୁ ପ୍ରରୋଚିତ କରିଥିଲେ । ସେ ଏହାକୁ ଭଗବାନଙ୍କର ଇଚ୍ଛା ଭାବେ ଅଭିହିତ କରି ଅନ୍ତଃଦ୍ୱନ୍ଦରେ ଲିପ୍ତଥିବା ସାମନ୍ତରାଜା ଓ ବିଭିନ୍ନ ବର୍ଗର ଲୋକଙ୍କୁ ଆହ୍ୱାନ ଦେଇଥିଲେ । କେହି ଅନୁମାନ କରିପାରିନଥିଲେ ଯେ ଏହି କୃଷେଡ୍ ବା ଧର୍ମଯୁଦ୍ଧ ଦୁଇଶହ ବର୍ଷପର୍ଯ୍ୟନ୍ତ ଇୟୁରୋପୀୟ ଖ୍ରୀଷ୍ଟିଆନ ମାନଙ୍କ ମନକୁ ପ୍ରଭାବିତ କରିରଖିବ ।

ପ୍ରଥମକୃଷେଡ୍ ବା ଧର୍ମଯୁଦ୍ଧ ୧୦୯୬ ରୁ୧୦୯୯ମସିହା ପର୍ଯ୍ୟନ୍ତ ଜାରି ରହିଥିଲା । ଏଥିରେ ଭାଗ ନେଇଥିବା ସୈନିକଙ୍କ ନେତୃତ୍ୱ ନେଇଥିଲେ ଦୁଇ ଅତ୍ୟନ୍ତ ସାଧାରଣ ବ୍ୟକ୍ତି, ସନ୍ୟାସୀ ପିଟର ଓ କଦର୍ପକଶୁନ୍ୟ ଓ୍ୱାଲଟର । ଜୁଲାଇ ୧୦୯୯ମସିହାରେ ଖ୍ରୀଷ୍ଟିଆନ ଯୁଦ୍ଧ ଜିତି ଜେରୁଜେଲମ ଅକ୍ତିଆର କରି ଗୋଡଫ୍ରେଙ୍କୁ ଏହାର ରାଜା ଭାବେ ଅଭିଷିକ୍ତ କରାଯାଇଥିଲା ।

ଦ୍ୱିତୀୟ କୃଷେଡ୍ ବା ଧର୍ମଯୁଦ୍ଧ ୧୧୪୭ ରୁ୧୧୪୯ମସିହା ପର୍ଯ୍ୟନ୍ତ ଜାରି ରହିଥିଲା । ମୁସଲମାନ୍ ମାନେ ୧୧୪୪ ମସିହାରେ ଏଡେସା କୁ ପୁନଃ ଦଖଲ କରିଥିଲେ ।ତତ୍କାଳୀନ ଖ୍ରୀଷ୍ଟିଆନ ସର୍ବୋଚ୍ଚ ଧର୍ମଯାଜକ ଇଉଜେନିୟସ ତୃତୀୟ ପବିତ୍ର ରୋମ ସମ୍ରାଟ କନରାଡ୍ ଓ ଫ୍ରାନ୍ସ ରାଜା ସପ୍ତଦଶ ଲୁଇଙ୍କୁ ଦ୍ୱିତୀୟ କୃଷେଡ୍ ପାଇଁ ପ୍ରରୋଚିତ କରିଥିଲେ । ଅଥଚ ଉଭୟ ପରସ୍ପରକୁ ସନ୍ଦେହ ଦୃଷ୍ଟିରେ ଦେଖୁଥିବାରୁ ଓ ଯୁଦ୍ଧ ଅନଭିଜ୍ଞ ଥିବାରୁ ମୁସଲମାନ୍ ମାନଙ୍କଠାରୁ ପରାସ୍ତ ହୋଇଥିଲେ ।

ତୃତୀୟ କୃଷେଡ୍ ବା ଧର୍ମଯୁଦ୍ଧ ୧୧୮୯ ରୁ୧୧୯୨ମସିହା ପର୍ଯ୍ୟନ୍ତ ଜାରି ରହିଥିଲା ।ଦ୍ୱିତୀୟ କୃଷେଡ୍ ବା ଧର୍ମଯୁଦ୍ଧରେ ଜିତିବା ପରେ ତୁର୍କୀ ଶାସକ ସଲାଦିନ ୧୧୮୭ ମସିହାରେ ଜେରୁଜେଲମ ଅଧିକାର କରିଥିଲେ । ତୃତୀୟ କୃଷେଡ୍ ବା ଧର୍ମଯୁଦ୍ଧ ଯଦିଓ ଖୁବ ଦୃଢ ଭାବେ ଆରମ୍ଭ ହୋଇଥିଲା ତେବେ ତାହାର ପରିଣତି ଦୟନୀୟ ହୋଇଥିଲା । ଏଥିରେ ତିନି ଖ୍ରୀଷ୍ଟିଆନ

ଏକଛତ୍ରବାଦୀ ଶାସକ ନେତୃତ୍ୱ ନେଇଥିଲେ । ସେମାନେ ହେଲେ ଜର୍ମାନ ରାଜା ଫ୍ରେଡେରିକ ବାର୍ବାରୋସା, ରୋମାନ ସମ୍ରାଟ ଫିଲିପ ଅଗଷ୍ଟସ ଓ ବ୍ରିଟେନର ରାଜା ସିଂହ ହୃଦୟ ରିଚାର୍ଡ । ସ୍ଥଳ ବାଟେ ଏସିଆ ମାଇନର ରେ ଜର୍ମାନ ରାଜା ଫ୍ରେଡେରିକ ବାର୍ବାରୋସା ପହଂଚିଲେ କିନ୍ତୁ ଏକ ନଦୀ ଅତିକ୍ରମ କରିଲାବେଳେ ବୁଡି ମଲେ । ରୋମ ଓ ବ୍ରିଟେନର ରାଜା ମିଳିତ ଭାବେ ସମୁଦ୍ରରେ ଅଗ୍ରସର ହେଲେ କିନ୍ତୁ ପରସ୍ପରକୁ ସନ୍ଦେହ କରି ନିଜ ଭିତରେ କନ୍ଦଳ କଲେ । ତେଣୁ ଅଲଗା ହୋଇ ଧର୍ମଯୁଦ୍ଧ ପାଇଁ ଲଢିଲେ । ତେଣୁ ପୂର୍ଣ୍ଣ ସ'ଳତା ମିଳିଲା ନାହିଁ । ବ୍ରିଟେନର ରାଜା ରିଚାର୍ଡ ଯଦିଓ ଜେରୁଜେଲମ ପାଖାପାଖି ପହଂଚି ପାରିଥିଲେ ତଥାପି ତୁର୍କୀ ଶାସକ ସଲାଦିନ ତାଙ୍କୁ ଜିତିବା ସୁଯୋଗ ଦେଇନଥିଲା । ଏହି ରକ୍ତାକ୍ତ ସଂଘର୍ଷରେ ଉଭୟ ପକ୍ଷର ତିନିଲକ୍ଷ ଲୋକ ମରିଥିଲେ । ଶେଷରେ ୧୯୯୨ ମସିହାରେ ମୁସଲମାନ ମାନଙ୍କ ସହ ଏକ ଚୁକ୍ତି ବଳରେ ଖ୍ରୀଷ୍ଟିଆନ ମାନଙ୍କୁ ମୁସଲିମ ଶାସନାଧିନ ଜେରୁଜେଲମରେ ପ୍ରବେଶ ଅନୁମତି ମିଳିଲା । ବି'ଳ ମନୋରଥ ହୋଇବ୍ରିଟେନର ରାଜା ରିଚାର୍ଡ ଫେ'ରିବା ବାଟରେ ଜର୍ମାନ ତାଙ୍କୁ ଅପହରଣ କରିଥିଲା । ତାଙ୍କୁ ମୁକୁଳାଇବା ପାଇଁ ବ୍ରିଟେନକୁ ପ୍ରତିବଦଳରେ ବହୁ ସମ୍ପଦ ଦେବାକୁ ପଡିଥିଲା ।

ଚତୁର୍ଥ କ୍ରୁଷେଡ୍ ବା ଧର୍ମଯୁଦ୍ଧ ୧୨୦୧ ମସହାରେ ଆରମ୍ଭ ହୋଇଥିଲା । ଏହି ଯୁଦ୍ଧ ପାଇଁ ଡାକରା ଦେଇଥିଲେ ପୋପ ଇନୋସେଣ୍ଟ ତୃତୀୟ ହେଲେ ଖ୍ରୀଷ୍ଟିଆନ ଧର୍ମଯୋଦ୍ଧା ମାନେ ମୁସଲମାନଙ୍କ ସଙ୍ଗେ ନଲଢି ଲୋଭଗ୍ରସ୍ତ ହୋଇ ନିଜ ନିଜ ଭିତରେ ଲାଟିନ ଓ ଗ୍ରୀକ ମାନେ ଲଢି ଖ୍ରୀଷ୍ଟିଆନ ରକ୍ତ ବୁହାଇଥିଲେ ।


ସବୁଠାରୁ କରୁଣ ଓ ଆଶ୍ଚର୍ଯ୍ୟକଥା ଘଟିଲା ୧୨୧୨ ମସିହାରେ । ଏହା ଶିଶୁ ଧର୍ମଯୁଦ୍ଧ ନାମରେ ଅପଖ୍ୟାତ । ଷ୍ଟିଫେନ ଓ ନିକୋଲସ ନାମକ ଦୁଇ ନାବାଳକ ପବିତ୍ର ଧର୍ମଯୁଦ୍ଧ ପାଇଁ ଅନୁପ୍ରାଣିତ ହୋଇଥିଲେ । ତାଙ୍କ ଦେଖାଦେଖି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ହଜାର ହଜାର ଫ୍ରେଂଚ ଓ ଜର୍ମାନ ବାଳକ କଳ୍ପନାରେ ଦୁଃସାହାସିକ ଅଭିଯାନ ପାଇଁ ବାହାରିଲେ । ସେମାନେ ଭାବୁଥିଲେ "ଧର୍ମଯୁଦ୍ଧ ସକାଶେ ଭୂମଧ୍ୟସାଗର ଶୁଷ୍କ ହୋଇ ତାଙ୍କୁ ପବିତ୍ର ପାଲେଷ୍ଟାଇନରେ ଚାଲି ଚାଲି ପହଂଚିବା ପାଇଁ ବାଟ ଛାଡିଦେବ । ସେଠାରେ ପହଂଚିବା ମାତ୍ରେ ତାଙ୍କର ସରଳତା ଓ ଭକ୍ତି ପ୍ରଭାବରେ ଇସଲାମର ସୈନ୍ୟ ମିଳେଇ ଯାଇ ଅଦୃଶ୍ୟ ହୋଇଯିବେ ଏବଂ ଜୀଶୁଙ୍କର ଭୂମି ମୁକ୍ତ ହୋଇ ଖ୍ରୀଷ୍ଟିଆନ ଶାସନ ସ୍ଥାପନ ହେବ ।" ଏପରି ଅତ୍ୟୁତ୍ସାହିତ ବିଶ୍ୱାସ ସହ ହଜାର ହଜାର ବାଳକ ଫ୍ରେଞ୍ଚ ବନ୍ଦର ମାର୍ସାଇଲିସ ଅଭିମୁଖେ ଚାଲିଲେ । ସେମାନଙ୍କ ଶିକ୍ଷକ ବା ଅଭିଭାବକ ସେମାନଙ୍କୁ ରୋକି ପାରିଲେନି । ସମବେତ ଭାବରେ ଭୂମଧ୍ୟସାଗର ଢେଉକୁ ଚାହିଁଲେ ମଧ୍ୟ ତାହା ଶୁଷ୍କ ହୋଇ ତାଙ୍କୁ ପବିତ୍ର ପାଲେଷ୍ଟାଇନରେ ଚାଲି ଚାଲି ପହଂଚିବା ପାଇଁ ବାଟ ଛାଡିଲା ନାହିଁ । ତଥାପି ସେମାନେ ହତୋତ୍ସାହିତ ନହୋଇ ଧୈର୍ଯ୍ୟର ସହ ଅପେକ୍ଷା କଲେ । ସେହି କ୍ଷଣରେ ବଣିକ ମାନେ ସହଯୋଗର ହାତ ବଢାଇଲେ । ସମୁଦ୍ରପାରି ପାଲେଷ୍ଟାଇନରେ ପହଂଚିବା ପାଇଁ ସେମାନେ ସାତଟି ଜାହାଜରେ କେତେ ହଜାର ବାଳକଙ୍କୁ ନେବାର ବ୍ୟବସ୍ଥା କରିଲେ । ସେ ଜାହାଜ ଗୁଡିକ ସମୁଦ୍ରଯାତ୍ରା କରିବା ମଧ୍ୟରେ ତନ୍ମଧ୍ୟରୁ ଦୁଇଟି ଜାହାଜ ଭୂମଧ୍ୟସାଗରରେ ଭୀଷଣ ସାମୁଦ୍ରିକ ଝଡର ସମ୍ମୁଖୀନ ହୋଇ ସଲୀଳସମାଧ ନେଲା । ବଳକା ଜାହାଜ ସବୁ ମଝିଦରିଆରେ ଜଳଦସ୍ୟୁ ମାନଙ୍କ ଦ୍ୱାରା କବଳିତ ହେଲା । କଥିତ ଅଛିଯେ ଇଉରୋପିଆନ ବଣିକମାନେ ପ୍ରଚୁର ଅର୍ଥଲୋଭରେ ସେ ନିରିହ ବାଳକ ମାନଙ୍କୁ ଜଳଦସ୍ୟୁ ମାନଙ୍କୁ ବିକ୍ରି କରିଦେଇଥିଲେ । ପରେ ଜଳଦସ୍ୟୁ ମାନେ ସେ ହତଭାଗ୍ୟ ପିଲାଙ୍କୁ ଉତ୍ତର ଆଫ୍ରିକା, ଇଜିପ୍ଟ ଓ ବାଗଦାଦ ନେଇ ସେଠାରେ କ୍ରୀତଦାସ ଭାବେବିକ୍ରି କରି ଦେଇଥିଲେ । ତତ୍କାଳୀନ ପୋପ ଇନୋସେଣ୍ଟ ତୃତୀୟ ଶିଶୁ ଧର୍ମଯୁଦ୍ଧର ପ୍ରାରମ୍ଭରେ ମନ୍ତବ୍ୟ ଦେଇଥିଲେ ଯେ, "ଏ ଶିଶୁ ମାନେ ଆମକୁ ଲଜ୍ଜିତ କରିଛନ୍ତି, ଯେତେବେଳେ ଆମେ ଶୋଇଥିଲେ ସେମାନେ ପବିତ୍ର ଭୂମିକୁ ଜୟ କରିବା ପାଇଁ ଉଲ୍ଲସିତ ହୋଇ ମାତିଚାଲିଲେ ।"

ଶିଶୁ ଧର୍ମଯୁଦ୍ଧ-କ୍ରୁଷେଡ(Crusade) ପରେ ଏପରି ଆହୁରି କିଛିଧର୍ମଯୁଦ୍ଧ ତ୍ରୟୋଦଶ ଶତାବ୍ଦୀ ଶେଷଭାଗ ପର୍ଯ୍ୟନ୍ତ ଲଢାଯାଇଥିଲା । ସେତବେଳକୁ ପ୍ରଥମେ ପ୍ରଥମେ ଏଥିପାଇଁ ଥିବା ଉତ୍ସାହ ଉଦ୍ଦିପନା ଚିରଦିନ ପାଇଁ ଅପସରି ଯାଇଥିଲା । ଶିଶୁ ଧର୍ମଯୁଦ୍ଧ ବ୍ୟତିରେକ ସର୍ବମୋଟ ଆଠଟି କ୍ରୁଷେଡ(Crusade) ଲଢାଯାଇଥିଲା । କିନ୍ତୁ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ଖ୍ରୀଷ୍ଟିଆନ ମାନେ ପାଲେଷ୍ଟାଇନକୁ ମୁସଲମାନଙ୍କ ହାତରୁ ମୁକ୍ତ କରିପାରିନଥିଲେ ।

ବର୍ତ୍ତମାନ ମଧ୍ୟ ବହୁ ସ୍ୱାର୍ଥାନ୍ୱେଷୀ କଠୋର ପନ୍ଥୀ ରଢିବାଦୀ ସଙ୍ଗଠନ ଭାବପ୍ରବଣ ପିଲାମାନଙ୍କୁ ଧର୍ମନାମରେ ଭୁଲ ତାଲିମ ଦେଇ ଉତ୍ତେଜିତକରି, ମତାଇ ବିପଥଗାମୀ କରିବାରେ ଲଗିଛନ୍ତି । ବିଭିନ୍ନ ଗଣମାଧ୍ୟମ ଏ ମସୁଧାରେ ଅଂଶିଦାର ଭାବେ ଅତିରଞ୍ଜିତ ତଥ୍ୟ ପରିବେଷଣ କରି ଭାବପ୍ରବଣ ପିଲାମାନଙ୍କୁ ହିଂସାଚାରଣ ଅପଣେଇବା ପାଇଁ ଉସକାଉଛନ୍ତି । ଏହି ହିତାହିତ ଜ୍ଞାନଶୁନ୍ୟ ଛାତ୍ର ସମାଜ ରାଜନୈତିକ ଦଳର ପୁତ୍ତଳିକା ସାଜିସେମାନେ ସ୍ୱୟଂ ତଥା ସମସ୍ତ ସମାଜର ଭବିଷ୍ୟତ କଦାକାର କରୁଛନ୍ତି । ଶାନ୍ତି ବିବର୍ଜିତ ଧର୍ମ କଦାପି ମାନବ ଧର୍ମ ହୋଇନପାରେ । ବିଦ୍ୟାଳୟ ପରିଧାନ

ଆଡୁଆଳରେ ଛାତ୍ରସମାଜକୁ ମତାନ୍ଧ ଗୋଷ୍ଠୀ ଭାଗଭାଗ କରୁଛି । ଛାତ୍ରମାନେ ଶିକ୍ଷାୟତନକୁ ଆସିବାର ଉଦ୍ଦେଶ୍ୟ ଭୁଲି ସହପାଠୀନୀଙ୍କୁ ନିଜର ଶତୃରୂପେ ଦେଖୁଛନ୍ତି । ଏଥିରେ ଲିପ୍ତ ରହୁଥିବା ପିଲାମାନଙ୍କୁ ଅଭିଭାବକ ଓ ଶିକ୍ଷକ ଗୋଷ୍ଠୀ ଆଗରୁ କଅଣ ପାଠ ପଢାଇଥିଲେ ତାହା ନିମ୍ନ ଏକ ପ୍ରଶ୍ନବାଚୀ ।ଆମର ସଂସ୍କୃତିକ ସଦଭାବନା, ଗ୍ରହଣଶୀଳତାର ଐତିହ୍ୟ ଓ ଐକ୍ୟ ପରମ୍ପରା ଯାହାର ଉଦାହରଣ ଦେଇ ବିବେକାନନ୍ଦ ଧର୍ମ ମହାସଭାରେ ବିଶ୍ୱ ବିଦିତ ହୋଇଥିଲେ ତାର ଅପମାନ ଆଉ କିପରି କରାଯାଇ ପାରିଥାନ୍ତା ?ଶାନ୍ତି ବିବର୍ଜିତ ଧର୍ମ କଦାପି ମାନବ ଧର୍ମ ହୋଇନପାରେ ।

ଓଡିଶା.ପ୍ରଶାସନିକ.ସେବା

ISSN -2583-147X (P), Vol.- 7, Issue No. X, Januuary 2022
Bastabatara Pariprakash Prachee
*Peer Reviewed and Referred Research Journal*

# ଭୌମ ସାମ୍ରାଜ୍ୟର ପୁନର୍ଗଠନର ଇତିହାସ : ପ୍ରଦୀପ ଦାଶଙ୍କ 'ତ୍ରିଭୁବନ ମହାଦେବୀ' ଉପନ୍ୟାସ

**କାମିନୀ ଦେହୁରୀ**

ଓଡ଼ିଆ କଥା ଜଗତରେ ଅହରହ ପରିବର୍ତ୍ତନ ଘଟି ସମ୍ପ୍ରତି ଏହା ଏକ ସମୃଦ୍ଧି ସ୍ତରରେ ଉପନୀତ ହୋଇପାରିଛି । ଓଡ଼ିଆ କଥା ସାହିତ୍ୟର ଏହି ପରିବର୍ତ୍ତନ ପଥରେ ଅନେକ କଥାଶିଳ୍ପି ନିଜର ପ୍ରତିଭାମୟ ଯୋଗାଦାନ ଦେଇଛନ୍ତି । ସେହି ପ୍ରତିଭାବାନ କଥାକାରଙ୍କ ମଧ୍ୟରୁ କଥାଶିଳ୍ପି ପ୍ରଦୀପ ଦାଶ ଅନ୍ୟତମ । ସଂଖ୍ୟା ଦୃଷ୍ଟିରେ ସ୍ୱଳ୍ପ ହେଲେ ମଧ କଥାକାର ଦାଶଙ୍କ ସୃଷ୍ଟିଗୁଡ଼ିକରେ କଥା କଳ୍ପନାର ଅନନ୍ୟତା ସ୍ପଷ୍ଟ ଭାବେ ଉପଲବ୍ଧି କରିହୁଏ । କଥାକାର ଦାସ ସାମାଜିକ ସମସ୍ୟା, ରାଜନୀତି ଓ ଇତିହାସର ପ୍ରେକ୍ଷାକୁ ଆଧାର କରି 'ସୁବର୍ଣ୍ଣା ଆଁରେ ଗାଁ' (୨୦୦୭) 'ପେଟପାଟଣା' (୨୦୧୩), 'ଚରୁ ଚୀବର ଓ ଚର୍ଯ୍ୟା' (୨୦୧୮) ଓ 'ତ୍ରିଭୁବନ ମହାଦେବୀ' (୨୦୨୧) ଆଦି ଉପନ୍ୟାସ ରଚନା କରିଛନ୍ତି । ଭୌମକର ରାଜବଂଶ ତଥା ସାମ୍ରାଜ୍ୟରେ ବୌଦ୍ଧ ଧର୍ମର ପ୍ରଭାବ ଓ ରାଜନୀତିର ଇତିହାସକୁ ଆଧାର କରି କଥାକାର ଦାଶ 'ଚରୁ ଚୀବର ଓ ଚର୍ଯ୍ୟା' ଉପନ୍ୟାସ ରଚନା କରିଛନ୍ତି ଉକ୍ତ ଉପନ୍ୟାସର ବିଷୟବସ୍ତୁକୁ ହିଁ ଆଧାର କରି ସେ 'ତ୍ରିଭୁବନ ମହାଦେବୀ' ଉପନ୍ୟାସ ରଚନା କରିଛନ୍ତି । ଇତିହାସ ଗର୍ଭରେ ଅନେକ ବିରାଙ୍ଗନାଙ୍କ ନଜିର ବିଦ୍ୟମାନ । ଯେଉଁମାନେ ନିଜର ଦକ୍ଷତା ବଳରେ ଦେଶ ତଥା ରାଜ୍ୟର ଶାସନ ଭାର ସମ୍ଭାଳି ଦମନକାରୀମାନଙ୍କ ଅନ୍ତ କରିଛନ୍ତି । ସେହିଭଳି ତ୍ରିଭୁବନ ମହାଦେବୀଙ୍କ ଦ୍ୱାରା ପତନମୁଖୀ ଭୌମରାଜ୍ୟର ପୁନର୍ଗଠନର ଗାଥା ଏହି ଆଲେଖ୍ୟର ଉପଜୀବ୍ୟ ।

'ଚରୁ ଚୀବର ଓ ଚର୍ଯ୍ୟା' ଉପନ୍ୟାସର ଉତ୍ତରାର୍ଦ୍ଧ ଉପନ୍ୟାସ ହେଉଛି 'ତ୍ରିଭୁବନ ମହାଦେବୀ' । ଭୌମ ପ୍ରତିଭାବାନ ରାଜାମାନେ ଭୌମ ରାଜତନ୍ତ୍ର, ପ୍ରଶାସନ କ୍ଷେତ୍ର, ଯୁଦ୍ଧବିଦ୍ୟା, କଳା, କୃଷି ଓ ବାଣିଜ୍ୟକୁ ଶୀର୍ଷକୁ ନେଇଥିଲେ । ଏହି ଭୌମରାଜ୍ୟର ପ୍ରଶାସନକୁ ଭୌମବଂଶର ତିନିପିଢି ଯଥା- କ୍ଷେମେଙ୍କର ଦେବ, ତାଙ୍କ ପୁତ୍ର ଶିବକର ଦେବ ଓ ପୌତ୍ର ଶୁଭକର ଦେବ ସୂଚାରୁ ଭାବରେ ପରିଚାଳନା କରିଥିଲେ । ଏହି ତିନି ଭୌମ ସମ୍ରାଟ ଭୌମରାଜ୍ୟର ପ୍ରଶାସନ ତଥା ରାଜତନ୍ତ୍ରକୁ ନିଜ ନିଜର ପ୍ରତିଭା ଓ ଯୁଦ୍ଧ କୌଶଳଦ୍ୱାରା ପ୍ରତିଷ୍ଠା କରିଥିଲେ । ଭୌମରାଜ୍ୟର ପ୍ରତିଷ୍ଠାତା ହେଉଛନ୍ତି କ୍ଷେମେଙ୍କର ଦେବ, ସେ ଭୌମରାଜ୍ୟରେ ବୌଦ୍ଧଧର୍ମର ପ୍ରଚାର ପ୍ରସାର କରିଥିଲେ । ଭୌମରାଜ କ୍ଷେମେଙ୍କରଙ୍କ ସମୟରେ ରାଜ୍ୟରେ ବୌଦ୍ଧଧର୍ମର ପ୍ରଭାବ ପରିଲକ୍ଷିତ ହୋଇଛି । ଠିକ୍ ସେହିପରି ମହାରାଜା କ୍ଷେମେଙ୍କର ଦେବଙ୍କ ଅନ୍ତେ ଭୌମରାଜ୍ୟର ନରେଶ ଭାବେ ଶିବକର ଦେବ ସିଂହାସନ ରୁଢ ହେଲେ ଏବଂ ସେ ମଧ ଭୌମରାଜ୍ୟରେ ବୌଦ୍ଧଧର୍ମର ପ୍ରଚାର ପ୍ରସାର କରିଥିଲେ । ସେ ହିଁ ରତ୍ନଗିରି ମହାବିହାରର ପୁନଃନିର୍ମାଣ କରିବା ସହିତ ବୌଦ୍ଧ ଗୁମ୍ଫାଗୁଡ଼ିକ ମଧ ନିର୍ମାଣ କରିଥିଲେ । ପରବର୍ତ୍ତୀ ସମୟରେ ତାଙ୍କ ପୁତ୍ର ଶୁଭକର ଭୌମର ନରେଶ ଭାବେ ଭୂଷିତ ହେଲେ । ସେ ମଧ ବୌଦ୍ଧ ଦୀକ୍ଷା ଗ୍ରହଣ କରି ବୌଦ୍ଧ ଭିକ୍ଷୁମାନଙ୍କ ପାଇଁ ଭୌମସମ୍ରାଟ ଖୋଦିପଡ଼ାରେ ବୌଦ୍ଧ ମହାବିହାର ନିର୍ମାଣ କରିଥିଲେ । ସେ ଜଣେ ପ୍ରଜାବତ୍ସଳ ରାଜା ଭାବେ ପ୍ରତିଷ୍ଠିତ ଥିଲେ । ଏପରିକି ସେ ରାଜ୍ୟର ପ୍ରଜାମାନଙ୍କ କୁଷଳ ଜୀବନ ପାଇଁ ନିଜର ଜୀବନକୁ ମଧ ଉତ୍ସର୍ଗ ଦ୍ୱିତୀୟ ସମ୍ଭାଳି ଥିଲେ । କିନ୍ତୁ ସେ ଜଣେ ସୁଶାସକ ରାଜା ଭାବେ ନିଜକୁ ପ୍ରତିଷ୍ଠିତ କରି ପାରିନାହାଁନ୍ତି । କାରଣ ସେ ରାଜାତନ୍ତ୍ର ତଥା ପ୍ରଶାସନକୁ ଉଚିତଭାବେ ପରିଚାଳନା କରି ପାରିନାହାନ୍ତି । ଏହା ବ୍ୟତୀତ ସୁରା, ନାରୀ, ନୃତ୍ୟ, ଗୀତରେ ଲିପ୍ତ ରହୁଥିଲେ । ଏପରିକି କନିଷ୍ଠ ଶାନ୍ତିକରଙ୍କୁ ମଧ ସେ ଭୌମରାଜ୍ୟରୁ ତାଙ୍କର ଅଧିକାର ଦେଉନଥିଲେ । ଯାହାଫଳରେ ଉଭୟଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେଲା । ଭୌମ ପ୍ରଶାସନ ତଥା ରାଜତନ୍ତ୍ର କ୍ଷମତା ପାଇଁ ଉଭୟଙ୍କ ମଧ୍ୟରେ ଅନେକ ଷଡ଼ଯନ୍ତ୍ର ଦେଖାଯାଇଛି । କିନ୍ତୁ ଉଭୟ ସମ୍ରାଟ ଶିବକର ଦ୍ୱିତୀୟ ଓ ଯୁବରାଜ ଶାନ୍ତିକର ଯୁଦ୍ଧକ୍ଷେତ୍ରରେ ମଧ ଦୁର୍ବଳ ଥିଲେ । ଯାହାଫଳରେ ଭୌମରାଜ୍ୟକୁ ଆକ୍ରମଣ କରିବା ପାଇଁ ପୋଡ଼ଶୀ ରାଜ୍ୟର ବଙ୍ଗ ନରପତି ଦେବପାଳ ଯୋଜନା କରିଲେ । ବଙ୍ଗ ନରପତି କୌଶଳରେ ଭୌମରାଜ୍ୟରେ ପ୍ରବେଶ କରି ଭୌମରାଜ୍ୟର ପ୍ରଜା ତଥା ଶ୍ରେଷ୍ଠୀଙ୍କୁ ନିଜ ଆୟତକୁ ଆଣିଲେ । ପରବର୍ତ୍ତୀ ସମୟରେ ଭୌମରାଜ୍ୟର ପ୍ରଶାସନିକ

ଦୁର୍ବଳତାର ସୁଯୋଗ ଉଠାଇ ସେ ଭୌମରାଜ୍ୟକୁ ଆକ୍ରମଣ କରିଲେ ଏବଂ ଭୌମରାଜ୍ୟକୁ ଦୁଇଭାଗରେ ବିଭକ୍ତ କଲେ; ଯଥା-ଉତ୍ତର ତୋଷାଳ ଓ ଦକ୍ଷିଣ ତୋଷାଳ । ଦେବପାଳ, ଭୌମରାଜ୍ୟକୁ ଜୟକରି ତାର ପ୍ରତିନିଧି ଭାବେ ଶିବକର ଦ୍ୱିତୀୟ ଓ ଶାନ୍ତିକରଙ୍କୁ ନାମକୁ ମାତ୍ର ଭୌମ ରାଜ୍ୟର ଭାର ପ୍ରଦାନ କରିଥିଲେ । ଭୌମରାଜ୍ୟରେ ଯେତେବେଳେ ବଙ୍ଗ ନରପତି ନରେଶ ଭାବେ ନିଜର ଶତ୍ତା ପ୍ରତିଷ୍ଠାତା କରିଲେ, ତାଙ୍କ ଅନୁଜ ଜୟପାଳ ଓ ମହାମନ୍ତ୍ରୀ କେଦାର ମିଶ୍ର ଏବଂ ବଙ୍ଗସୈନ୍ୟ ଭୌମ ରାଜ୍ୟରେ ପ୍ରଜାକୁଳ ଓ ଦୁଇ ଯୁବରାଜଙ୍କୁ ଅନେକ ଅପମାନ କରିଛନ୍ତି ।

ତେଣୁ ଭୌମରାଜ୍ୟକୁ ସ୍ୱାଧୀନ କରିବା ପାଇଁ ଭୌମଯୁବରାଜ ଶାନ୍ତିକର ଚିନ୍ତା କରିଥିଲେ । କିନ୍ତୁ ନିଜେ ଯୁଦ୍ଧ କୌଶଳରେ ଦୁର୍ବଳ ଥିବା ହେତୁ ସେ ସକ୍ଷମ ହୋଇ ପାରି ନାହାଁନ୍ତି । ଏହି ସମସ୍ତ ଘଟଣାରୁ ଏହା ସ୍ପଷ୍ଟ ପ୍ରତୀତ ହେଉଛି ଯେ, ଏକଦା ପ୍ରତ୍ୟେକ କ୍ଷେତ୍ରରେ ଶୀର୍ଷରେ ଥିବା ଭୌମ ସାମ୍ରାଜ୍ୟ ପତନ ମୁଖୀ ହୋଇଛି । କିନ୍ତୁ ଭୌମ ସାମ୍ରାଜ୍ୟର ଆଧିପତ୍ୟ ଓ ରାଜତ୍ୱକୁ ପୁନର୍ଗଠନ କରିବା ପାଇଁ ସେଠାରେ ମୂଖ୍ୟ ଭୂମିକା ନିର୍ବାହ କରିଛନ୍ତି । ଗଙ୍ଗ ନରପତି ରାଜମଲ୍ଲ ପ୍ରଥମଙ୍କ କନ୍ୟା ସିଦ୍ଧ ଗୌରୀ ବା ତ୍ରିଭୁବନ ମହାଦେବୀ । ଉପନ୍ୟାସ ଘଟଣାକ୍ରମେ ଏକଦା ଶାନ୍ତିକରଙ୍କ ପାଇଁ ଗଙ୍ଗ ନରପତି ନିଜ କନ୍ୟା ସିଦ୍ଧ ଗୌରୀଙ୍କ ବିବାହ ପ୍ରସ୍ତାବ ପଠାଇଥିଲେ । ଶାନ୍ତିକର ପ୍ରଥମେ ଏହି ପ୍ରସ୍ତାବକୁ ମନାକରି ଦେଇଥିଲେ । କିନ୍ତୁ ପରେ ମହାମନ୍ତ୍ରୀ ଶ୍ରୀ ବସ୍ତ ଶୁକ୍ଳ ଭୌମ ରାଜ୍ୟର ହିତ ପାଇଁ ଏହି ପ୍ରସ୍ତାବକୁ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । କାରଣ ଗଙ୍ଗ ନରପତି ରାଜମଲ୍ଲ ପ୍ରଥମ ଜଣେ ପ୍ରତିଭାଶାଳୀ ରାଜା ଏକ ବିରାଟ ସୈନ୍ୟସାମନ୍ତ ନେଇ ସାମ୍ରାଜ୍ୟ ଗଠନ କରିଛନ୍ତି । ଯୁଦ୍ଧ କୌଶଳରେ ମଧ୍ୟ ଗଙ୍ଗନରପତି ପାରଙ୍ଗମ ଓ ଅନେକ ରାଜ୍ୟକୁ ଜୟ କରିଛନ୍ତି । ତେଣୁ ଭୌମ ରାଜ୍ୟକୁ ସ୍ୱାଧୀନ କରିବା ପାଇଁ ଗଙ୍ଗ ରାଜା ରାଜମଲ୍ଲ ପ୍ରଥମଙ୍କ ସହଯୋଗ ନିହାତି ଆବଶ୍ୟକ । ସେଥିପାଇଁ ଶାନ୍ତିକର, ଗଙ୍ଗ ନରପତିଙ୍କ କନ୍ୟା ସିଦ୍ଧ ଗୌରୀଙ୍କୁ ବିବାହ କରିବାର ପ୍ରସ୍ତାବ ସ୍ୱୀକାର କରିଛନ୍ତି ।

ଏହା ବ୍ୟତୀତ ଗଙ୍ଗ ନରପତି ଝିଅର ଭବିଷ୍ୟତ କଥା ଆଗରୁ ଜାଣି ପାରିଥିଲେ । ଭବିଷ୍ୟତରେ ସିଦ୍ଧଗୌରୀ ଭୌମ ସାମ୍ରାଜ୍ଞୀ ହେବେ ବୋଲି ସେ ଜାଣିଥିଲେ । ତେଣୁ ନିଜ ଝିଅର ବିବାହ ଭୌମ ଯୁବରାଜ ଶାନ୍ତିକର ସହିତ କରିବାକୁ ଚାହିଁଲେ । ଶାନ୍ତିକର ମଧ୍ୟ ସିଦ୍ଧଗୌରୀଙ୍କୁ ବିବାହ କରିବା ପାଇଁ ସର୍ତ୍ତ ରଖିଥିଲେ । ଗଙ୍ଗ ନରପତି ରାଜମଲ୍ଲ ପ୍ରଥମ ଯୁଦ୍ଧ କ୍ଷେତ୍ରରେ ସହଯୋଗ କରିବା ପାଇଁ ରାଜି ହୋଇଥିଲେ । ଭୌମ ନରେଶ ହେବାକୁ ଓ ଭୌମ ରାଜ୍ୟର ସ୍ୱାଧୀନ ପାଇଁ ଶାନ୍ତିକର ଗଙ୍ଗ ନରପତି ବିବାହ ପ୍ରସ୍ତାବ ଗ୍ରହଣ କରିଥିଲେ । କିନ୍ତୁ ଭୌମ ଯୁବରାଜ ବିବାହ ପରେ ସର୍ତ୍ତ ଭୁଲିଯାଇ ସୁରା ଓ ନାରୀ ଉପଭୋଗରେ ଲିପ୍ତ ରହିଲେ । ଫଳରେ ଗଙ୍ଗ କନ୍ୟା ସ୍ୱାମୀଦ୍ୱାରା ଅବହେଳିତ ହେଲେ । ତେଣୁ ସେହି ଅବହେଳିତର କାରଣର ସନ୍ଧାନରେ ସିଦ୍ଧ ଗୌରୀ ରତ୍ନଗିରୀ ମହାବିହାରକୁ ଯାତ୍ରା କରିଲେ । କାରଣ ମଧୁରାକୁ ପ୍ରେମ କରୁଥିଲେ ଯୁବରାଜ ଶାନ୍ତିକର । ତେଣୁ ବିବାହ କରିବାକୁ ଶାନ୍ତିକର ମନା କରିଥିଲେ କିନ୍ତୁ ନିଜର ଓ ରାଜ୍ୟ ସ୍ୱାର୍ଥ ପାଇ ବିବାହ କରିଥିଲେ । ରତ୍ନଗିରି ଗଲାପରେ ସିଦ୍ଧଗୌରୀ, ମଧୁରାକୁ ଦେଖି ତାଙ୍କ ସୌନ୍ଦର୍ଯ୍ୟର କଳନା କରିପାରିଲେ ନାହିଁ । ମଧୁରାର ସୌନ୍ଦର୍ଯ୍ୟରେ ସେ ମୁଗ୍ଧ ହୋଇଗଲେ । ଯାହା ଫଳରେ ଶାନ୍ତିକରଙ୍କ ପ୍ରତି ତାଙ୍କ ମନ ପରିବର୍ତ୍ତନ ହୋଇଗଲା ଭୌମବଧୂ ସିଦ୍ଧଗୌରୀଙ୍କର ।

ଉପନ୍ୟାସର ଘଟଣାନୁସାରେ ରତ୍ନଗିରିଠାରୁ ଫେରିଲାବେଳେ ସିଦ୍ଧ ଗୌରୀ କଳିଙ୍ଗ ଯୁବରାଜଙ୍କ ଜୀବନ କିଛି ଭଣ୍ଡ କାପାଳିକାଙ୍କ ଠାରୁ ବଞ୍ଚେଇଥିଲେ । ତେଣୁ କଳିଙ୍ଗ ଯୁବରାଜ ସିଦ୍ଧ ଗୌରୀଙ୍କୁ ନିଜର ପ୍ରାଣଦାତ୍ରୀ ଭାବେ ସମ୍ମାନ ଦେଇଛନ୍ତି । ଯୁବରାଜ ରାଜେନ୍ଦ୍ର ପ୍ରତି ସିଦ୍ଧଗୌରୀଙ୍କ ଭାବ ସୃଷ୍ଟି ହୋଇଛି । ନିଜର ପ୍ରେମକୁ ଭୋଜନ ଆକାରରେ ପରଶି ଦେଇଥିଲେ ସିଦ୍ଧ ଗୌରୀ ଯୁବରାଜ ରାଜେନ୍ଦ୍ର ବର୍ମାଙ୍କୁ । ପରବର୍ତ୍ତୀ ସମୟର ଭୌମ ରାଜ୍ୟକୁ ବଙ୍ଗ ରାଜା ଦେବପାଳଠାରୁ ସ୍ୱାଧୀନ କରିବା ପାଇଁ ସିଦ୍ଧଗୌରୀ କଳିଙ୍ଗ ଯୁବରାଜଙ୍କୁ ସାହାଯ୍ୟ ମାଗିଥିଲେ । ସେଥିପାଇଁ ସେ ରାଜେନ୍ଦ୍ର ବର୍ମାଙ୍କ ହାତରେ ଗଙ୍ଗରାଜା ରାଜାମଲ୍ଲ ପ୍ରଥମଙ୍କ ନିକଟକୁ ଗୋଟାଏ ଚିଟାଉ ପଠାଇଥିଲେ । ଚିଟାଉ ପଢ଼ି ରାଜମଲ୍ଲ ପ୍ରଥମ, ଝିଅ ସିଦ୍ଧ ଗୌରୀଙ୍କ କଥାରେ ରାଜି ହୋଇଥିଲେ ଏବଂ ବଙ୍ଗରାଜା କିନ୍ତୁ ଗଙ୍ଗ ସୈନ୍ୟ, ଶିବକର ଦ୍ୱିତୀୟ ଓ କେଦାର ମିଶ୍ରଙ୍କୁ ଯୁଦ୍ଧରେ ପରାଜିତ କରି ବନ୍ଦି କରିଥିଲେ । ଜୟପାଳ ମଧ୍ୟ ଶାନ୍ତିକରକୁ ଆକ୍ରମଣ କରିଥିଲେ । କାରଣ ଭୌମ ସୈନ୍ୟ ହିଁ ଶାନ୍ତିକରଙ୍କ ପ୍ରତି ବିଶ୍ୱାସଘାତ କରିଥିଲେ । ତା'ର ସୁଯୋଗ ଉଠାଇବାକୁ ଚେଷ୍ଟା କରି ଜୟପାଳ, ଶାନ୍ତିକରଙ୍କୁ ବନ୍ଦିକରିବାକୁ ଉଦ୍ୟମ କରିବା ବେଳେ ଭୌମବଧୂ ସିଦ୍ଧଗୌରୀ ଜୟପାଳ ଉପରେ ଅସ୍ତ୍ର ଚାଳନା କରିଥିଲେ । ଫଳସ୍ୱରୂପ ଜୟପାଳଙ୍କୁ ସିଦ୍ଧଗୌରୀ ପରାଜୟ କରି ବନ୍ଦୀକରିଲେ । କିନ୍ତୁ ଦେବପାଳଙ୍କ ଅନୁପସ୍ଥିତିରେ

ବଙ୍ଗ ସୈନ୍ୟ ସାମନ୍ତଙ୍କୁ ପରାଜିତ କରିଛନ୍ତି ବୋଲି ରାଜମଲ୍ଲ ପ୍ରଥମ ନିଜକୁ ସମ୍ପୂର୍ଣ୍ଣ ଭାବେ ବିଜେତା ଘୋଷଣା କରିପାରି ନାହାନ୍ତି । ତେଣୁ ସେ ବଙ୍ଗ ନରପତି ନିକଟକୁ ଏକ ସନ୍ଧି ପତ୍ର ପଠେଇଲେ ଏବଂ କେଦାର ମିଶ୍ର ଓ ଜୟପାଳଙ୍କ ମୁକ୍ତି ବଦଳରେ ଭୌମ ରାଜ୍ୟର ସ୍ୱାଧୀନ ସର୍ତ୍ତ ରଖିଲେ । ଫଳରେ ଦେବପାଳ ଏହି ସନ୍ଧିକୁ ସମ୍ମାନ ଦେଇ ଭୌମରାଜ୍ୟକୁ ସ୍ୱାଧୀନ କରିଛନ୍ତି । ତ୍ରିଭୁବନ ମହାଦେବୀଙ୍କ ଯୁଦ୍ଧକୌଶଳ ଦେଖି ବଙ୍ଗ ନରପତି ମୁଗ୍ଧ ହୋଇଛନ୍ତି । ସେ ଅନେକ ଯୋଦ୍ଧାଙ୍କ ସହ ଯୁଦ୍ଧ କରିଛନ୍ତି କିନ୍ତୁ ତ୍ରିଭୁବନ ମହାଦେବୀଙ୍କ ଭଳି ଯୋଦ୍ଧାଙ୍କୁ ପ୍ରଥମେ ଦେଖିଛନ୍ତି । ତେଣୁ ବଙ୍ଗ ନରପତି ଭୌମରାଜ୍ୟକୁ ପୁନଃ ଆକ୍ରମଣ ନକରିବାକୁ କଥା ଦେଲେ । ତ୍ରିଭୁବନ ମହାଦେବୀ ନିଜର ପରାକ୍ରମଦ୍ୱାରା ଭୌମ ରାଜ୍ୟକୁ ସ୍ୱାଧୀନ କରିବାରେ ସଫଳ ହୋଇଛନ୍ତି ।

ପରବର୍ତ୍ତୀ ସମୟରେ ସମଗ୍ର ଭୌମରାଜ୍ୟର ନରପତି ଭାବେ ପୁନଃ ଅଭିଷିକ୍ତ ହେଲେ ଶାନ୍ତିକର ଦେବ । ଭୌମ ନରେଶ ଶାନ୍ତିକରଙ୍କ ପ୍ରଶାସନ କ୍ଷେତ୍ରରେ ଭୌମବଧୂ ସିଦ୍ଧଗୌରୀ ସାହାଯ୍ୟ କରିଲେ । ଭୌମ ରାଜ୍ୟର କୃଷି କରିଲେ ଗୋପାଳନ, ଗୃହପାଳିତ ପଶୁ, ବାଣିଜ୍ୟ ପ୍ରଭୃତିରେ ଯେତିକି ଉନ୍ନତି ଘଟିଛି ସେ ଗୌରୀଙ୍କ ପାଇଁ । ସେ ଜଣେ କ୍ଷମତାଶାଳୀ ଯୋଦ୍ଧା ହୋଇଥିବାରୁ ବଙ୍ଗ ନରପତିଙ୍କୁ ବିତାଡ଼ିତ କରିବାରେ ସଫଳ ହୋଇପାରିଛନ୍ତି । ତାଙ୍କର ଏହି ବଦାନ୍ୟ କାରଣରୁ ସିଦ୍ଧଗୌରୀଙ୍କୁ ତ୍ରିଭୁବନ ମହାଦେବୀର ଆଖ୍ୟା ପ୍ରଦାନ କରାଯାଇଛି । ଅର୍ଥାତ୍ ପିତୃ ଗୃହ, ନିଜ ଶ୍ୱଶୁର ଗୃହ ଓ ଭୌମ ପ୍ରଜାକୁଳଙ୍କ ଗୃହର ହିତ ସାଧନ କରିଥିବାରୁ ତାଙ୍କୁ ତ୍ରିଭୁବନ ମହାଦେବୀର ଉପାଧିରେ ଭୂଷିତ କରାଗଲା । ତ୍ରିଭୁବନ ମହାଦେବୀଙ୍କ ଉଦ୍ୟମରେ ସମୟକ୍ରମେ ଭୌମ ରାଜ୍ୟର ଶିଳ୍ପ, ଶିକ୍ଷା, କୃଷି ଓ ବାଣିଜ୍ୟ ତଥା ସଂସ୍କୃତିର ଉତ୍କର୍ଷତା ପ୍ରତିପାଦନ କରିବା ସହ ପ୍ରତିରକ୍ଷା ଓ ସମୃଦ୍ଧି କ୍ଷେତ୍ରରେ ସର୍ବଶ୍ରେଷ୍ଠ ସୋପାନରେ ପହଂଚିଥିଲା । ଯାହାଫଳରେ ଭୌମ ପ୍ରଶାସନରୁ ଦାରିଦ୍ର୍ୟ ଅପସରିଗଲା ।

ଉପନ୍ୟାସର ଘଟଣାନୁସାରେ ମହାରାଜ ଶାନ୍ତିକର ରାଜସ୍ୱ ରିହାତି ଆଲୋଚନା ସମୟରେ ହଠାତ୍ ତାଙ୍କ ଦେହ ଅସୁସ୍ଥ ହୋଇପଡ଼ିଲା । ସେ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହେବା କାରଣରୁ ରାଜ କାର୍ଯ୍ୟରେ ପୁଣି ଅବହେଳା ଦେଖାଗଲା । ଯାହାର ସୁଯୋଗ ଉଠାଇବାକୁ ପ୍ରତିବେଶୀମାନଙ୍କ ଉଦ୍ୟମକୁ ଅନୁଭବ କରିପାରିଛନ୍ତି ମହାରାଜ ଶାନ୍ତିକର ଦେବ । ତେଣୁ ଯୁବରାଜ ସିଂହକେତୁଙ୍କୁ ରାଜାଭିଷେକ କରି ଭୌମ ନରେଶ ଭାବେ ବିବେଚନା କଲେ । ସିଂହକେତୁଙ୍କୁ ରାଜମାତା ତ୍ରିଭୁବନ ମହାଦେବୀ ପ୍ରଶାସନ କ୍ଷେତ୍ରରେ ସାହାଯ୍ୟ କରିଛନ୍ତି । ତ୍ରିଭୁବନ ମହାଦେବୀଙ୍କ ପରାମର୍ଶରେ ଭୌମରାଜ୍ୟ ପ୍ରଶାସନକୁ ସିଂହକେତୁ ପରିଚାଳନା କରିଛନ୍ତି । ତ୍ରିଭୁବନ ମହାଦେବୀ ଭୌମ ନରେଶ ସିଂହକେତୁଙ୍କ ଯୁଦ୍ଧ ବିଦ୍ୟା ପ୍ରତି ସତର୍କ ଓ ସଜାଗ ଥିଲେ । କିନ୍ତୁ ତ୍ରିଭୁବନ ମହାଦେବୀଙ୍କ ଖୁସିରେ ଦୁଃଖର ଛାୟା ସେତେବେଳେ ମାଡ଼ି ଆସିଲା ଯେତେବେଳେ ତାଙ୍କର ପୁତ୍ର ସିଂହକେତୁ ତାଲିମ କ୍ଷେତ୍ରରୁ ଫେରିବା ବେଳେ ଅକାଳ ମୃତ୍ୟୁକୁ ପ୍ରାପ୍ତ ହୋଇଗଲେ । ଯାହାଫଳରେ ପକ୍ଷାଘାତ ଆକ୍ରାନ୍ତ ମହାରାଜ ଶାନ୍ତିକର ମଧ୍ୟ ପୁତ୍ର ବିୟୋଗରେ ଦେହ ତ୍ୟାଗ କରିଲେ । ଫଳରେ ଭୌମ ରାଜନଗରରେ ଶୋକର ଛାୟା ଖେଳିଗଲା । ଯେଉଁ ରାଜ୍ୟରେ ଅନେକ ରାଜପୁରୁଷ ଗୌରବର ଗାଥା ଲେଖିଯାଇଛନ୍ତି ତାହା ବାସ୍ତବରେ ଧୂଳିସାତ୍ ହୋଇଯିବ । ଏହି ପ୍ରଶ୍ନ ସମସ୍ତଙ୍କ ମନରେ ସୃଷ୍ଟି ହୋଇଛି । ସେଠାରେ ପୁଣିଥରେ ଏହାର ଉତ୍ତର ସାଜିଛନ୍ତି ତ୍ରିଭୁବନ ମହାଦେବୀ । ଯାହା ଭବିଷ୍ୟତ ବାଣିଥିଲା ତାହା ବାସ୍ତବ ରୂପ ଧାରଣ କରିଛି । ସେ ଭୌମରାଜ୍ୟର ସାମ୍ରାଜ୍ଞୀ ଭାବେ ବିବେଚିତ ହୋଇଛନ୍ତି । ତ୍ରିଭୁବନ ମହାଦେବୀ ପ୍ରଥମ ପର୍ଯ୍ୟାୟରେ ସ୍ୱାମୀ ଓ ପୁତ୍ର ସହିତ ଅଠର ବର୍ଷ କାଳ, ପରବର୍ତ୍ତୀ କାଳରେ ଭୌମ ସାମ୍ରାଜ୍ଞୀ ଭାବେ ସିଂହାସନ ରୁଢ ହୋଇ ପ୍ରାୟ ବାଇଶି ବର୍ଷ ଧରି ଭୌମ ପ୍ରଶାସନର ରାଜ ରାଜେଶ୍ୱରୀ ରୂପେ ସେ ପ୍ରତିଭାତ ହୋଇଥିଲେ ସମସ୍ତ ପ୍ରତିଷ୍ଠା ପ୍ରତିବର୍ତ୍ତି ଓ ପ୍ରଖ୍ୟାତ ସହ ।

ସେହିପରି ଭୌମବଂଶର ଲୋପ ହୋଇଯିବ ବୋଲି ସମଗ୍ର ନଗରବାସୀଙ୍କ ମନରେ ଆଶଙ୍କା ସୃଷ୍ଟି ହେଲା । କିନ୍ତୁ ସିଂହକେତୁଙ୍କ ପୁତ୍ରକୁ ଆଖି ଆଗରେ ରଖି ତ୍ରିଭୁବନ ମହାଦେବୀ ଭୌମ ପ୍ରଶାସନକୁ ପରିଚାଳନା କରିଛନ୍ତି । ତ୍ରିଭୁବନ ମହାଦେବୀଙ୍କ ଭବିଷ୍ୟତ ଯେଉଁ ଆଦିତ୍ୟ ଶର୍ମା ନାମକ ଜ୍ୟୋତିଷ୍କ ଦେଖିଥିଲେ ତାଙ୍କ ମଧ୍ୟମରେ ହିଁ ସେ ଭୌମ ରାଜବଂଶର ଭବିଷ୍ୟତ ଦେଖି ପାରିଥିଲେ । ଜାଣିପାରିଥିଲେ ଯେ, ଭୌମରାଜ୍ୟକୁ ଭୌମବୋଧୂ ଓ ଦୁହିତା ଆଗାମୀ ସମୟରେ ପରିଚାଳନା କରିବେ ।

ଘଟଣାନୁସାରେ ଭୌମରାଜ୍ୟର ଯୁବରାଜ (ଶାନ୍ତିକର ଦ୍ୱିତୀୟ) ସାବାଳକ ହେବା ପର୍ଯ୍ୟନ୍ତ ଭୌମରାଜ୍ୟରେ ତ୍ରିଭୁବନ ମହାଦେବୀ ରାଜତନ୍ତ୍ର ପ୍ରଶାସନ ଭାର ନିଜେ ପରିଚାଳନା କରିଥିଲେ । ଭୌମକର ରାଜ୍ୟରେ ତ୍ରିଭୁବନ ମହାଦେବୀ ପ୍ରାୟ ତିନିଲକ୍ଷ ସୈନ୍ୟଙ୍କୁ ନେଇ ଏକ ବିଶାଳ ସୈନ୍ୟବାହିନୀ ଗଠନ

କଲେ । ଜଣେ ସୁଦକ୍ଷ ପ୍ରଶାସିକା ଭାବେ ଭୌମରାଜ୍ୟରେ ନିଜର ସ୍ଥିତିକୁ ସେ ପ୍ରତିଷ୍ଠା କରିପାରିଛନ୍ତି । ଭୌମରାଜ୍ୟରେ ଦେଖାଯାଇଥିବା ଅନ୍ୟାୟ ଅନୀତିକୁ ସେ ଦୃଢ ହସ୍ତରେ ଦମନ କରିଥିଲେ । ଭୌମରାଜ୍ୟର ସମୃଦ୍ଧି ପାଇଁ ଶିଳ୍ପ, କୃଷି ଓ ବାଣିଜ୍ୟ ଆଦିକୁ ଚରମସୀମାରେ ପହଂଚାଇ ପାରିଥିଲେ । ସେ ଭୌମ ସାମ୍ରାଜ୍ଞୀ ଭାବେ ନାରୀଜାତିର ଉନ୍ନତି ପାଇଁ ନାରୀ ପ୍ରତିଭାକୁ ମଧ୍ୟ ସମ୍ମାନ ଦେଇଛନ୍ତି ଏବଂ ନାରୀ ଜାତିର ଉନ୍ନତି ପାଇଁ ଯଥୋଚିତ ପଦକ୍ଷେପ ମଧ୍ୟ ଗ୍ରହଣ କରିଛନ୍ତି । ତ୍ରିଭୁବନ ମହାଦେବୀ ଭୌମରାଜ୍ୟକୁ ଏକ ଅଦ୍ୱିତୀୟ, ଅକୁତୋରାୟ ନିରଙ୍କୁଶ ରାଜ୍ୟ ଭାବେ ଗଢି ତୋଳିଲେ ।

ପରିଶେଷରେ ଏହା କୁହାଯାଇ ପାରେ ଯେ, ଭୌମ ରାଜ୍ୟକୁ ସୁଖ ସମୃଦ୍ଧି ଫେରେଇ ଆଣିଥିଲେ ତ୍ରିଭୁବନ ମହାଦେବୀ । ଭୌମ ରାଜ୍ୟକୁ ସେ ପୁନଃନିର୍ମାଣ କରିଥିଲେ । ତାଙ୍କରି ପ୍ରୟାସରେ ବଙ୍ଗସୈନ୍ୟ ବିତାଡ଼ିତ ହେଲେ ଓ ଭୌମରାଜ୍ୟ ସ୍ୱାଧୀନତାର ଆନନ୍ଦ ପୁନଃ ପାଇଥିଲା । ତେଣୁ ଭୌମ ରାଜ୍ୟର ସ୍ୱାଧୀନ ନିମନ୍ତେ ଭୌମ ସାମ୍ରାଜ୍ଞୀ ତ୍ରିଭୁବନ ମହାଦେବୀଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଅଟେ ।

**ସହାୟକ ଗ୍ରନ୍ଥସୂଚୀ :**



୧. ଦାଶ, ପ୍ରଦୀପ, ଚରୁ ଚୀବର ଓ ଚର୍ଯ୍ୟା, ବିଦ୍ୟାପୁରୀ, କଟକ-୨୦୧୮

୨. ଦାଶ, ପ୍ରଦୀପ, ତ୍ରିଭୁବନ ମହାଦେବୀ, ବିଦ୍ୟାପୁରୀ, କଟକ-୨୦୨୧



ଗବେଷିକା
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ,
କୋରାପୁଟ





ISSN -2583-147X (P), Vol.- 7, Issue No. X, Januuary 2022
Bastabatara Pariprakash Prachee
*Peer Reviewed and Referred Research Journal*

# ଓଡିଆ ଲୋକସାହିତ୍ୟ ର ସ୍ଥିତି, ସୁରକ୍ଷା ଓ ପୁନର୍ବିନ୍ୟାସ ପ୍ରସଂଗ

ଡକ୍ଟର ଦେବାଶିଷ ପାଣ୍ଡିଆ

ସାହିତ୍ୟ ବିଦ୍ୟାରେ ଲୋକ ଶବ୍ଦ ବ୍ୟବହୃତ ହୋଇ ସାହିତ୍ୟର ଏକ ସ୍ୱତନ୍ତ୍ର ସ୍ୱରୂପ ପ୍ରତି ଦୃଷ୍ଟି ଆକର୍ଷଣ କରିଛି । ଊନବିଂଶ ଶତାବ୍ଦୀର ମଧ୍ୟ ଭାଗରୁ ଲୋକତତ୍ତ୍ୱ ସଂପର୍କିତ ଗବେଷଣା ଯେତେବେଳେ ଆରମ୍ଭ ହେଲା 'ଲୋକ' ଶବ୍ଦ ଏକ ବ୍ୟାପକ ଅର୍ଥ ନେଇ ଆତ୍ମପ୍ରକାଶ କଲା । ଲୋକ ମାନଂକର ମୌଖିକ ପରଂପରାକୁ ବିଶିଷ୍ଟ ଗବେଷକ ଉଇଲିୟମ୍ ଜନ୍ ଥମ୍ସ (୧୮୪୨) 'ପପୁଲାର ଲିଟିରେଚର୍' ବୋଲି ଅଭିହିତ କରି ସେଗୁଡିକୁ 'ଫୋକ୍‌ଲୋର' ଆଖ୍ୟା ଦେଇ ଥିଲେ । ଜନଜୀବନରେ ପ୍ରଚଳିତ ଅତୀତର ବ୍ୟବହାର, ପ୍ରଥା, ଚଳଣୀ, ଲୋକବିଶ୍ୱାସ, ଆଚାର ଅନୁଷ୍ଠାନ, ଗାଥା, ଗୀତ, ପ୍ରବାଦ, ପ୍ରବଚନ, ଆଦିକୁ ଫୋକଲୋର୍ ଅର୍ନ୍ତଭୁକ୍ତ କରିଥିଲେ ।

ଜନ୍‌ଥମ୍‌ସଙ୍କ ପରେ ଅନେକ ଗବେଷକ ଫୋକଲୋର୍ ଗବେଷଣାକୁ ବ୍ୟାପକ କରିବା ସଂଗେ ସଂଗେ ଏ ସଂପର୍କିତ ଅନେକ ତଥ୍ୟ ଓ ଉପାଦାନ ଲୋକାଭିମୁଖୀ କରି ପାରିଛନ୍ତି । ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଜନ୍ ବୀମ୍‌ସ ବାଲେଶ୍ୱରରେ ଅବସ୍ଥାପିତ ହୋଇଥିବା ବେଳେ ଏ ସଂପର୍କରେ ଆଲୋଚନାର ସୂତ୍ରପାତ କରି ଥିଲେ । ୧୮୭୨ ମସିହାରେ ତାଂକର ଏକ ପ୍ରବନ୍ଧ "ଋକ୍ଟଷଲକ୍ଷକ୍ଟକ୍ବର କ୍ଟଲ ଙକ୍ବସକ୍ସକ୍ସବ", ତତ୍‌କାଳୀନ ପତ୍ରିକା ଓଭୟସବଭ ଇଭକ୍ସସକ୍ତଙ୍କବକ୍ସଚ, ଝକ୍ଟକ୍ଷଙ୍କଙ୍କର-୧ ରେ ପ୍ରକାଶିତ ହୋଇ ଥିଲା । ଓଡିଶାରେ ଲୋକ ସାହିତ୍ୟର ଅଧ୍ୟୟନ ପାଇଁ ଏହା ପ୍ରେରଣା ସୃଷ୍ଟି କରିଥିଲା ।

ଫୋକଲୋର୍‌କୁ ଆଦିମ ମଣିଷର ମାନସିକ ଅଭିବ୍ୟକ୍ତି ବୋଲି କୁହାଯାଏ । ଯାହାକି ଏକ ସାମୁହିକ ଚେତନା ମଧ୍ୟରେ ଆଧୁନିକ ଯୁଗର ମଣିଷ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଏହା ଯୁଗ ଯୁଗ ଧରି ମାନବ ଜୀବନର ଚିନ୍ତା ଓ କଳ୍ପନାର ପ୍ରତୀକକୁ ଧାରଣ କରିଛି । ସାମୁହିକ ଆମୋଦ ପ୍ରମୋଦ ତଥା କଳା ପୁନରୁଥ୍‌ଥାନ ପ୍ରକ୍ରିୟା ମାଧ୍ୟମରେ ଏହା ଚିର ସଜୀବ ।

ଆଲୋଚ୍ୟ ପ୍ରବନ୍ଧର ବିଷୟ ପରିସରକୁ ପ୍ରବେଶ କରିବା ପୂର୍ବରୁ ଫୋକ୍ଲୋର୍ ର ସମାର୍ଥକ ଓଡିଆ ଶବ୍ଦ ସଂପର୍କରେ ଆଲୋଚନା କରାଯାଇ ପାରେ । ଇଂରାଜୀ ଫୋକ୍ଲୋର ଶବ୍ଦର ଓଡ଼ିଆ ପ୍ରତିଶବ୍ଦ ଭାବରେ ପ୍ରଥମେ ଗବେଷକମାନେ ଲୋକ ସାହିତ୍ୟ ବୋଲି ଗ୍ରହଣ କରୁଥିଲେ , ମାତ୍ର ସାହିତ୍ୟ ଯେହେତୁ ସାହିତ୍ୟ Literature ,Lorର ବିଦ୍ୟା ବ୍ୟତୀତ ସଂସ୍କୃତିର ଅନେକ ଦିଗକୁ ପ୍ରତିନିଧିତ୍ୱ କରିଥାଏ, ତେଣୁ ଭାରତୀୟ ଗବେଷକ ମାନେ ଫୋକ୍‌ଲୋର୍‌କୁ ନିଜ ନିଜ ପରିପ୍ରେକ୍ଷାରୁ ବିଚାର କରି ଏହାର ସମାର୍ଥ ବାଚକ ଶବ୍ଦ ରୂପେ ଲୋକତତ୍ତ୍ୱ, ଲୋକଧାରା, ଲୋକବିଜ୍ଞାନ, ଲୋକଚର୍ଯ୍ୟା, ଲୋକଶ୍ରୁତି, ଲୋକସାହିତ୍ୟ, ଲୋକସଂସ୍କୃତି, ଲୋକବିଦ୍ୟା ପ୍ରଭୃତି ନାମରେ ଗ୍ରହଣ କରିଛନ୍ତି । ଏ ଆଲୋଚକ 'ଫୋକ୍ଲୋର'ର ବିକଳ୍ପ ଓଡ଼ିଆ ପ୍ରତିଶବ୍ଦ ଭାବରେ 'ଲୋକସଂସ୍କୃତି'କୁ ଗ୍ରହଣ କରେ । କାରଣ ଉପରୋକ୍ତ ଶବ୍ଦ ସମୂହ ଭିତରୁ 'ଲୋକସଂସ୍କୃତି' ଶବ୍ଦଟି ଅଧିକ ବ୍ୟାପକ ଓ ଅର୍ଥଦ୍ୟୋତକ । କେତେକ ଆଲୋଚକ ଏହାକୁ ଯଥାର୍ଥ ପ୍ରତିଶବ୍ଦ ବୋଲି ଗ୍ରହଣ କରୁ ନ ଥିଲେ ନିମ୍ନ ବ୍ୟବହାରିକ ଯଥାର୍ଥତା ଦୃଷ୍ଟିରୁ ଏହା ଗ୍ରହଣୀୟ । ଲୋକସଂସ୍କୃତି ଅନେକ ବିଭାଗକୁ ଗ୍ରହଣ କରି ସଂପ୍ରତି ଏହା ଏକ ଶ୍ରେଷ୍ଠ ବିଷୟ ଶୃଂଖଳା ଭାବରେ ପରିଚିତ ହୋଇଛି ।

## ଲୋକ ସାହିତ୍ୟ ପରିଚୟ -

ଲୋକ ସଂସ୍କୃତିର ବିଷୟ ଶୃଂଖଳାକୁ ମୁଖ୍ୟତଃ ଚାରି ଭାଗରେ ବିଭକ୍ତ କରାଯାଇଛି ।

୧ – ମୌଖିକ ସାହିତ୍ୟ ( Oral literature )

୨ - ଭୌତିକ ଲୋକ ଜୀବନ(Physical folk life )

୩ - ସାମାଜିକ ଲୋକ ଚଳଣି(Social folk customT)

୪ – ପ୍ରଦର୍ଶନ ଭିତ୍ତିକ ଲୋକ କଳା (Performing artT)

ଲୋକ ସାହିତ୍ୟ ହେଉଛି, ମୌଖିକ ସାହିତ୍ୟ । (Oral literature) । ଲୋକମାନଙ୍କର ମନୋରଞ୍ଜନ ପାଇଁ

ସମାଜରେ ନୈତିକ ଶିକ୍ଷାର ପ୍ରସାର ପାଇଁ ଅତି ପ୍ରାଚୀନ କାଳରୁ ମୁହଁରେ ମୁହଁରେ ଏକ ଅଲିଖିତ ସାହିତ୍ୟ ପରମ୍ପରାକ୍ରମେ ଗଢ଼ି ଆସୁଛି । ଏହାର ସଂକ୍ଷିପ୍ତ କଳେବର ଗୀତ ଓ କାହାଣୀ ଆକାରରେ, ବୃହତ୍‌ଅଂଶ ଲୋକ ନାଟକ ଭାବରେ ଓ ଏହାର ସାମାଜିକ, ସାଂସ୍କୃତିକ ନିର୍ଯ୍ୟାସ ପ୍ରବାଦ, ପ୍ରବଚନ, ବଖାନୀ, ଢ଼ଗ ରୂପେ ଅତ୍ମପ୍ରକାଶ କରିଛି । ଲୋକ ସାହିତ୍ୟ ହେଉଛି ଲୋକଜୀବନର ଦର୍ପଣ । ଏହା ଲୋକ ମାନସର ପାରମ୍ପରିକ ସୃଷ୍ଟିରୂପ । କେତେକ ଏହାକୁ 'ଲୋକବେଦ' ଭାବରେ ମ୍ଭ ଗ୍ରହଣ କରିଛନ୍ତି ।

ଲୋକ ସାହିତ୍ୟର କୌଣସି ନିର୍ଦ୍ଦିଷ୍ଟ ଲିଖିତ ରୂପ ନାହିଁ । ଏହାର ରଚୟିତା, ଗୀତିକାର, ସମସ୍ତେ ନିରକ୍ଷର । 'ଲୋକ ସାହିତ୍ୟ' ସାଧାରଣତଃ ମଣିଷର ବ୍ୟବହାରିକ କ୍ରିୟାକର୍ମ ତଥା ଗୁଣ ଆଚରଣ, ସାମାଜିକ ପରିବେଶର ପ୍ରେରଣାରୁସୃଷ୍ଟି ହୋଇଛି । ଅତି ପାଚୀନ କାଳରୁ ଏହାର ଉତ୍ପତ୍ତି ଓ ବିକାଶ ସମ୍ଭବ ହୋଇଛି । ଲୋକ ସାହିତ୍ୟରେ ଲୋକର ଅଭିବ୍ୟକ୍ତି ଅତ୍ୟନ୍ତ ପ୍ରଭାବଶାଳୀ ଓ କଳାତ୍ମକ ରୂପ ନେଇ ପ୍ରକଟିତ ହୋଇଥାଏ । ଲୋକର ସ୍ୱପ୍ନ,କଳ୍ପନା, ଜୀବନ ଦର୍ଶନ ଏଭଳି ସାମୁହିକ ରୂପ ନେଇ ସେଥିରେ ପ୍ରକାଶିତ ହୋଇଥାଏ ଯେ, ତାହା ସମୂହର ସାହିତ୍ୟ ହୋଇଥାଏ । ଲୋକ ସାହିତ୍ୟର ରଚୟିତା କିଏ, ତାହାଜାଣିବା ସମ୍ଭବ ହୁଏ ନାହିଁ । କାରଣ,ଏହାର ସତ୍ତ୍ୱାଧିକାରୀ କେହି ନ ଥାନ୍ତି । କୌଣସି ଲୋକ ସାହିତ୍ୟରେ ବ୍ୟକ୍ତି ବା 'ମୁଁ କାର,ର ସତ୍ତା ନ ଥାଏ । ଯଦିବା କେତେବେଳେ ଥାଏ ତାହା ଏତେ କ୍ଷୀଣ ଯେ, ତାକୁ ଖୋଜି ପାଇବା ସଂଭବପର ନୁହେଁ । ସମଗ୍ର ସମାଜ ହିଁ ଲୋକ ସାହିତ୍ୟର ରଚୟିତା ଭାବରେ ବିବେଚିତ ହୋଇଥାଏ ।

ଲୋକ ସାହିତ୍ୟର କୌଣସି ଧରାବନ୍ଧା ନୀତି ନିୟମ ନାହିଁ । ମୁକ୍ତ ଆକାଶରେ ଉଡୁଥିବା ପକ୍ଷୀ ପରି ଏହା ସ୍ୱାଧୀନ । ହୁଗୁଳା ମନର ମୁକୁଳା ଭାବରାଶି ହେଉଛି ଏହାର ଉପାଦାନ । କୌଣସି ତତ୍ତ୍ୱ, ଆଦର୍ଶ, ନିୟମ ଦ୍ୱାରା ଏହା ଆଦୌ ନିୟନ୍ତ୍ରିତ ନୁହେଁ । ବରଂ ଲୋକର ଆବେଗ ଦ୍ୱାରା ଏହା ନିୟନ୍ତ୍ରିତ । ହୃଦୟର ଭାବୋଚ୍ଛ୍ୱାସ, ପରିବେଶ ଅନୁସାରେ ବହୁ ଭାବରେ ସ୍ୱତଃ ପ୍ରକାଶିତ ହୋଇଛି ଲୋକସାହିତ୍ୟରେ ।

ସମାଜ ଜୀବନର ଅସଲ ସ୍ୱରୂପ ଉନ୍ମୋଚନ କରିବା, ସହିତ ଲୋକମାନଙ୍କର ମନୋରଞ୍ଜନ କରିବା, ନୀତିଶିକ୍ଷା ଦେବା, ସାମାଜିକ ସଦ୍‌ଭାବ ସୃଷ୍ଟି କରିବା ହେଉଛି ଲୋକ ସାହିତ୍ୟର ମହତ ଗୁଣ ଓ ଉଦ୍ଦେଶ୍ୟ । ଲୋକ ସାହିତ୍ୟର ଦୁଇଟି ମୁଖ୍ୟ ବିଭବ ହେଉଛି, (୧) କଥା ବା କାହାଣୀ (୨) ଗୀତ । ଏହି ଦୁଇ ବିଭାଗକୁ ପୁଣି ଅନେକ ଉପବିଭାଗରେ ବିଭକ୍ତ କରାଯାଇ ପାରେ । ଲୋକକଥା ଭାବରେ ବିଭିନ୍ନ ପ୍ରକାର କାହାଣୀ (କଥାନୀ) ମିଥ୍, କିମ୍ବଦନ୍ତୀ ଆଦିକୁ ଗ୍ରହଣ କରାଯାଇଥାଏ । କଥା ଯେତେବେଳେ ଗଦ୍ୟରେ ପ୍ରକାଶିତ ହୋଇଥାଏ, ସେତେବେଳେ ଏହା କାହାଣୀ ବା କଥାନୀ ଭାବରେ ବିବେଚିତ ହୋଇଥାଏ । ଯେତେବେଳେ ପଦ୍ୟରେ ତାହା ପ୍ରକାଶିତ ହୋଇଥାଏ ସେତେବେଳେ ତାହା 'ଗାଥା' ଭାବରେ ନାମିତ ହୋଇଥାଏ ।

ଅନ୍ୟପକ୍ଷରେ ଗୀତ ହେଉଛି ଲୋକ ସାହିତ୍ୟର ସର୍ବଶ୍ରେଷ୍ଠ ବଳିଷ୍ଠ ଓ ବୃହଦାୟତନ ବିଭାଗ । ଏହା ବହୁଭାଗରେ ବିଭକ୍ତ । ଆଲୋଚନାର ସୁବିଧା ଦୃଷ୍ଟିରୁ ଏହାକୁ ନିମ୍ନଲିଖିତ ବିଭାଗରେ ବିଭକ୍ତ କରା ଯାଇପାରେ ।

କ) ଶ୍ରମଭିତ୍ତିକ : କୃଷକ ଗୀତ(ହଳିଆ ଗୀତ) , ଶଗଡ଼ିଆ ଗୀତ , ମଇଁଷିଆ ଳ ଗୀତ , ନାଉରିଆ ଗୀତ , ଚକୁଳିଆ ପଣ୍ଡା ଗୀତ , ମଗ୍‌ତିରି ବା ଭିକାରୀ ଗୀତ ।

ଖ) ଧର୍ମ ଭିତ୍ତିକ : ପର୍ବ ପର୍ବାଣି ଓ ଓଷାଗୀତ, ଠାକୁରାଣୀ ଗୀତ, କରମା, ଛେର୍ ଛେରା, ହୁଲ୍ ପୁଡ଼ା, ଚୂଡାଖାଇ ଯାତ୍ରାରେ ଗାନ କରାଯାଉଥିବା ଗୀତ ଇତ୍ୟାଦି ।

ଗ) ମନୋରଞ୍ଜନ ମୂଳକ : ରସର୍ କେଲି , ଯାଇ ଫୁଲ , ନିଆଳି ମଳି, ବିହାଘରିଆ ଗୀତ ଡାବଗୀତ , ସଜନୀ ଗୀତ,ଦୋଳିଗୀତ ଇତ୍ୟାଦି ।

ଘ) କ୍ରୀଡ଼ା ଭିତ୍ତିକ : ହୁମୋ , ଡୁଡୁ , ଛିଲୋ ଲାଇ, ଘୋ ଘୋ ରାନୀ , ଛୁର୍କି ,ଖମ୍ ଖମାଲି, ମହୁଲ ବେଟା ଇତ୍ୟାଦି ।

ଙ) ମନସ୍ତାତ୍ତ୍ୱିକ ଗୀତ : ବିବାହ କାନ୍ଦଣା ଗୀତ , ମରଣ କାଳୀନ କାନ୍ଦଣା ଗୀତ , ଛୁଆ ଭୁର୍ତା ଇତ୍ୟାଦି ।

ଚ) ନୀତି ନିୟମ ସଂପର୍କିତ : ପ୍ରବଚନ , ଡାକବଚନ , ଖନା ବଚନ ଇତ୍ୟାଦି ।

ଛ) ଅନ୍ୟାନ୍ୟ : ଅନ୍ୟାନ୍ୟରେ ଆମେ ଗାଥା ଗୀତିକା , ସମର ବୋଲି, ଢଗଢମାଳୀ , ନାଁ ଦିଆ, ବଖାନୀ , ଝଡ଼ାଫୁଙ୍କା ଆଦିକୁ ଗ୍ରହଣ କରିପାରିବା ।

ଏଠାରେ ପ୍ରସଂଗକ୍ରମେ ସୂଚେଇ ଦିଆଯାଇପାରେ ଯେ ଲୋକର ଅନୁଭୂତି ଆଧାରିତ ଜ୍ଞାନକୁ ଆଧାର କରି ଅସଂଖ୍ୟ ପ୍ରବାଦ ପ୍ରବଚନ , ଢଗ ଢମାଳୀ, ନାଁ ଦିଆ ବା ବଖାନୀ ସୃଷ୍ଟି ହୋଇଛି । ଏପରିକି ଲୋକବିଜ୍ଞାନକୁ ଆଧାର କରି ବିଭିନ୍ନ ଝଡ଼ା ଫୁଙ୍କା ମନ୍ତ୍ର ମ୍ନ ସୃଷ୍ଟି ହୋଇଛି । ଏହି ସବୁ ସୃଷ୍ଟି ରସ ଆଧାରିତ ନ ହୋଇ ଜ୍ଞାନ ଆଧାରିତ ହୋଇଥାଏ । ଏ ସମସ୍ତ ପଦ୍ୟାତ୍ମକ ସୃଷ୍ଟି ହୋଇଥିବାରୁ ଏହାକୁ ଲୋକ ସାହିତ୍ୟ ଗବେଷଣା ରେ 'ଲୋକଗୀତ' ପର୍ଯ୍ୟାୟ ଭୁକ୍ତ କରାଯାଇପାରେ ।

ଲୋକସାହିତ୍ୟର ଉପରୋକ୍ତ ବିଭାଗ ଗୁଡ଼ିକ ସହିତ ଲୋକ ନାଟକକୁ ମ୍ନ ଗ୍ରହଣ କରାଯାଇ ପାରେ । ନାଟକର ବିଭିନ୍ନ ତତ୍ତ୍ୱ ଓ ଇତିହାସକୁ ଅନୁଶୀଳନ କଲେ ଏହା ଅନ୍ତତଃ ଜଣା ପଡ଼େ ଯେ, ଲୋକଗୀତ ଓ ଲୋକକାହାଣୀ ଭଳି 'ନାଟକ' ଲୋକଜୀବନର ପ୍ରାଚୀନ ଅଭିବ୍ୟକ୍ତି ନୁହେଁ । ନାଟକ ଠାରୁ ନୃତ୍ୟ ନାଟକ ଅଧିକ ପ୍ରାଚୀନ । ବିଶେଷ କରି ଓଡ଼ିଆ ଲୋକନାଟକର ଉତ୍ପତ୍ତି ସଂପର୍କରେ ଅନେକ ଆଲୋଚକ ବିଭିନ୍ନ ମତ ପରିବେଷଣ କରିଛନ୍ତି ହେଲେ ସେ ସବୁର ସଂପର୍କ, ଭରତଙ୍କ ନାଟ୍ୟଶାସ୍ତ୍ରର ମତ ସହିତ ନାହିଁ । ଲୋକ ସାହିତ୍ୟର ସ୍ୱତନ୍ତ୍ର ଏକ ବିଭାଗ ଭାବରେ ଲୋକନାଟକର ଅଧିକ ଲୋକତାତ୍ତ୍ୱିକ ଗବେଷଣାର ଆବଶ୍ୟକତା ରହିଛି ।

ଲୋକ ସାହିତ୍ୟର ପରିସର ଅତିବ୍ୟାପକ ହୋଇଥିବାରୁ ଏହାକୁ ସୀମିତ ଆଲୋଚନା ମ୍ନମରେ ଆବଦ୍ଧ କରିବା ସମ୍ଭବ ନୁହେଁ । ଏଣୁ ଏହି ପ୍ରବନ୍ଧରେ ପଶ୍ଚିମ ଓଡିଶାରେ ପ୍ରଚଳିତ 'ହଳିଆ ଗୀତ' କୁ ଲୋକଗୀତର ପ୍ରକୃଷ୍ଟ ଉଦାହରଣ ଭାବରେ ଗ୍ରହଣ କରି ତାହାର ସ୍ୱରୂପ ଓ ବୈଶିଷ୍ଟ୍ୟ ସଂପର୍କରେ ଆଭାସ ମାତ୍ର ଦିଆଯାଇଛି ।

**ହଳିଆ ଗୀତ :**

ଲୋକଗୀତର ବର୍ଗୀକରଣ ରେ 'ହଳିଆଗୀତ'କୁ 'ଶ୍ରମଗୀତ' ବିଭାଗର ଅନ୍ତର୍ଭୁକ୍ତ କରାଯାଇ ପାରେ । ଏହା ଆମ ଲୋକ ସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ । ଖେତରେ ହଳ କରୁଥିବା ସମୟରେ ହଳିଆ ଯେଉଁ ଗୀତ ଗାନ କରିଥାଏ ତାହା ହେଉଛି ହଳିଆଗୀତ । ଏ ଗୀତର ଗୀତିକାର ନିଜେ ହଳିଆ ଏବଂ ଶ୍ରୋତା ତାର ଚିର ସାଥୀ ବଳଦ ହଳକ । ପ୍ରତ୍ୟେକ ପଦର ଆରମ୍ଭ ପୂର୍ବରୁ ବଳଦ ମାନଙ୍କୁ ଏ... ବୋଲି ସମ୍ବୋଧନ କରି,ପଦ ଶେଷରେ 'ଅର୍'...ବା 'ତ..ତ' ବୋଲି ସେମାନଙ୍କୁ ଚାଲିବା ପାଇଁ ହଳିଆ ନିର୍ଦ୍ଦେଶ ଦେଇଥାଏ । ହଳିଆ ଗୀତ ଗାଉଥିବା ସମୟରେ ଖେତ ଆଖ ପାଖ ଅଂଚଳ ସଂଗୀତ ମୁଖର ହୋଇ ଉଠେ । ଏହି ଗୀତ ଗାଇବା ସମୟରେ ହଳିଆ ଆନନ୍ଦ ପାଇବା ସହିତ ତା'ର କ୍ଳାନ୍ତି ମ୍ନ ଭୁଲିଯାଏ । ସେମିତି ବଳଦ ମ୍ନ ଭୁଲିଯାଏ ପାଂଚଣ ମାଡ଼ର କଷ୍ଟ , ନଙ୍ଗଳ ଟାଣିବାର କ୍ଳାନ୍ତି । ହଳିଆ ଗାନ କରୁଥିବା ଗୀତକୁ ସତେ ଯେମିତି ସେମାନେ ଅନୁଭବ କରୁଥାନ୍ତି ହୃଦୟ ଦେଇ । ଆମର ଲୋକକ୍ତି ରେ ଅଛି : ଖରା ମାସେ ଅଂଗ୍ଛି ସୁଂଦର

ଉଢ଼ନା ସୁଂଦର ଶୀତେ ,

ବରଷା ମାସେ ବାହମନ ସୁଂଦର

ହଳିଆ ସୁଂଦର ଗୀତେ ।

ହଳିଆ ଗୀତ ସବୁ ଆକୃତିରେ କ୍ଷୁଦ୍ର ଓ ଦୀର୍ଘ ମ୍ନ । ପଦର ଦ୍ୱିତୀୟ ପାଦରେ ବିଶ୍ରାମ ଓ ସେହି ପଦର ପୁନରାବୃତ୍ତି ପରେ ପରବର୍ତ୍ତୀ ପାଦ ଗୁଡ଼ିକ ଆବୃତ୍ତି କରା ଯାଇଥାଏ । ଏସବୁର ବିଷୟ ବସ୍ତୁ ବ୍ୟାପକ । ଗୀତରେ ବ୍ୟବହୃତ ହୋଇଥିବା ସମସ୍ତ ଶବ୍ଦ ଅର୍ଥପୂର୍ଣ୍ଣ ନୁହେଁ । ସାହିତ୍ୟ ସୃଷ୍ଟି କରିବା ତାର ଲକ୍ଷ୍ୟ ନୁହେଁ । ସାମୟିକ କ୍ଳାନ୍ତି ଅପନୋଦନ ପାଇଁ ସେ ଗୀତ ଗାଉଥିବାରୁ ଏଥିରେ କେତେକ ନିରର୍ଥକ ଶବ୍ଦ ରହିବା ସ୍ୱାଭାବିକ । 'ଚାଷୀ ହୁଡ଼ିଲେ ବରଷେ', ଏହା ହୃଦୟଂଗମ କରି ହଳିଆ ବେଳ କାଳ ନ ମାନି କୃଷି କାର୍ଯ୍ୟରେ ଅଧିକ ପରିଶ୍ରମ କରିଥାଏ । ତା ଭିତରେ ନୂତନ ଶକ୍ତି ସଂଚାର କରି ପାରୁଥିବା ଏକ ଶକ୍ତିବର୍ଦ୍ଧକ ଟନିକ୍ ହେଉଛି ଏହି ଗୀତ ସବୁ । ଏହି ଗୀତ ସବୁରେ ବ୍ୟକ୍ତିଗତ ଜୀବନର ସୁଖ ଦୁଃଖ ହାନୀ ଲାଭ ଅତି ନିଷ୍କପଟ ଭାବରେ ପ୍ରକାଶିତ ହୋଇଛି । ଏଠାରେ ଆମ ଅଂଚଳରୁ ପଶ୍ଚିମ ଓଡିଶାରୁ ସଂଗୃହିତ ହୋଇଥିବା କେତୋଟି ହଳିଆ ଗୀତର ଉଦାହରଣ ଉପସ୍ଥାପନ କରାଗଲା ।

ସାହୁକାରର ଜମିରେ, ଭୂତି ନେଇ ହଳିଆଟିଏ କୃଷି କାର୍ଯ୍ୟ କରିଥାଏ । ଭୂତି ଦେବା ନେବା ବେଳେ ସାହୁକାର ଯଦି ହଳିଆ ପ୍ରତି ଅବିଚାର କରେ ହଳିଆ ଟି ତା'ର ଅସନ୍ତୋଷ ଓ କ୍ରୋଧକୁ ଗୀତ ଆକାରରେ ପ୍ରକାଶ କରିଥାଏ ।

ଏ.... ମେର୍‌ହା ତ ମେରହା ରେ କମଲା

କେନ୍ଦୁ ଗଛର ମେର୍‌ହା,

ଆର୍ ସେହି ମେର୍‌ହାର ଟିପି କେ କାଏଁ

ଲେପି ଗଲି ଗେରୁ ... ହୋ

ଆର୍ ଭୂତି ନାଇଁ ଦେଲା ... ସାଉ ଶଳା ହୋ ...

ତାର ପରୁହାଁ ପୁଓ ମରୁ ହୋ.....

ଅର୍ ତ ...ତ...ତ. ।

ସେହିପରି ଆଉ ଏକ ଗୀତ ହେଲା ——

'ଏ ...... ସାହୁର ଜଂଜାଲ ଯେ ,

କୁଟୁମ୍ବର୍ ତ ଦୁଃଖ , କୁଟୁମ୍ବର୍ ଦୁଃଖ

ସେ ପ୍ରାଣୀ ମାନଙ୍କର ଯେ କେଭେ ନାଇଁ ସୁଖରେ ...

ସାଉ କେ ଦେଖିଲେ ଦେଖ ମୁଇଁ ଖାତକ ଖାତକ

ମୁଇଁ ଭାବଇଁ ଯମ ଦୂତ ରେ .....

ଅର୍ ତ ତ ..... ।"

ଖେତରେ ହଳ କରୁଥିବା ବେଳେ ତା ଭିତରେ ଥିବା ପୁଞ୍ଜିଭୂତ ବେଦନା ଓ ଅସହାୟତା ଏମିତି ଗୀତ ହୋଇ ଝରି ଆସେ । ବେଳେ ବେଳେ ଅଭାବ , ଅସୁବିଧା ଓ ଯାବତୀୟ ବେଦନା ସତ୍ତ୍ୱେ ସେ ରସିକତା ପୂର୍ଣ୍ଣ ମନ ନେଇ ଗୀତ ବୋଲୁଥାଏ । ଏ ପ୍ରକାର ଗୀତରେ ତାର ଶୃଙ୍ଗାରଧର୍ମୀ ମନର ଚିତ୍ର ଉଦ୍‌ଭାସିତ ହୋଇଥାଏ । ଯେମିତିକି —

ଏ.......ହେ....ଏ...

ବହୁର ବହନୀ ଯେ ଦଦାର ଲାଗଇ ଶାଳୀୟ

ଖିଆଲେ ଖିଆଲେ ମୋର୍ ସାଂଗ କେ ପଦେ ଦେଲି ତ ଚାହାଁଲି

ପଦେ କହୁ କହୁ ତ' ମୋର ବହୁ .....

ମୋର୍ ବହୁ ଗା , ଦେଲା ତ ମତେ ଗାଲି ରେ

ଅର୍ .. ତ ତ ।

ଏହି ଗୀତ ସବୁ ଲୋକ ମନର ପ୍ରତିଛବିକୁ ବହନ କରି ପ୍ରକାଶିତ ହୋଇଥାଏ । ଯେମିତି କି

ଏ .....ଗୀତ ପଦେ ଗାଇଲି ରେ ଭୁଗୁରା

ଗୀତ ଶୁନୁଥିବା ମୋର୍ ସାଉନୀ ହୋ ସାଉନୀ

ଭୁଜୁନୀ ଗାଲରେ ହାତ ଦେଇ ... ହୋ ...

ଅ ର୍ ର୍ ..ତ ତ ।

ଏହି ଗୀତ ସବୁର ପ୍ରତ୍ୟେକ ପଦର ଶେଷରେ ଅର୍ ...ତତ , ଘୁଚ୍ ..ଘୁଚ୍ ..ଓ ହଃ...ହଃ... ପ୍ରଭୃତି ଶବ୍ଦ ସମୂହର ବାରମ୍ବାର ପ୍ରୟୋଗ ଏହାକୁ ଶ୍ରୁତି ମଧୁର କରିଥାଏ । ଏହି ଗୀତର ଜନପ୍ରିୟତାର ଗୋଟିଏ ବିଶିଷ୍ଟ କାରଣ ହେଲା ତା'ର ସାଂଗୀତିକତା । ଏଥିରେ ନିହିତ ଛନ୍ଦ ମାଧୁର୍ଯ୍ୟ ଓ ଗୀତିମୟତା ସମସ୍ତଙ୍କୁ ଆକୃଷ୍ଟ କରିଥାଏ । ଏହି ଗୀତ ସମୂହର ରସ ମାଧୁର୍ଯ୍ୟ, ଭାବାନୁଭୂତି, ଓ ଆନ୍ତରିକ ଉଚ୍ଛ୍ୱାସ ପ୍ରତି ଦୃଷ୍ଟି ଦେଲେ ଜଣାଯାଏ ଯେ , ଗୀତିକବିତାର ସୃଷ୍ଟି ଓ ବିକାଶ କ୍ଷେତ୍ରରେ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । 'ଲୋକଗୀତ'ରୁ ହିଁ ଶାସ୍ତ୍ରୀୟ ସଂଗୀତ ଜନ୍ମଲାଭ କରିଛି ବୋଲି ବିଶିଷ୍ଟ ସଂଗୀତ ଶିଳ୍ପୀ ବଡ଼େ ଗୁଲାମ ଅଲ୍ଲୀ ଖାଁ ଯେଉଁ ମତ ଦେଇଛନ୍ତି ତାହା ପ୍ରକୃତରେ ଯଥାର୍ଥ ମନେ ହୋଇଥାଏ ।

ଭାଷାତାତ୍ତ୍ୱିକ ଦୃଷ୍ଟିରୁ ବିଚାର କଲେ ହଳିଆଗୀତର ଭାଷା ସରଳ ଓ ସାବଲୀଳ । କଥିତ ଭାଷାକୁ ପ୍ରକାଶର ମାଧ୍ୟମ ଭାବରେ ଗ୍ରହଣ କରାଯାଇ ଥିବାରୁ ଭାଷା ସର୍ବ ଜନ ବୋଧ୍ୟ ଅଟେ । ଗୀତିକାରର ଭାବର ଅବବୋଧରେ ଏହା କୌଣସି ଅନ୍ତରାୟ ସୃଷ୍ଟି କରି ନଥାଏ । କେବଳ ହଳିଆ ଗୀତ ନୁହେଁ ଯେ କୌଣସି ଲୋକଗୀତର ଯେ କୌଣସି ପଦକୁ ଏହାର ଉଦାହରଣ ଭାବରେ ନିଆଯାଇ ପାରେ । ସମସ୍ତ ଲୋକ ଗୀତ ଏ ପ୍ରକାର ବୈଶିଷ୍ଟ୍ୟ ନେଇ ଆତ୍ମ ପ୍ରକାଶ କରିଛି ।

**ଲୋକ ସାହିତ୍ୟର ସାଂପ୍ରତିକ ସ୍ଥିତି ଓ ସୁରକ୍ଷା ପ୍ରସଂଗ :**

ପୂର୍ବରୁ କୁହାଯାଇଛି ଯେ , ପରଂପରା ହେଉଛି ଲୋକ ସାହିତ୍ୟର ମାଧ୍ୟମ । ଏହା ସାମୁହିକ ସର୍ଜନାର ମାର୍ଜିତ ରୂପ । ମୌଖିକ ରୂପ ଥିବା ହେତୁ ଏହା କଥନଧର୍ମୀ ।ଏହାର ନିର୍ଦ୍ଦିଷ୍ଟ ଆକାର ରହିଛି । କଳାତ୍ମକ ଗୁଣ ବି ରହିଛି । ଏହା ସାଧାରଣତଃ ପରିବେଷଣ ବା ପ୍ରଦର୍ଶନ (କ୍ଟରକ୍ସଲକ୍ଟକ୍ସଙ୍କବଭମର) ଓ ସଂପ୍ରେରଣ (ସ୍ପକ୍ସବଭସ୍ପଙ୍କସସ୍ପସ୍ପସକ୍ଟଭ) ପ୍ରକ୍ରିୟା ଦ୍ୱାରା ବଂଚିରହେ । ମଣିଷ ଯେତେ ଶିକ୍ଷିତ ଓ ସଭ୍ୟ ହେଲେ ମଧ୍ୟ ସେ ଲୋକ ଜୀବନବୃତ୍ତରୁ ଅଲଗା ନୁହେଁ କି ଲୋକଚେତନାରୁ ଅଲଗା

ନୁହେଁ । ଶହେ କି ଦୁଇ ଶହ ବର୍ଷର ବିଜ୍ଞାନ ପ୍ରଭାବିତ ମାନବ ସଭ୍ୟତା ଏହାର ବିଲୁପ୍ତି ଘଟାଇ ନ ପାରେ । ଏଣୁ ଆଧୁନିକ ମଣିଷର ପ୍ରତ୍ୟେକ କ୍ଷେତ୍ରରେ ଲୋକ ସଂସ୍କୃତିର ପ୍ରଭାବ ଅନୁଭୂତ ହୋଇଥାଏ । ଆଧୁନିକ ସାହିତ୍ୟ ଉପରେ ମ୍ଦ ଲୋକ ସଂସ୍କୃତିର ତଥା ଲୋକ ସାହିତ୍ୟର ବିପୁଳ ପ୍ରଭାବ ପଡ଼ିଅଛି । 'ଲୋକ ସାହିତ୍ୟର'ଆଂଗିକ ଓ ଆତ୍ମିକ ଆଦର୍ଶ କୁ ଭିତ୍ତି କରି ଆଧୁନିକ ସାହିତ୍ୟ ଗଢ଼ି ଉଠିଛି । ଏଣୁ ଆଧୁନିକ କାଳରେ ଲୋକ ସାହିତ୍ୟର ସ୍ଥିତି ଯେ ବିପନ୍ନ , ତାହା ଭାବିବା ଉଚିତ୍ ନୁହେଁ ବୋଲି ଏ ଆଲୋଚକର ମତ । ହଁ ଏ କଥା ସତ ଯେ , ଅଧୁନିକ କାଳରେ ଲୋକସାହିତ୍ୟ ର ପାରଂପରିକ ପରିବେଷଣ ବା ପ୍ରଦର୍ଶନ (performance) ଏବଂ ସଂପ୍ରେରଣ (transmission)ପ୍ରକ୍ରିୟା ଅନେକ କ୍ଷେତ୍ର ରେ ବ୍ୟାହତ ହେଉଛି । ଏହାହିଁ ଲୋକ ସାହିତ୍ୟ ଓ ଆଧୁନିକ ଜନ ଜୀବନ ଭିତରେ ବ୍ୟବଧାନର ରେଖାଟିଏ ଟାଣି ଦେଇଛି ।

ଆଧୁନିକ ମୁଦ୍ରଣଯନ୍ତ୍ର ଆବିଷ୍କାର ହେବା ପରେ ଲୋକ ସାହିତ୍ୟର ବହୁତ ସାମଗ୍ରୀ ଲିପିବଦ୍ଧ କରାଯାଇଛି । ତାହା ଲିଖିତ ରୂପରେ ଆମ ଆଗରେ ଆଜି ଉପସ୍ଥାପିତ ହୋଇଛି । ଲୋକ ସାହିତ୍ୟ ପରିବେଷଣ ର ମାଧ୍ୟମ ବଦଳି ଯାଇଛି । ରେଡିଓ, ଟେଲିଭିଜନ, ସିନେମା, କମ୍ପ୍ୟୁଟର ଆଦିର ପ୍ରଚଳନ ଯୋଗୁଁ ଲୋକସାହିତ୍ୟର ବିଭିନ୍ନ ଉପାଦାନ ପରିବେଷଣ କରାଯାଉଛି । ଶିକ୍ଷିତ ଅଶିକ୍ଷିତ ନିର୍ବିଶେଷରେ ପ୍ରଚଳିତ ସାହିତ୍ୟ ପରମ୍ପରା ସମ୍ପର୍କରେ ସମସ୍ତେ ଅବଗତ ହେଉଛନ୍ତି । ସମ୍ପ୍ରତି ଦେଖାଯାଉଛି ଯେ ବିକଶିତ ଦେଶମାନେ ଲୋକସାହିତ୍ୟ କୁ ଆର୍ନ୍ତଜାତିକ ସଂହତି ପ୍ରତିଷ୍ଠା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବରେ ଗ୍ରହଣ କରିଛନ୍ତି । ବିକାଶଶୀଳ ଦେଶମାନେ ନିଜ ନିଜର ଜାତିର ଅସଲ ସ୍ୱରୂପକୁ ଚିହ୍ନିବା ପାଇଁ ଲୋକସାହିତ୍ୟ ଗବେଷଣା ଉପରେ ଅଧିକ ଦୃଷ୍ଟି ଦେଇଛନ୍ତି । ବିଶ୍ୱ ମାନବ ସଂସ୍କୃତିର ପ୍ରକୃତ ପରିଚୟ ପାଇଁ ଲୋକସାହିତ୍ୟ ଗବେଷଣା ତଥା ଅଧ୍ୟୟନ ଏକାନ୍ତ ପ୍ରୟୋଜନ । ଏହା 'ଳରେ ନିଜ ଦେଶର ଜାତୀୟ ସଂସ୍କୃତିକୁ ଜାଣିବା ସହ ବିଶ୍ୱ ପରିପ୍ରେକ୍ଷାରେ ନିଜର ସଂସ୍କୃତିର ପ୍ରତିଷ୍ଠା ହୋଇପାରିବ ।

ସମ୍ପ୍ରତି ଆର୍ନ୍ତଜାତିକ ସ୍ତରରେ ଲୋକସାହିତ୍ୟର ଅଧ୍ୟୟନ ଓ ଗବେଷଣା ପାଇଁ ବିଭିନ୍ନ ଅନୁଷ୍ଠାନ ମାନ ଗଠିତ ହୋଇଛି । International Folklore Congress ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜନ କରୁଛି । ଭାରତରେ ମ୍ଦ Indian Folklore Society , Folk music and Folklore Reserch Institute, Indian Folklore congress ପରି ଅନୁଷ୍ଠାନ ମ୍ଦ ଲୋକସାହିତ୍ୟର ଅନୁଶୀଳନ , ପ୍ରକାଶନ ଓ ସଂଗ୍ରହ କରି ଆସୁଛନ୍ତି । ପୁନଶ୍ଚ ବିଭିନ୍ନ ରାଜ୍ୟରେ ଆଂଚଳିକ ଲୋକକଳା, ଲୋକସଂସ୍କୃତି ଓ ଲୋକସାହିତ୍ୟ ପରିଷଦ ମାନ ଗଠିତ ହୋଇ ଏହା କ୍ରମଶଃ ଅଧିକ ଲୋକ ପ୍ରିୟ ହେବାରେ ଲାଗିଛି । ଭାରତରେ ପ୍ରାୟ ୨୫ଟି ବିଶ୍ୱ ବିଦ୍ୟାଳୟରେ ଲୋକ ସଂସ୍କୃତି ବିଷୟ ଉପରେ ବିଭାଗ ଓ ଉପ ବିଭାଗ ମାନ ଖୋଲାଯାଇ ବିଭିନ୍ନ ଗବେଷଣା କରାଯାଉଛି । ଓଡିଶାରେ ଚକ୍ରଧର ମହାପାତ୍ର, ପ୍ର. କୁଂଜବିହାରୀ ଦାଶଙ୍କ ପରି ଗବେଷକ ଲୋକ ସାହିତ୍ୟ ଗବେଷଣାକୁ ପ୍ରଗତିଶୀଳ କରିବା ପାଇଁ ଯେଉଁ ଉଦ୍ୟମ କରିଥିଲେ, ପରବର୍ତ୍ତୀ ସମୟରେ ଅନେକ ଗବେଷକ ମାନଂକୁ ଅନୁପ୍ରେରିତ କରିଛି । ଓଡିଶାର ବିଭିନ୍ନ ଅନୁଷ୍ଠାନ ଯଥା- ଓଡିଆ ଗବେଷଣା ପରିଷଦ, ଉତ୍କଳ ପାଠକ ସଂସଦ, କଲ୍‌ଚରାଲ୍ ଫୋରମ୍, ଓଡିଶା ସାହିତ୍ୟ ଏକାଡେମୀ, ଓଡିଶା ଲୋକସଂସ୍କୃତି ଗବେଷଣା ପରିଷଦ, ଫୋକ୍ଲୋର୍ ଫାଉଣ୍ଡେସନ୍, ପ୍ରଭୃତି ଅନୁଷ୍ଠାନମାନଙ୍କ ଦ୍ୱାରା ସେମିନାର୍ ଆୟୋଜନ, ତଥା ଗବେଷଣାଧର୍ମୀ ଉପାଦେୟ ପ୍ରବଂଧ ପ୍ରକାଶନ ମାଧ୍ୟମରେ ଓଡିଆ ଲୋକସାହିତ୍ୟ ପ୍ରତି ସମସ୍ତଂକ ଦୃଷ୍ଟି ଆକର୍ଷଣ କରି ପାରିଛି । ଏତଦ୍ ବ୍ୟତୀତ ଓଡିଶାରେ ପ୍ରଥମଥରି ସମ୍ବଲପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସ୍ନାତକୋତ୍ତର ଶ୍ରେଣୀରେ ଲୋକସଂସ୍କୃତି ଏକ ସ୍ୱତନ୍ତ୍ର ଶୃଂଖଳା ଭାବରେ ଗୃହୀତ ହୋଇ ଓଡିଶାର ଲୋକସାହିତ୍ୟ ଓ ଲୋକସଂସ୍କୃତି ଅଧ୍ୟୟନକୁ ଉତ୍ସାହିତ କରି ପାରିଛି ।

ତେବେ ସବୁଠାରୁ ବିଡ଼ମ୍ବନାର ବିଷୟ ଏହି ଯେ, ଆମ ଲୋକସାହିତ୍ୟ ଓ ସଂସ୍କୃତି ପରି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ପ୍ରତି ସରକାରଙ୍କ ଯେଉଁ ରକମର ପୃଷ୍ଠପୋଷକତା ରହିବା କଥା ତାହା ନାହିଁ । ଅଦ୍ୟାବଧି 'ଲୋକସଂସ୍କୃତି' ଅଧ୍ୟୟନକୁ ବ୍ୟାପକ କରିବା ପାଇଁ କୌଣସି ସରକାରୀ ଅନୁଷ୍ଠାନ ଟିଏ ଗଠିତ ହୋଇ ନାହିଁ କି କୌଣସି ପତ୍ର ପତ୍ରିକା କି ପୁସ୍ତକ ପ୍ରକାଶନ ପାଇଁ ଉଦ୍ୟମ ମ୍ଦ କରାଯାଇ ନାହିଁ । ଅବଶ୍ୟ ଓଡ଼ିଶା ସାହିତ୍ୟଏକାଡେମୀ, 'ଲୋକସାହିତ୍ୟ' ଉପରେ 'କୋଣାର୍କ'ର ଏକ ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶ କରି ଏ ଦିଗରେ ଅବଶ୍ୟ କିଂଚିତ୍ ଉଦ୍ୟମ କରିଛନ୍ତି । ସଂପ୍ରତି ଆମର ପଡ଼ୋଶୀ ଚୀନ ଦେଶ ତାଙ୍କର ଲୋକ ସାହିତ୍ୟ ଓ ସଂସ୍କୃତିକୁ ଯେଉଁଭଳି ଭାବରେ ପୁନର୍ବିନ୍ୟାସ କରିବାରେ ଆଗ୍ରହ ଦେଖାଉଛି , ସବୁ ଦେଶ ତହିଁରୁ ପ୍ରେରଣା ଲାଭ କରିବା ଉଚିତ୍ । ଚୀନ୍ ପୃଥିବୀରେ ପ୍ରଥମ

ଦେଶ ଭାବରେ ନିଜ ଦେଶର ଲୋକସାହିତ୍ୟକୁ ଉଇଞ୍ଜଇ ଈଇଝର ମ୍ମମରେ ସଂରକ୍ଷିତ କରି ରଖି ପାରିଛି । ଆମ ଦେଶ ମଧ୍ୟ ଲୋକସାହିତ୍ୟର ସୁରକ୍ଷା ପାଇଁ ସେହି ଭଳି ପ୍ରୟାସ କରିବା ଉଚିତ ।

ଆମ ଦେଶରେ ମ୍ମ ଯଦି ଲୋକସାହିତ୍ୟକୁ ପୁନର୍ବିନ୍ୟାସ ଓ କମ୍ପ୍ୟୁଟରିକରଣ କରାଯାଇ ପାରନ୍ତା ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ହୁଅନ୍ତା । ସ୍କୁଲ୍ କଲେଜରେ ଲୋକସାହିତ୍ୟ ଅଧ୍ୟୟନକୁ ବ୍ମତା ମୂଳକ ବିଷୟ ଭାବରେ ସ୍ୱୀକୃତି ଦେବା ଉଚିତ୍ । ଯାହା ଦ୍ୱାରା କି ଛାତ୍ର ଛାତ୍ରୀମାନଙ୍କ ଏ ଦିଗରେ ଆଗ୍ରହ ବୃଦ୍ଧି ହୋଇପାରିବ । ଲୋକଗୀତ, ଲୋକଗାଥା, ଲୋକକଥା କୁ ଉନ୍ନତ ମାନର Audio-Visualized କରି ଯଦି ଉପସ୍ଥାପନ କରାଯାଇ ପାରନ୍ତା ଓ ସ୍କୁଲ କଲେଜରେ ସେ ସବୁର Power Point Presentation ମାଧ୍ୟମରେ ଶିକ୍ଷାଦାନ ଦିଆଯାଆନ୍ତା ତେବେ ତାହା ଅତ୍ୟନ୍ତ ‘ଲପ୍ରଦ ହୋଇପାରନ୍ତା । ସରକାରଙ୍କର ସଂସ୍କୃତି ବିଭାଗ ତର‘ରୁ ଏ ସଂପର୍କିତ ଏକ ପତ୍ରିକା ନିୟମିତ ପ୍ରକାଶ ପାଇବା ଉଚିତ । ପ୍ରତି ଜିଲ୍ଲା ସ୍ତରରେ ଗୋଟିଏ ଲେଖାଏଁ ‘ଫୋକ୍ଲୋର୍ ମ୍ୟୁଜିୟମ’ ମଧ୍ୟ ପ୍ରତିଷ୍ଠିତ ହେବା ଉଚିତ । ଲୋକସାହିତ୍ୟର ସୁରକ୍ଷା ପାଇଁ ତ ନୁହେଁ ଲୋକସାହିତ୍ୟର ଗୁରୁତ୍ୱକୁ ହୃଦୟଙ୍ଗମ କରିବା ପାଇଁ ଏସବୁ ଆମ ପାଇଁ ସହାୟକ ହେବ ବୋଲି ଏ ଆଲୋଚକର ଆଶା ଓ ବିଶ୍ୱାସ ।

ଆଜି ସମୟ ଆସିଛି , ଭାଷା ଓ ସାହିତ୍ୟକୁ ଆଧାର କରି ସମଗ୍ର ବିଶ୍ୱର ପ୍ରତ୍ୟେକ ଅଂଚଳ ନିଜ ନିଜର ସାଂସ୍କୃତିକ ପରିଚୟକୁ ଖୋଜିବା ଓ ବିଶ୍ୱସଂସ୍କୃତି ଗଠନ ପରିପ୍ରେକ୍ଷାରେ ସେମାନଙ୍କର ଅବଦାନ କ’ଣ ଓ କେତେ ତାହା ଦେଖାଇବା । ଆଜି ଓଡ଼ିଶାର ବିଭିନ୍ନ ଅଂଚଳର ଶିକ୍ଷିତଗବେଷକ , ବୁଦ୍ଧିଜୀବୀ ନିଜ ନିଜ ଅଂଚଳର ଲୋକସାହିତ୍ୟ ସଂଗ୍ରହ, ଅଧ୍ୟୟନ, ଅନୁଶୀଳନ କରି ସ୍ଥାନୀୟ ସଂାସ୍କୃତିକ ଅବଦାନକୁ ଖୋଜିବାର ପ୍ରୟାସ ଜାରି ରଖିଛନ୍ତି । ଆମ ଜାତି ତଥା ସଭ୍ୟତାର ଅସଲ ଆତ୍ମାକୁ ଜାଣିବା ପାଇଁ ଲୋକସାହିତ୍ୟର ଅ୍ମୟନ ଆମକୁ ଯେ ନୂତନ ମୂଲ୍ୟବୋଧ ଦେବ ଏଥିରେ ସନ୍ଦେହର ଅବକାଶ ନାହିଁ ।

## ସହାୟକ ଗ୍ରନ୍ଥ ସୂଚୀ


**୧** – ଦାଶ, କୁଂଜ ବିହାରୀ –ଓଡିଆ ଲୋକଗୀତ ଓ କାହାଣୀ, ବିଶ୍ୱଭାରତୀ, ୧ ୯ ୫ ୮

୨ – ମହାପାତ୍ର, ଡ.ଶ୍ୟାମସୁଂଦର ଓ ସାହୁ, ଡ.ମିହିର କୁମାର(ସଂ)- ଲୋକସାହିତ୍ୟ ଗବେଷଣା, ଫ୍ରେଣ୍ଡସ ପବ୍ଲିଶର୍ସ,କଟକ ୧ ୯ ୯ ୭

୩ – ପଣ୍ଡା, ନିମେଁଇ ଚରଣ- ପଶ୍ଚିମ ଓଡିଶାର ଲୋକସାହିତ୍ୟର ସ୍ୱରୂପ, ସାରସ୍ୱତ ପୁସ୍ତକଭଣ୍ଡାର ,ସଂବଲପୁର ,୧ ୯ ୯ ୭

୪- ମିଶ୍ର, ଡ. ମହେନ୍ଦ୍ର କୁମାର –ଲୋକ ସଂସ୍କୃତି ପରିକ୍ରମା, ଗ୍ରନ୍ଥ ମନ୍ଦିର, କଟକ, ୧ ୯ ୯ ୬

୫- Vidyarthi, L.P. – Esays in Indian folklore, Indian publications Calcutta-14

୬ –Dundes Alan -‘A study of folk litereture’ New jersey, Prentize Hall, ୧ ୯ ୬ ୫.ୟ

୭ – ପାଣିଗ୍ରାହୀ, କୁମୁଦ ରଂଜନ – ଲୋକ ସାହିତ୍ୟର ସଜ୍ଞା ଓ ପରିସର, ଶତଭୀଷା,( ସଂ) ସଂବଲପୁର ବିଶ୍ୱବିଦ୍ୟାଳୟ.



**ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ**
**ଅଧ୍ୟକ୍ଷ, ପି.ଏସ୍.ଡିଗ୍ରୀ କଲେଜ,ଉଲୁଣ୍ଡା**
**ଜି. ସୁବର୍ଣ୍ଣପୁର**

ISSN -2583-147X (P), Vol.- 7, Issue No. X, Januuary 2022
Bastabatara Pariprakash Prachee
*Peer Reviewed and Referred Research Journal*

# ନାଟ୍ୟକାର ନୀଳାଦ୍ରିଭୂଷଣଙ୍କ 'ବତାସ ନିସ୍ତବ୍ଧ ଆଜି' : ନବ-ଐତିହାସିକ ଅଧ୍ୟୟନ

ଡ. ବିଦ୍ୟୁତ୍‌ପ୍ରଭା ରାଉତ

ଗତ ଶତାବ୍ଦୀର ଅଷ୍ଟମ ଦଶକକୁ ଅନେକ ପରିବର୍ତ୍ତନର ଦଶକ ବୋଲି କୁହାଯାଇପାରେ । ସେଇଠାରୁ ହିଁ ଏକ ନବ ପରିବର୍ତ୍ତିତ ସମୟକୁ ବିଶ୍ୱ ଅଗ୍ରସର ହେଉଥିଲା; ବିଶେଷତଃ ଭାରତ ଓ ଓଡ଼ିଶା । ଭାରତୀୟ ସମାଜ ଜୀବନ, ସାଂସ୍କୃତିକ ବଳୟ, ଆର୍ଥନୀତିକ ସ୍ଥିତି, ଧାର୍ମିକ ଆସ୍ଥା, ଆଧ୍ୟାତ୍ମିକ ବଳୟ, ବୈଜ୍ଞାନିକ ଉତ୍କର୍ଷ ଓ ବୈଷୟିକତାର ଶିଖରକୁ ସ୍ପର୍ଶ କରୁଥିଲା ନୂଆ ଏକ ସମୟଖଣ୍ଡ । ଏହି ସମୟରେ ଏକ ପରିବର୍ତ୍ତିତ ପ୍ରେକ୍ଷାରେ ଅନୁସନ୍ଧାନ କରାଯାଇପାରିବ ଭାରତକୁ, ଏକ ନୂଆ ସ୍ଥୂଳ ବହିରାବଣରେ । ଏପରିକି ଏ ପରିବର୍ତ୍ତନକୁ ଅନେକ କ୍ଷେତ୍ରରେ ଚେତନାର ବିବର୍ତ୍ତନ ବା ନବ ଜାଗରଣର ଏକ ପର୍ଯ୍ୟାୟ ଭାବେ ଅନୁଶୀଳନ କରାଯାଇପାରେ । ଏହି ୧୯୮୦ ମସିହାର ପ୍ରାକ୍ ପୃଷ୍ଠଭୂମିରେ ଭାରତୀୟ ରାଜନୀତିର ୧୯୭୫ ମସିହାର ଜରୁରୀ ପରିସ୍ଥିତି ଅବସ୍ଥା ହେଉ ଅବା ଗତ ଷଷ୍ଠ ଦଶକର ସାହିତ୍ୟରେ କ୍ରମଶଃ 'ନୂତନ' ଶବ୍ଦ ସଂଯୋଜିତ ହୋଇ ନୂଆକରି କଅଁଳି ଉଠୁଥିବା ସାହିତ୍ୟିକ ଅଭିରୁଚି ହେଉ ଅବା ରାକେଶ ଶର୍ମାଙ୍କର ଚନ୍ଦ୍ରପୃଷ୍ଠରେ ଅବତରଣ ପ୍ରସଙ୍ଗ ହେଉ; ଅବା ଦୂରଦର୍ଶନର ବ୍ୟାପ୍ତି ହେଉ; ଅବା ଭାରତର ମିସାଇଲ ପରୀକ୍ଷଣର ନୂତନ ଅଧ୍ୟାୟ ବା ବିଭିନ୍ନ ବୈଜ୍ଞାନିକ ଓ ବୈଷୟିକ ସମୃଦ୍ଧି ହେଉ; ଏସବୁଥିରେ ଅବଶ୍ୟ ପରଖି ହେବ ଏକ ନୂଆ ଭାରତର ରୂପରେଖକୁ ।

ତଥାକଥିତ ଉତ୍ତର ଆଧୁନିକ ସାହିତ୍ୟ ବା Post Modern Literature ପ୍ରସଙ୍ଗରେ ଆମେ ବିଶେଷତଃ ଏହି ସମୟଖଣ୍ଡଠାରୁ ହିଁ ଚେତନାର ଯେଉଁ ନବଦିଗନ୍ତକୁ ସ୍ପର୍ଶ କରୁ; ତାହା ଅନେକ ଦୃଷ୍ଟିରୁ ଗ୍ରହଣୀୟ ଯେତିକି ଭାବିତ ହେବାକୁ ବାଧ୍ୟକରେ ସେତିକି । ମଣିଷର ଅଧିକାରଗତ ପ୍ରସଙ୍ଗ ହେଉ; ଅବା ଆତ୍ମାଭିବ୍ୟକ୍ତି ବା କନ୍‌ଫେସ୍ କରିବା ଭଳି ପ୍ରସଙ୍ଗ ହେଉ; ନାରୀବାଦୀ ଭାବଧାରା ହେଉ, ଅବା ଦଳିତ ଭାବଧାରା ନେଇ ନୂତନ ଲହର ହେଉ, ଅବା 'ମିଥ୍' ଓ 'ଇତିହାସ' ଭଳି ପ୍ରସଙ୍ଗର ପୁନର୍ମୂଲ୍ୟାୟନ ଆଦି ପ୍ରସଙ୍ଗ ଅଷ୍ଟମ ଦଶକର ପରବର୍ତ୍ତୀ ସାହିତ୍ୟର ମୁଖ୍ୟ ଆଭିମୁଖ୍ୟ ଓ ଆଦର୍ଶ ଅଟେ । ଏହି ଦଶକରେ ନବ୍ୟ ଇତିହାସବାଦୀ ଦୃଷ୍ଟିଭଙ୍ଗୀ (ଘରଙ୍ଗ ଐସଗ୍ପଗ୍ପକ୍ସକ୍ସସମସଗ୍ପଙ୍କ)ର ମଧ୍ୟ ଜନ୍ମ ନେବାଳ ଏହାର ହୋଇପାରେ ଅନ୍ୟତମ କାରଣ । ଯେଉଁଠି 'ଇତିହାସ' ଆଉଥରେ 'ପ୍ରାସଙ୍ଗିକତା' ଓ 'ସତ୍ୟଶୀଳତା' ସହିତ ମୂଲ୍ୟାୟିତ ହେଲା । ଏହି ପରିପ୍ରେକ୍ଷୀରେ ୧୯୮୦ ପରବର୍ତ୍ତୀ କାଳରେ ରଚିତ ଐତିହାସିକ ନାଟକ ସମୂହକୁ ଆଲୋଚନା କରାଯାଇପାରେ ।

ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କର ଐତିହାସିକ ପ୍ରଥମ ତଥା ନାଟକ 'ସତ୍ୟ-ସଂଶୟ-ସାଲବେଗ' (୧୯୮୧) ପରେ ୧୯୮୩ ମସିହାରେ ପ୍ରକାଶିତ ହୁଏ 'ନିରାପଦ ଭବିଷ୍ୟତ' ନାଟ୍ୟ ସଂକଳନ । ଯେଉଁଥିରେ 'ବତାସ ନିସ୍ତବ୍ଧ ଆଜି', 'ପୁଣ୍ୟଭୂମି ଭାରତ' ଓ 'ନିରାପଦ ଭବିଷ୍ୟତ' ନାମରେ ସଂକଳିତ ହୋଇଛି ତିନିଟି ନାଟକ । ତିନିଟିଯାକ ନାଟକର ଦୃଷ୍ଟିଭଙ୍ଗୀ ଓ ଆଭିମୁଖ୍ୟ ପ୍ରାୟତଃ ସମଧରଣର । ଯେଉଁଠି 'ପୁନର୍ମୂଲ୍ୟାୟନ' ପ୍ରସଙ୍ଗଟି ଅଧିକ ଗୁରୁତ୍ୱପୂର୍ଣ୍ଣ ।

ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କର 'ବତାସ ନିସ୍ତବ୍ଧ ଆଜି'ର ନାଟକ ଆଧାରରେ ଇତିହାସର ନବ ମୂଲ୍ୟାୟନ ହିଁ ଏ ଆଲେଖ୍ୟର ପ୍ରମୁଖ ବିଷୟ ଭାବେ ବିଚାର୍ଯ୍ୟ ଅଟେ ।

କ୍ଷମତା ଓ ଅସ୍ତିତ୍ୱ ନିମନ୍ତେ ମଣିଷ ଯୁଗେ ଯୁଗେ ନାନା କୁଟିଳ ଓ ଜଟିଳ ପନ୍ଥା ତଥା ଉପାୟମାନ ଅବଲମ୍ବନ କରିଆସିଛି । କ୍ଷମତା ପାଇଁ ପିତା-ପୁତ୍ର, ସ୍ୱାମୀ-ସ୍ତ୍ରୀ, ଭାଇ-ଭାଇ ମଧ୍ୟରେ ବାଦବିବାଦ ଏବଂ ଅନ୍ତର୍ଦ୍ୱନ୍ଦ୍ୱର ଉଦାହରଣର ସଂଖ୍ୟା କିଛି କମ୍ ନାହିଁ । ବିଶ୍ୱ ଇତିହାସରେ ସମ୍ରାଟ ଆଲେକ୍‌ଜାଣ୍ଡାରଙ୍କଠାରୁ ଭାରତୀୟ ଇତିହାସର ଆଉରଙ୍ଗଜେବଙ୍କ ପର୍ଯ୍ୟନ୍ତ; ଅନେକ ସମ୍ରାଟ ଓ ବାଦଶାହ, ରାଜା ଓ ସାମନ୍ତମାନେ ବିବେକର ବଳି ଠାରୁ ଜୀବନର ବଳି ପର୍ଯ୍ୟନ୍ତ ଦେଇ ଆସିଛନ୍ତି । 'ଆପେ ବ*ଲେ ବାପର ନାଁ' ନ୍ୟାୟରେ ବର୍ତ୍ତମାନ ପ୍ରତ୍ୟେକ କ୍ଷମତାଶାଳୀ ବ୍ୟକ୍ତି ଓ କ୍ଷମତାହୀନ ବ୍ୟକ୍ତି ପର୍ଯ୍ୟନ୍ତ ନିଜର ଅସ୍ତିତ୍ୱକୁ ଜାହିର କରିବା ପାଇଁ ତତ୍ପର । ସେଥିପାଇଁ ଯେକୌଣସି ପ୍ରକାର ହୀନକାର୍ଯ୍ୟ କରିବା ପାଇଁ ସ୍ୱାର୍ଥପର ବ୍ୟକ୍ତିଗଣଙ୍କ ବିବେକ ବାଧା ଦେଉନାହିଁ ।

ଆଲୋଚ୍ୟ ନାଟକ 'ବତାସ ନିସ୍ତବ୍ଧ ଆଜି' (୧୯୮୩) ଏହିପରି ଏକ ପୃଷ୍ଠଭୂମି ଉପରେ ଆଧାରିତ ହୋଇଛି । ନାଟ୍ୟକାର ନୀଳାଦ୍ରି ଭୂଷଣ, ରାଜା କପିଳେନ୍ଦ୍ର ଦେବ, ହମ୍ବିର ଦେବ ଏବଂ ପୁରୁଷୋତ୍ତମ ଦେବଙ୍କ ଅତୀତ ଜୀବନର ଲୁକ୍କାୟିତ ଅଧ୍ୟାୟକୁ ଉନ୍ମୋଚନ କରିଛନ୍ତି ନୂତନ ଐତିହାସିକ ଅନୁସନ୍ଧିତ୍ସାରେ ।

ଇତିହାସ କହେ: ରାଜା କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଦେବଙ୍କୁ ତରବରିଆ ଭାବରେ ନିଜ ରାଜଧାନୀଠାରୁ ଦୂରରେ କୃଷ୍ଣାନଦୀ କୂଳରେ ରାଜା ଭାବରେ ଅଭିଷେକ କରିଦେଇଥିଲେ; କପିଳେନ୍ଦ୍ର ଦେବ ଯଦିଓ ଜାଣିଥିଲେ ଯେ ତାଙ୍କର ଅନ୍ୟ ପୁତ୍ରଙ୍କ ମଧ୍ୟରୁ ଏକା ହମ୍ବିର ଦେବ ହିଁ ଥିଲେ ସିଂହାସନ ପାଇଁ ଯୋଗ୍ୟତମ ପ୍ରାର୍ଥୀ ଅଟନ୍ତି । କପିଳେନ୍ଦ୍ର ଦେବ ଏହା ମଧ୍ୟ ଜାଣିଥିଲେ ଯେ ଯେହେତୁ ହମ୍ବୀରଙ୍କ ମା' ଓଡ଼ିଆଣୀ ନଥିଲେ; ହମ୍ବୀର ଯେତେ ପରାକ୍ରମୀ ହେଲେ ମଧ୍ୟ ତାଙ୍କର ଓଡ଼ିଆ ସେବାଧର୍ମକୁ ସେ ବୁଝିବେ ନାହିଁ । ଯେଉଁ ସମୟରେ ପୁରୁଷୋତ୍ତମଙ୍କ ଅଭିଷେକ ହେଲା, ସେତେବେଳେ ହମ୍ବୀର ଦେବ ଅନ୍ତଃପୁର ବାସିନୀ ରାଣୀଙ୍କ ପୁତ୍ର-ସୂତ୍ରରେ ଏବଂ ନିଜର ପରାକ୍ରମ ଯୋଗୁଁ ଉତ୍ତରାଧିକାରୀ ହେବାର ଆଶା ବାନ୍ଧି ସାରିଥିଲେ । ଓଡ଼ିଆଣୀ ଗର୍ଭରୁ ଜନ୍ମିଥିଲେ ପୁରୁଷୋତ୍ତମ । ସେ ଓଡ଼ିଆଣୀ ଥିଲେ ରାଜାଙ୍କ ପୋଇଲି । ତେଣୁ ପୁରୁଷୋତ୍ତମଦେବଙ୍କୁ ତତ୍କାଳୀନ କୁଚକ୍ରୀ ସାମନ୍ତ ଗୋଷ୍ଠୀ 'ପୋଇଲି ପୁଆ ପୁରିଆ' ବୋଲି କହି ଅପବାଦଟିଏ ରଟିଥିଲେ । କାଳେ ଉତ୍ତରାଧିକାରୀତ୍ୱ ପାଇଁ ହମ୍ବିର ଦେବ ବିଦ୍ରୋହ କରିବସିବେ, ତେଣୁ ପୁରୁଷୋତ୍ତମ ରାଜା ହେବା ଜଗନ୍ନାଥଙ୍କ ସ୍ୱପ୍ନାଦେଶ ବୋଲି ଲୋକମାନଙ୍କ ମଧ୍ୟରେ ହୁଏତ ପ୍ରଚାର କରାଯାଇଥିଲା । ସ୍ୱପ୍ନଟି ଏହିପରି ଯେ ସ୍ୱୟଂ ବିଶ୍ୱପତି ଜଗନ୍ନାଥ କପିଳେନ୍ଦଦେବଙ୍କୁ ସ୍ୱପ୍ନାଦେଶ ଦେଇ କହିଛନ୍ତି; ଆସନ୍ତା କାଲି ଜଗନ୍ନାଥ ଦର୍ଶନକୁ ଗଲାବେଳେ ବାଇଶ ପାହାଚରରେ ତାଙ୍କ ସ୍କନ୍ଧରୁ ପାଛୁଡ଼ାଟି ଉଡ଼ିଯିବ । ଯିଏ ସେହି ପାଛୁଡ଼ାଟିକୁ ତୋଳି ଆଣି ରାଜାଙ୍କ କାନ୍ଧରେ ପକାଇଦେବ, ସେ ହେବ ସିଂହାସନର ଯୋଗ୍ୟ । ତେଣୁ କପିଳେନ୍ଦ୍ର ଦେବ ହୁଏତ ପୁରୁଷୋତ୍ତମଙ୍କୁ ଉତ୍ତରାଧିକାରୀ ପାଇଁ ମନୋନୀତ କରିଥିଲେ । ପୁନଶ୍ଚ ରାଜା କପିଳେନ୍ଦ୍ର ହୁଏତ ଭାବିଥିବେ ଜଣେ ଓଡ଼ିଆ ରାଜା ହିଁ ଓଡ଼ିଆ ଜାତିର ହୃଦୟକୁ ଅନୁଭବ କରିପାରିବ । ରାଜପୁତ୍ର ହିଁ କେବଳ ରାଜା ହେବ; ଏହା ବାଧ୍ୟତାମୂଳକ ନୁହେଁ । ଯେପରି ନିଜେ କପିଳେନ୍ଦ୍ର ଦେବ ଗଜପତି ହୋଇଥିଲେ । ଯେ କୌଣସି ବ୍ୟକ୍ତି ମଧ୍ୟ ନିଜର ସଦ୍‌ଗୁଣାବଳୀ ଦ୍ୱାରା ରାଜସିଂହାସନ ପ୍ରାପ୍ତି କରିପାରେ, ଏହି ବାର୍ତ୍ତା ହୁଏତ ରାଜା ସମାଜକୁ ଦେବାକୁ ଚାହିଁଥିବେ । ପୁନଶ୍ଚ, ଲୋକରେ ପ୍ରଚାରିତ ଯେ ଶ୍ରୁତି ରାଜା କପିଳେନ୍ଦ୍ର ଦେବ ପ୍ରଥମେ ଥିଲେ ଜଣେ ରାଜ କର୍ମଚାରୀ । ତାଙ୍କର ପତ୍ନୀ ଓ ପୁତ୍ରଟିଏ ଥିଲା । ପରେ ରାଜା ହେବା ପରେ ସେ ଅନେକ ଅଣଓଡ଼ିଆ ପତ୍ନୀ ଗ୍ରହଣ କରିଛନ୍ତି । ନିଜର ପତ୍ନୀ ଥାଉ ଥାଉ ଅନେକ ପତ୍ନୀ ଗ୍ରହଣ କରି; ନିଜର ପ୍ରଥମା ସ୍ତ୍ରୀ ପ୍ରତି ଯେଉଁ; ଅନ୍ୟାୟ କରିଛନ୍ତି; ତାହାର ପ୍ରାୟଶ୍ଚିତ କରିବାକୁ ସେ ତାଙ୍କର ଓଡ଼ିଆ ପୁଅକୁ ରାଜା କରିଛନ୍ତି ଏବଂ ତାଙ୍କର ମା ତାଙ୍କୁ ରାଜମାତାର ଗୌରବ ଦାନ କରିଛନ୍ତି । ନିଜ ଓଡ଼ିଆ ପ୍ରାଣତା'ର ପରିଚୟ ଦେଇଛନ୍ତି ।

ନାଟ୍ୟକାର ନୀଳାଦ୍ରି ଭୂଷଣ କିନ୍ତୁ 'ବତାଶ ନିସ୍ତବ୍ଧ ଆଜି' ନାଟକରେ ଇତିହାସର ଏହି ଘଟଣାବଳୀ ଓ ଘଟଣାବଳୀ ସମ୍ପୃକ୍ତ ବ୍ୟକ୍ତିତ୍ୱମାନଙ୍କୁ ଭିନ୍ନ ରୂପ ଏବଂ ବ୍ୟକ୍ତିତ୍ୱରେ ଆତ୍ମପ୍ରକାଶ କରାଇଛନ୍ତି । ରାଜା କପିଳେନ୍ଦ୍ରଦେବ ନିଜର ଅହଂକାର ଓ କ୍ଷମତାକୁ ଜୀବନର ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ନିଜର ଅକ୍ତିଆରରେ ରଖିବାକୁ ପ୍ରୟାସ କରିଛନ୍ତି ଏବଂ ସେଥିପାଇଁ ନିଜ ବିବେକ ଏବଂ ଆତ୍ମାର ଆହ୍ୱାନକୁ ପ୍ରତାରିତ କରିଛନ୍ତି । ରାଜା କପିଳେନ୍ଦ୍ରଦେବ ଜଣେ ରାଜା ହିସାବରେ ଏବଂ ଜଣେ ପିତା ହିସାବରେ ହମ୍ବୀରଦେବଙ୍କୁ ଜଣେ ପରାକ୍ରମୀ ଯୋଦ୍ଧା, ଆଜ୍ଞାକାରୀ ପୁତ୍ର ବୋଲି ଗ୍ରହଣ କରିଛନ୍ତି । ହମ୍ବୀରଦେବଙ୍କ ବୀରତ୍ୱରେ ଗର୍ବିତ ଓ ଆନନ୍ଦିତ ହୋଇଛନ୍ତି । କିନ୍ତୁ ଏକ ଅଜଣା ଭୟରେ ବିଷାଦିତ ତଥା ଆତଙ୍କିତ ହୋଇ ଉଠିଛନ୍ତି ମନେ ମନେ । ହମ୍ବିର ଦେବଙ୍କ ଦାକ୍ଷିଣାତ୍ୟ ବିଜୟ; ପ୍ରଜା ଓ ସୈନ୍ୟମାନଙ୍କର ତାଙ୍କ ପ୍ରତି ଥିବା ସ୍ନେହ, ଆନୁଗତ୍ୟ ତଥା ଆସ୍ଥା କପିଳେନ୍ଦ୍ରଦେବଙ୍କର ଚିନ୍ତାର କାରଣ ହୋଇ ଉଠିଛି । ମହାମନ୍ତ୍ରୀଙ୍କ ଆଶ୍ୱାସନା ବାଣୀ ତାଙ୍କ ଚିନ୍ତାକୁ ଉପଶମ କରିପାରି ନାହିଁ । ହମ୍ବିର ଦେବ ପିତାଙ୍କ ମନର ଅସ୍ଥିରତା ଓ ଦୁଶ୍ଚିନ୍ତାକୁ ଦୂରେଇବା ପାଇଁ ଯେତେ ପ୍ରୟାସ କରିଛନ୍ତି; ସେଥିରେ କପିଳେନ୍ଦ୍ର ଦେବ ନିଜକୁ ଦୁଶ୍ଚିନ୍ତା ମୁକ୍ତ କରିପାରି ନାହାନ୍ତି । ମନ ମଧ୍ୟରେ କ୍ଷମତାଚ୍ୟୁତ ହେବାର ଦାରୁଣ ଅବସ୍ଥା ବାରମ୍ବାର ଉଙ୍କିମାରି ତାଙ୍କୁ ଅଧିକ ବିଷାଦଗ୍ରସ୍ତ କରିଛି । ତେଣୁ ମହାମନ୍ତ୍ରୀଙ୍କ ପରାମର୍ଶ କ୍ରମେ ସେ ନିଜର ରାଜଧାନୀ ପୁରି ଫେରି ଆସିଛନ୍ତି । ନିଜର ପ୍ରାଣପ୍ରିୟ ସେନାବାହିନୀଙ୍କର ଦାୟିତ୍ୱ ଅନିଚ୍ଛା ସତ୍ତ୍ୱେ ହମ୍ବୀରଦେବଙ୍କ ହାତରେ ଦେଇ ଆସିଛନ୍ତି । ଏଣେ ଦାସୀ ମା' ପୂର୍ଣ୍ଣିମା ପୁତ୍ର ପୁରୁଷୋତ୍ତମଦେବଙ୍କୁ ରାଜାଙ୍କ ଉତ୍ତରାଧିକାରୀ ହେବାପାଇଁ ନିଜକୁ ପ୍ରସ୍ତୁତ କରିବାକୁ ପ୍ରବର୍ତ୍ତାଇଛନ୍ତି । ପୂର୍ଣ୍ଣିମା, ରାଜା କପିଳେନ୍ଦ୍ରଦେବଙ୍କୁ କୁମନ୍ତ୍ରଣା ଦେଇ ହମ୍ବୀରଦେବଙ୍କ

ବିରୁଦ୍ଧରେ ଷଡ଼ଯନ୍ତ୍ର କରିଛନ୍ତି । ରାଜା କପିଳେନ୍ଦ୍ରଦେବ ହମ୍ବୀରଦେବଙ୍କ ବୀରତ୍ୱ ଓ ଲୋକପ୍ରିୟତାରେ ଯେତେ ଖୁସି ହୋଇଛନ୍ତି, ତାହାଠାରୁ ଅଧିକ ଆତଙ୍କିତ ହୋଇପଡ଼ିଛନ୍ତି ଜାଣି ଦାସୀ ପତ୍ନୀ ପୂର୍ଣ୍ଣିମା ସୁଯୋଗର ଫାଇଦା ଉଠାଇବାକୁ ଚେଷ୍ଟା କରିଛନ୍ତି । ଶେଷରେ ପୁରୁଷୋତ୍ତମଙ୍କର ପିତାଙ୍କ ପ୍ରତି ଥିବା ଆନୁଗତ୍ୟ ଏବଂ ହମ୍ବୀରଦେବଙ୍କ ବୀରତ୍ୱ ଜନିତ ଅହଂକାର ମଧ୍ୟରୁ; ହମ୍ବୀରଦେବଙ୍କ ଅହଂକାର ରାଜାଙ୍କ କପିଳେନ୍ଦ୍ରଦେବଙ୍କ ଭବିଷ୍ୟତ ପ୍ରତି ବିପଦ୍‌ଜନକ ବୋଲି ବୁଝାଇ ଦେଇଛନ୍ତି ।

କପିଳେନ୍ଦ୍ରଦେବ ମଧ୍ୟ ଅନୁଭବ କରିଛନ୍ତି ପୁରୁଷୋତ୍ତମଙ୍କ ପିତାଙ୍କ ପ୍ରତି ଥିବା ଆନୁଗତ୍ୟ ଏବଂ ଦାସୀପୁତ୍ର ହୋଇଥିବାର ସଙ୍କୋଚଭାବ । ତେଣୁ ପୁରୁଷୋତ୍ତମଙ୍କୁ ରାଜା ଉତ୍ତରାଧିକାରୀ ରୂପେ ଗ୍ରହଣ କଲେ; ଶାସନ କଳ ତାଙ୍କ ନିଜ ହସ୍ତରେ ରହିପାରିବ ଏବଂ ଅନ୍ୟର ଦୟା ଓ ହତାଦର ଜନିତ ଅଶାନ୍ତିରୁ ମୁକ୍ତି ମିଳିବ ବୋଲି ହୃଦ୍‌ବୋଧ କରିଛନ୍ତି । ଦାସୀ ପୂର୍ଣ୍ଣିମାଙ୍କ ସହଯୋଗରେ ବଡ଼ପଣ୍ଡାଙ୍କ ସହିତ ମନ୍ତ୍ରଣା କରିଛନ୍ତି । ହମ୍ବୀରଦେବ ଦାକ୍ଷିଣାତ୍ୟ ଅଭିଯାନରେ ଯାଇଥିବା ସମୟରେ ତରବରିଆ ଭାବରେ ପୁରୁଷୋତ୍ତମଙ୍କ ରାଜାଭିଷେକ କରିଦେଇଛନ୍ତି ରାଜା କପିଳେନ୍ଦ୍ରଦେବ । ନିଜର ପ୍ରିୟ ପୁତ୍ର ହମ୍ବୀରଦେବଙ୍କ ବିରୋଧରେ ଷଡ଼ଯନ୍ତ୍ର ରଚିଥିବାରୁ ତାଙ୍କ ଅନ୍ତରାତ୍ମା, ମନ, ବିବେକ ଆଦି ରାଜା କପିଳେନ୍ଦ୍ରଦେବଙ୍କୁ ବିଚଳିତ କରିଛି । କିନ୍ତୁ ନିଜେ ନିଜକୁ ପରିସ୍ଥିତିର ଦାସ ବୋଲି କହି ସାନ୍ତ୍ୱନା ଦେଇଛନ୍ତି ।

ଦାସୀ ପୂର୍ଣ୍ଣିମା ଥିଲେ ଯେ ହମ୍ବୀର ଦେବ କପିଳେନ୍ଦ୍ରଦେବଙ୍କ ଏପରି ନିଷ୍ପତ୍ତିରେ କଦାପି ଏକମତ ହେବେ ନାହିଁ ଏବଂ ପ୍ରଜା ଅସନ୍ତୋଷ ଦେଖାଦେବ । ପ୍ରଜା ମଧ୍ୟ ବିଦ୍ରୋହୀ ହୋଇ ଉଠିପାରନ୍ତି । ତେଣୁ ପୂର୍ଣ୍ଣିମା ଏକ ଅଭିନବ ଉପାୟ ଅବଲମ୍ବନ କଲେ; ନିଜର ମନ୍ଦ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ । ସ୍ୱୟଂ ଶ୍ରୀଜଗନ୍ନାଥ ଯେ ବଡ଼ପଣ୍ଡାଙ୍କୁ ସ୍ୱପ୍ନାଦେଶ ଦେଇଛନ୍ତି: ପୁରୁଷୋତ୍ତମଙ୍କୁ ସିଂହାସନ ଆରୋହଣ କରିବା ପାଇଁ; ବଡ଼ପଣ୍ଡା ଏ କଥା ପୂଜାପଣ୍ଡାମାନଙ୍କ ସହାୟତାରେ ପ୍ରଜାଙ୍କ ମଧ୍ୟରେ ପ୍ରଚାର କରିଦେଇଛନ୍ତି । ଜଗନ୍ନାଥଙ୍କ ଆଜ୍ଞା ବୋଲି ଜାଣିବା ପରେ ଧର୍ମବିଶ୍ୱାସୀ ଜନତାଙ୍କର ପ୍ରତିବାଦ କରିବାର ସାମର୍ଥ୍ୟ ଆଉ ପ୍ରକାଶ ପାଇନାହିଁ । ଅପରପକ୍ଷରେ ପୂର୍ଣ୍ଣିମାଙ୍କ ଉଦ୍ଦେଶ୍ୟ ମଧ୍ୟ ଚରିତାର୍ଥ ହୋଇଛି । ହମ୍ବିର ଦେବଙ୍କ ପ୍ରତି କରିଥିବା ଅନ୍ୟାୟ ଯୋଗୁଁ କପିଳେନ୍ଦ୍ର ଦେବଙ୍କ ମନ ଅବଶ୍ୟ ବିଚଳିତ ହୋଇ ଉଠିଛି । କିନ୍ତୁ ନିଜର କ୍ଷମତା ପ୍ରତି ଥିବା ଅଦମ୍ୟ ଲାଳସା ଯୋଗୁଁ କପିଳେନ୍ଦ୍ରଦେବ ନିଜକୁ ପରିସ୍ଥିତିର ଦାସ ବୋଲି କହି ସାନ୍ତ୍ୱନା ଦେଇଛନ୍ତି । ଯୋଗ୍ୟପୁତ୍ର ହମ୍ବୀରଦେବଙ୍କୁ ପ୍ରତାରିତ କରିଥିବା ଯୋଗୁଁ ତଥା ଉତ୍କଳର ଭବିଷ୍ୟତକୁ ଏକ ଅଯୋଗ୍ୟ ଶାସକ ଦେଉଥିବା ଯୋଗୁଁ ଅନୁତପ୍ତ ହୋଇଛନ୍ତି । ଇତିହାସକୁ ମାନସିକ ସ୍ତରରେ କ୍ଷମା ମାଗିଛନ୍ତି । ତତ୍‌ସହିତ ନିଜକୁ ସାନ୍ତ୍ୱନା ଦେଇଛନ୍ତି, ଯେ ସେ ଆଉ ଯୁଦ୍ଧ ଚାହାଁନ୍ତିନି; ଚାହାଁନ୍ତି ଶାନ୍ତି, ଯୁଦ୍ଧର ଘନଘଟା ପରର ଶାନ୍ତି, ଉତ୍ତେଜନାହୀନ ଶାନ୍ତିର ଶାସନ ହମ୍ବୀର ଦେବ ନୁହେଁ; କେବଳ ପୁରୁଷୋତ୍ତମ ହିଁ ତାଙ୍କୁ ଦେଇ ପାରିବେ । ସେହି ଶାନ୍ତିପୂର୍ଣ୍ଣ ଶାସନ ମଧ୍ୟରେ ସେ କରିବେ ଅଗଣିତ ନରହତ୍ୟା ଜନିତ ପାପର ପ୍ରାୟଶ୍ଚିତ !

ନାଟକର ଶେଷ ପର୍ଯ୍ୟାୟରେ ହମ୍ବୀରଦେବ ନିଜର ଅନ୍ୟ ଭାଇମାନଙ୍କ ସହ ମିଶି ବିଦ୍ରୋହ କରିଛନ୍ତି । ପୁରୁଷୋତ୍ତମଙ୍କୁ ସିଂହାସନଚ୍ୟୁତ କରିବା ପାଇଁ ଉଦ୍ୟମ କରିଛନ୍ତି । ପୁରୁଷୋତ୍ତମ ଦେବ, ହମ୍ବିର ଦେବଙ୍କ ଭୟରେ ପିତା କପିଳେନ୍ଦ୍ରଦେବଙ୍କ ପାଖରେ ଶରଣ ପଶିଛନ୍ତି । କପିଳେନ୍ଦ୍ରଦେବ, ତାଙ୍କୁ ନିଜର ଛତ୍ରଛାୟା ତଳେ ରଖି ଅଭୟ ପ୍ରଦାନ କରିଛନ୍ତି । ପୁରୁଷୋତ୍ତମ ଦେବ ମଧ୍ୟ ଜଗନ୍ନାଥଙ୍କ ନାମରେ ପ୍ରଚାରିତ ବର୍ତ୍ତାରେ ସମସ୍ତେ ବିଶ୍ୱାସ କରିଛନ୍ତି ବୋଲି ଜାଣି ନିଶ୍ଚିନ୍ତ ହୋଇଛନ୍ତି । ହମ୍ବୀର ଦେବ ସୈନ୍ୟସାମନ୍ତଙ୍କର ସହଯୋଗରେ ଶ୍ରୀନବର ଯାଇଛନ୍ତି ପୁରୁଷୋତ୍ତମଙ୍କୁ ଆକ୍ରମଣ କରିବା ପାଇଁ । କିନ୍ତୁ ପୁରୁଷୋତ୍ତମ, ଶ୍ରୀନବରର ସିଂହଦ୍ୱାର ଆବଦ୍ଧ କରି ଆତ୍ମଗୋପନ କରିଛନ୍ତି । ହମ୍ବୀର ଦେବ ଶାବଳ ମାରି ସିଂହଦ୍ୱାର ଫିଟାଇବାକୁ ଚେଷ୍ଟା କରି ବିଫଳ ହୋଇଛନ୍ତି । କ୍ରୋଧିତ ହମ୍ବୀର ଦେବ ଆହ୍ୱାନ ଦେଇଛନ୍ତି ପୁରୁଷୋତ୍ତମଙ୍କୁ ଯେ ସେ ଯଦି ତାଙ୍କର ଶାବଳ ପ୍ରହାରକୁ ସମ୍ଭାଳି ପାରିବେ; ତେବେ ସେ ହେବେ ରାଜା । ଏହି ପରୀକ୍ଷାରେ ପୁରୁଷୋତ୍ତମ ହୋଇଛନ୍ତି ଉତ୍ତୀର୍ଣ୍ଣ । ହମ୍ବୀର ଦେବ ଅନୁଭବ କରିଛନ୍ତି ପୁରୁଷୋତ୍ତମଙ୍କୁ ବନମାଳୀ ହିଁ ରକ୍ଷା କରିଛନ୍ତି । ତେଣୁ ସେ ବାହୁଡ଼ି ଯାଇଛନ୍ତି ବିଦ୍ରୋହ ପଥରୁ । ସେଇଠାରୁ ହିଁ ଇତିହାସର ଗତି ବଦଳି ଯାଇଛି ।

ହମ୍ବୀରଦେବଙ୍କ ପୁରୁଷୋତ୍ତମଙ୍କ ପ୍ରତି ଶାବଳରେ ଆକ୍ରମଣ କରି ପରାଜିତ ହୋଇ ପଳାୟନ କରିବା ପ୍ରସଙ୍ଗଟି ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନ ନାଟକରେ ସଂଯୋଜକ ଚରିତ୍ର 'ଇତିହାସବିଦ୍' ମାଧ୍ୟମରେ ପ୍ରକାଶ କରାଇଛନ୍ତି । ଉପର୍ଯ୍ୟୁକ୍ତ ଏହି ପ୍ରସଙ୍ଗଟି ମାଦଳାପାଞ୍ଜିରୁ ହିଁ ଗୃହୀତ ହୋଇଥିବା ଲକ୍ଷଣୀୟ: "ରାଜା ହୋଇ ଶ୍ରୀପୁରୁଷୋତ୍ତମ ଆସି ଶ୍ରୀଜଗନ୍ନାଥ

ମହାପ୍ରଭୁଙ୍କୁ ଦରଶନ କରି କଟକ ଶ୍ରୀନଅରରେ ରହିଲେ । ହମୀରଙ୍କୁ ଯାଇ ଡଗରା ବାରତା କହିଲେ, ତାହା ଶୁଣି ହମୀରେ ଅଇଲେ, ବେଗେ ଧାଇଁ ବୋଇଲେ ଆମ୍ଭେ ଥାଉଁ ପୃଥିରେ ପୁରିଆ ରାଜା ହୋଇଲା । ବୈଶାଖ ଶୁକ୍ଳ ନବମୀ ଦିନ ଶ୍ରୀପୁରୁଷୋତ୍ତମେ ହମୀରେ ପ୍ରବେଶ ହୋଇଲେ । ପରମେଶ୍ୱରଙ୍କୁ ଦରଶନ କରି ପ୍ରତିଜ୍ଞା କରି ବୋଇଲେ ପୁରିଆକୁ ଆଉ ତୁମ୍ଭେ ରଖି ନ ପାରିବା ଶଙ୍ଖେ ପୂରାଇ ଚକ୍ରେ ଉହାଡ଼ିଲେ ଅବଶ୍ୟ ମାରିବୁ ଗୋସାଇଁ । ଏତେ ବୋଲି ହମୀରେ କଟକକୁ ଗଲେ । ପୁରୁଷୋତ୍ତମଦେବଙ୍କୁ ବାରଣ ହୋଇଲା । କପାଟ ପାଡ଼ି ସେ ଶ୍ରୀନଅର ଭିତରେ ରହିଲେ । ସିଂଘଦ୍ୱାର ମାଡ଼ି ହମୀରେ ରହିଲେ । ଆଣ୍ଟେ କପାଟ ଫେଡ଼ି ଦିଅରେ, ଡାକିଲେ । ଜୀବନେ ଯଦି ଆଶ ଅଛି ତେବେ ଫେଅ ସିଂଘ ଦ୍ୱାର । ପଢ଼ିଆରୀ ବୋଇଲା ଠାକୁରଙ୍କ ଆଜ୍ଞା ନାହିଁ, କେମନ୍ତେ କବାଟ ଫେଡ଼ିବୁ ଗୋସାଇଁ । ଶୁଣି ରୋଷଭରେ ଘୋଡ଼ା ତୁଆଇ ସାବେଳୀ ଡିଆଇଁ ବୋଇଲେ ପୁରିଆକେ କହ ରାଜା ହୋଇବାକୁ ଯେବେ ଅଛି ସ୍ନେହ ଏ ସାବେଳୀ ମୁଠି ଯେବେ ବଂାଇ ପାରିବୁ, ତେବେ ଏ ରାଜ୍ୟେ ରାଜା ହୋଇବୁ । ଏତେ ବୋଲି ହମୀରେ କୋପ କଲେ । କବାଟ ଫେଡ଼ି ଯେ ପୁରୁଷୋତ୍ତମ ଦେବ ଅନାଇଲେ । ପୁରିଆ ଅନାଉଚି ବୋଲି ହମୀରେ ବୋଇଲେ । କୋପେଣ ସାବେଳୀ ମୁଠାଏ ମାଇଲେ । ତାହା ଜାଣି ପୁରୁଷୋତ୍ତମଦେବେ ସମ୍ଭାଳିଲେ । ହମୀରେ ବୋଇଲେ ସାବେଳୀ ଗଲା ଭଳି । ପୁରିଆକୁ ରଖିଲେ ବନମାଳୀ । ଏତେ ଦେଖି ସେ ବିସ୍ମଏ କରି ମତି ପଶ୍ଚିମ ଦିଗକୁ ବାହାର ହୋଇଯାନ୍ତି ।" (ପୃଷ୍ଠା-୧୩୭-୧୩୮) ।

ନାଟକର ଶେଷ ଭାଗରେ ହମ୍ୱୀରଦେବ ନିଜର ଅନ୍ୟ ଭାଇମାନଙ୍କ ସହିତ ପୁରୀ ଛାଡ଼ି ଚାଲିଯାଇଛନ୍ତି । ତାଙ୍କୁ ବିଦାୟ ଜଣାଇବାକୁ ମହାମନ୍ତ୍ରୀ ଯାଇଛନ୍ତି ପୁରୀର ସୀମାନ୍ତକୁ ।

'ବତାଶ ନିସ୍ତବ୍ଧ ଆଜି' ନାଟକରେ କପିଳେନ୍ଦ୍ରଦେବ ଚରିତ୍ରକୁ ଭିନ୍ନ ଏକ ବ୍ୟକ୍ତିତ୍ୱ ଭାବେ ଦେଖିବାକୁ ମିଳେ । ଇତିହାସରେ କପିଳେନ୍ଦ୍ରଦେବ ପୁରୁଷୋତ୍ତମଦେବଙ୍କୁ ଉତ୍ତରାଧିକାରୀ କରିବା ପଶ୍ଚାତରେ ଉଦ୍ଦେଶ୍ୟ ଥିଲା ଓଡ଼ିଆ ଜାତିର ସୁରକ୍ଷିତ ଭବିଷ୍ୟତ । ଜଣେ ଓଡ଼ିଆ ଲୋକ ରାଜା ହେଲେ, ସେ ବୁଝିପାରିବ ସାଧାରଣ ଜନତାର କଥା ଏବଂ ଓଡ଼ିଶାର ଦୁଃଖଦୁର୍ଦ୍ଦଶା । ତତ୍‌ସହିତ ଜଣେ ଓଡ଼ିଆଣୀ ସ୍ତ୍ରୀ ପାଇବେ ରାଜମାତାର ଗୌରବ । ନାଟକରେ କିନ୍ତୁ କପିଳେନ୍ଦ୍ରଦେବ ରାଷ୍ଟ୍ର ଅପେକ୍ଷା ନିଜର କ୍ଷମତାକୁ ବେଶୀ ଭଲ ପାଇଛନ୍ତି । ପୁତ୍ର ହମ୍ୱୀରଦେବଙ୍କ ପ୍ରତି ତାଙ୍କ ମନରେ ରହିଛି ଅନାବିଳ ସ୍ନେହ, ଅକୁଣ୍ଠ ଆଶୀର୍ବାଦ, ପୁତ୍ରର ବୀରତ୍ୱରେ ହୋଇଛନ୍ତି ମୁଗ୍ଧ ଏବଂ ଗୌରବାନ୍ୱିତ । କିନ୍ତୁ ମନରେ ତାଙ୍କର ରହିଥିଲା ଅଜଣା ଆଶଙ୍କା । କପିଳେନ୍ଦ୍ରଦେବ ହମ୍ୱୀରଦେବଙ୍କ ବୀରତ୍ୱ ସମ୍ମୁଖରେ ନିଜକୁ ମଳିନ, ନିଷ୍ପ୍ରଭ ମନେ କରିଛନ୍ତି । ନିଜର ସ୍ଥିତି ସମ୍ପର୍କରେ ସନ୍ଦୀହାନ ହୋଇ ପଡ଼ିଛନ୍ତି । କ୍ଷମତାଶୀଳ ବ୍ୟକ୍ତି ପ୍ରାୟତଃ ଅହଂକାରୀ ହୋଇଥାଏ । ସେ ଦୃଷ୍ଟିରୁ ସେ ଥିଲେ ଅହଂକାରୀ । ରାଜା ହେବାର ଅହଂକାର, ବୀର ହେବାର ଅହଂକାର ଭିତରୁ ନିଜକୁ ମୁକ୍ତ ରଖିପାରିନାହାନ୍ତି କପିଳେନ୍ଦ୍ରଦେବ । ମହାମନ୍ତ୍ରୀଙ୍କ ସହିତ ନିଜର ହରାଇବାକୁ ଯାଉଥିବା ଅସ୍ତିତ୍ୱ ଏବଂ ତତ୍‌ଜନିତ ଆଶଙ୍କାରୁ ସେ ମନ୍ତ୍ରଣା କରିଛନ୍ତି । ପୁତ୍ରର ପରାକ୍ରମରେ ଓ ଦକ୍ଷତାରେ ସେ ସଂପୂର୍ଣ୍ଣ ଆନନ୍ଦିତ ହୋଇ ମଧ୍ୟ ବିଷାଦଗ୍ରସ୍ତ ହୋଇ ପଡ଼ିଛନ୍ତି । ପ୍ରତ୍ୟେକ କ୍ଷମତାଶାଳୀ ଓ ଅହଂକାରୀ ବ୍ୟକ୍ତି, ଯେପର୍ଯ୍ୟନ୍ତ କ୍ଷମତାରେ ଥାଆନ୍ତି; ଆତ୍ମତୃପ୍ତି ଅନୁଭବ କରିଥାନ୍ତି । କ୍ଷମତା ହରାଇବାର ଭୟ ଓ ଆଶଙ୍କାରେ କାତର ହୋଇ ଉଠିଥାଏ ସେମାନଙ୍କର ମନ । କପିଳେନ୍ଦ୍ରଙ୍କ ମନରେ ହମ୍ୱୀରଦେବଙ୍କ ପ୍ରତି ପ୍ରବଳ ଭଲ ପାଇବା ଓ ସ୍ନେହ ଥିବା ସତ୍ତ୍ୱେ ଉତ୍ତରାଧିକାରୀ ସୂତ୍ରେ ତାଙ୍କୁ ଗ୍ରହଣ କରିପାରିନାହାନ୍ତି । ନିଜର ଦିଗ୍‌ବିଜୟ ଇତିହାସର ଜୀର୍ଣ୍ଣସ୍ତୂପ ଉପରେ କାଳେ ହମ୍ୱୀର ଦେବଙ୍କ ଅସାଧାରଣ ପରାକ୍ରମର ସ୍ୱର୍ଣ୍ଣସୌଧ ନିର୍ମିତ ହୋଇଯିବ; ସେହି ଭୟରେ ସେ ଆତଙ୍କିତ ହୋଇ ଉଠିଛନ୍ତି । ଚିରଦିନ ଯେଉଁ ପ୍ରଜାମାନେ କପିଳେନ୍ଦ୍ରଦେବଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତି ଦେଖାଇ ଆସିଥିଲେ, ସେମାନେ ହମ୍ୱୀରଦେବଙ୍କୁ ବର୍ତ୍ତମାନ ନିଜର ଭବିଷ୍ୟତ ବୋଲି ଗ୍ରହଣ କରିନେଲେ ତାଙ୍କର ଆଉ ଅସ୍ତିତ୍ୱ ରହିବ ନାହିଁ ଭାବି ବିଚଳିତ ହୋଇଛନ୍ତି ଗଜପତି ସମ୍ରାଟ କପିଳେନ୍ଦ୍ରଦେବ ।

ଭଲ ପିତାଟିଏ ଅପେକ୍ଷା ଜଣେ ଭଲ ରାଜା ହେବାର ଲାଳସା କପିଳେନ୍ଦ୍ରଙ୍କ ମନରେ ବଳବତ୍ତର ହୋଇଉଠିଛି । ସାରାଜୀବନ ସେ ପ୍ରଚଣ୍ଡ ଯୁଦ୍ଧର ଉତ୍ତେଜନା ଭିତରେ କଟେଇ ଦେଇଛନ୍ତି । ତେଣୁ ମହାମନ୍ତ୍ରୀଙ୍କ ରାଜଧାନୀକୁ ଫେରିଯିବାର ପ୍ରସ୍ତାବରେ ସେ ରାଜି ହୋଇପାରିନାହାନ୍ତି । ତାଙ୍କର ଅନୁଭବ ହୋଇଛି ଯୁଦ୍ଧବିଗ୍ରହ ବନ୍ଦ ହୋଇଗଲେ ଯେପରି ତାଙ୍କ ଶରୀରରୁ ପ୍ରାଣଶକ୍ତି ବାହାରି ଯିବ । ଯୁଦ୍ଧକ୍ଷେତ୍ରର, ଦୁର୍ଗ ଭିତରେ ରହି ସୈନ୍ୟ ସାମନ୍ତଙ୍କ ଉତ୍ତେଜନା ଭିତରେ ନିଜକୁ ହଜେଇ ଦେବାରେ ସେ ଅସୀମ ଆନନ୍ଦ ଅନୁଭବ କରିଛନ୍ତି । କିନ୍ତୁ ତୃପ୍ତି ପାଇପାରି ନାହାନ୍ତି । ତେଣୁ ମହାମନ୍ତ୍ରୀଙ୍କୁ ନିଜ ମନର କ୍ଷୋଭ ଜଣାଇ କପିଳେନ୍ଦ୍ରଦେବ କହି ଉଠିଛନ୍ତି: "କାହିଁ ତୃପ୍ତି ଚିର

ଦିନ ମୁଁ ଅତୃପ୍ତ, ଅଶାନ୍ତ । ଦିନେ ଥିଲା ସମଗ୍ର ଭାରତ ବର୍ଷକୁ ଜୟ କରିବାର ଉଚ୍ଚାଭିଳାଷ; କିନ୍ତୁ ସବୁ ସ୍ୱପ୍ନର ଗଛରେ କ'ଣ ଫୁଲ ଫୁଟେ ? × × × ହୃଦୟହୀନ ବାର୍ଦ୍ଧକ୍ୟ ହାତରୁ ମୋର ଛଡ଼ାଇ ନେଇଛି ଢ଼ାଲ ତରୁଆଲ । ଦୂରରୁ ଯୁଦ୍ଧ ଦେଖି ଉଲ୍ଲସିତ ହେବା ହିଁ ଆଜି ମୋର ଏକମାତ୍ର ବିଳାସ । ଦେଖୁଛି, ସେଥିରୁ ବି ମୋତେ ଚିରଦିନ ବଞ୍ଚିତ ହେବାକୁ ପଡ଼ିବ" କପିଳେନ୍ଦ୍ରଦେବଙ୍କ ଉପର୍ଯ୍ୟୁକ୍ତ ଅଭିବ୍ୟକ୍ତିରେ ସ୍ପଷ୍ଟତାଙ୍କ ମନୋଭାବ (ପୃ-୧୦୫) ।

ହମ୍ବୀରଦେବ, ନିଜର ସମସ୍ତ ବୁଦ୍ଧି ଓ ସାମର୍ଥ୍ୟରେ ଉପଯୋଗ କରି ପିତାଙ୍କୁ ସନ୍ତୁଷ୍ଟ କରିବାକୁ ପ୍ରୟାସ କରିଛନ୍ତି । ପୁତ୍ରର ଦାକ୍ଷିଣାତ୍ୟ ବିଜୟ ଜନିତ ସମ୍ବାଦ ପ୍ରାପ୍ତ ହେବା ପରେ କପିଳେନ୍ଦ୍ରଦେବ ଆନନ୍ଦରେ ଅଧୀର ହୋଇ ଉଠିଛନ୍ତି । ପୁତ୍ର ହମ୍ବୀରଦେବଙ୍କୁ ପ୍ରାଣଭରି ଆଶୀର୍ବାଦ କରିଛନ୍ତି । ତଥାପି ବାରମ୍ବାର ତାଙ୍କ ମନ ବିପର୍ଯ୍ୟସ୍ତ ହୋଇଉଠିଛି ସେଇ ଗୋଟିଏ ପ୍ରଶ୍ନରେ ! କପିଳେନ୍ଦ୍ରଦେବ, ପୁତ୍ରହାତରେ ଦାକ୍ଷିଣାତ୍ୟ- ଯୁଦ୍ଧ ଅଭିଯାନର ଦାୟିତ୍ୱ ଦେଇ ଫେରିଯିବାର ନିଷ୍ପତ୍ତିରେ ମନକୁ ଦୃଢ଼ କରିପାରି ନାହାନ୍ତି: "× × × ମୋର ନିଷ୍ପତ୍ତିକୁ ଚୂଡ଼ାନ୍ତ କରିପାରୁ ନାହିଁ । ଚିରଦିନ ମୋର ସୈନ୍ୟସାମନ୍ତଙ୍କୁ ମୁଁ ପ୍ରାଣଠାରୁ ବଳି ଭଲ ପାଇ ଆସିଛି । ମୋର ସମସ୍ତ ଗୌରବର ମୂଳ କାରଣ ହେଉଛନ୍ତି ସେମାନେ । × × × ମରଣ ପାଇଁ ସାମାନ୍ୟ କୁଣ୍ଠିତ ହୋଇନାହାନ୍ତି । କେମିତି ସେମାନଙ୍କୁ ଆଜି ଛାଡ଼ିଯିବାପାଇଁ ମୁଁ ପ୍ରସ୍ତୁତ ହେବି" (ପୃ-୧୦୮) । ହମ୍ବୀରଦେବ, ପ୍ରଜାମାନଙ୍କୁ ନେଇ ବ୍ୟସ୍ତ ନହେବା ପାଇଁ ପିତାଙ୍କୁ ସାନ୍ତ୍ୱନା ଦେଇଛନ୍ତି । କିନ୍ତୁ କପିଳେନ୍ଦ୍ରଦେବଙ୍କ ମନରେ ପ୍ରଜାଙ୍କୁ ଛାଡ଼ି ନଯିବା ପଶ୍ଚାତ୍‌ରେ ଯେଉଁ କାରଣଟି ରହିଛି ତାହାକୁ ଠାବ କରିପାରି ନାହାନ୍ତି ହମ୍ବୀରଦେବ, ତାଙ୍କର ମନେ ହୋଇଛି, ବୋଧେ ପିତା ନିଜର ପ୍ରିୟ ସେନାଙ୍କୁ ଛାଡ଼ିଯିବାକୁ କୁଣ୍ଠିତ ହେଉଛନ୍ତି । କିନ୍ତୁ ପରବର୍ତ୍ତୀ ସମୟରେ କପିଳେନ୍ଦ୍ରଦେବଙ୍କ ମାନସିକ ସ୍ଥିତିକୁ ବୁଝି ପାରିଛନ୍ତି, ଯେତେବେଳେ ସେ କହିଉଠିଛନ୍ତି: "× × × ମୋର ପ୍ରାଣପ୍ରିୟ ସୈନ୍ୟ ସାମନ୍ତମାନେ କ'ଣ ମୋତେ ବିସ୍ମୃତ ହୋଇପଡ଼ିଛନ୍ତି ? × × × ତୁମର ନେତୃତ୍ୱରେ ତ ସେମାନେ ବେଶୀ ସୁଖରେ ଅଛନ୍ତି । ଦିଗ୍‌ବିଜୟ ଲାଗି ବେଶୀ ଉତ୍ସାହ ପାଉଛନ୍ତି । × × × ଚତୁର୍ଦ୍ଦିଗରେ ତୁମର ପ୍ରସଂଶା । ପାତ୍ରମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସାଧାରଣ ପ୍ରଜାଙ୍କ ପର୍ଯ୍ୟନ୍ତ । ମୁଁ ତେଣୁ ଅନୁଭବ କରୁଛି, ସମସ୍ତଙ୍କର ଆସ୍ଥା-ବିଶ୍ୱାସ ତୁମ ଉପରେ"(ପୃ-୧୦୮-୧୦୯) । ପିତାଙ୍କର ଏପରି ମାନସିକତାରେ ହମ୍ବୀରଦେବ ମର୍ମାହତ ହୋଇଛନ୍ତି । ପୁତ୍ରର କୃତିତ୍ୱ ଯେ କେବେ ପିତାଙ୍କ ଦୁଃଖର ଏବଂ ଈର୍ଷାର କାରଣ ହେବ, ତାହା କ୍ୱଚିତ୍ ଦେଖାଯାଇଥାଏ । କ୍ଷମତା ମଣିଷକୁ କେତେଦୂର ଈର୍ଷାପରାୟଣ କରିପାରେ ତାହା କପିଳେନ୍ଦ୍ରଦେବଙ୍କ ବ୍ୟକ୍ତିତ୍ୱରେ ବେଶ୍ ସ୍ପଷ୍ଟ । ଯେଉଁଠି ସଂପର୍କ ଅପେକ୍ଷା ନିଜର ଅସ୍ତିତ୍ୱକୁ ଜାହିର କରିବାର କାମନା ଅଧିକ ତୀବ୍ର । ଇତିହାସରେ ଏହାର ରହିଛି ଅନେକ ଦୃଷ୍ଟାନ୍ତ । ରୋମ୍ ନଗରୀର ସାମ୍ରାଜ୍ଞୀ ଆଗ୍ରିପ୍‌ପୀନା ପୁତ୍ର ନୀରୋଙ୍କୁ ସମ୍ରାଟ କରିବା ପାଇଁ ରାଜତ୍ୱ କରୁଥିବା ସ୍ୱାମୀ ସମ୍ରାଟ କ୍ଲଡ଼ିୟାସ୍‌ଙ୍କୁ ବିଷ ଦେଇ ହତ୍ୟା କରିଛନ୍ତି । ପୁନଶ୍ଚ ସେହି ସମ୍ରାଟ ନୀରୋ ନିଜର ରାଜଗାଦିକୁ ସୁରକ୍ଷିତ କରିବା ପାଇଁ ମାତା ଆଗ୍ରିପ୍‌ପୀନାଙ୍କୁ ଛୁରିକାବିଦ୍ଧ କରି ହତ୍ୟା କରିଛନ୍ତି । ମୋଗଲ ବାଦଶାହ ଆଉରଙ୍ଗଜେବ୍ ସିଂହାସନ ଓ କ୍ଷମତା ପାଇଁ ନିଜ ଭାଇମାନଙ୍କୁ ହତ୍ୟାକରି, ପିତା ଶାହାଜାହାନଙ୍କୁ ବନ୍ଦୀ କରି ରଖିଥିଲେ । କ୍ଷମତାର ମୋହ ମଣିଷକୁ କେତେଦୂର ସ୍ୱାର୍ଥପର ଏବଂ ଅନ୍ଧ କରିଦିଏ ତାହା ଏହି ସମ୍ରାଟ ଓ ବାଦଶାହମାନଙ୍କ ବ୍ୟକ୍ତିତ୍ୱରେ ସ୍ପଷ୍ଟ ହୋଇଥାଏ । ସମ୍ରାଟ କପିଳେନ୍ଦ୍ରଦେବ ମଧ୍ୟ 'ବତାସ ନିସ୍ତବ୍ଧ ଆଜି' ନାଟକରେ ସେହିପରି ଜଣେ ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ।

ଅନ୍ୟପକ୍ଷରେ କପିଳେନ୍ଦ୍ରଦେବଙ୍କର ସୁନ୍ଦରୀ ଦାସୀ ପୂର୍ଣ୍ଣିମା, ନିଜ ପୁତ୍ର ପୁରୁଷୋତ୍ତମଦେବଙ୍କୁ ନିଜର ଅଧିକାର ଜାହିର କରିବା ପାଇଁ ରାଜସିଂହାସନ ନିମନ୍ତେ ପ୍ରବର୍ତ୍ତାଇଛନ୍ତି । କିନ୍ତୁ; ପୁରୁଷୋତ୍ତମଦେବ ସେଥିପାଇଁ ଅନିଚ୍ଛୁକ ହୋଇଛନ୍ତି । ଏପରିକି ନିଜର ଅକ୍ଷମତା ମଧ୍ୟ ପ୍ରକାଶ କରିଛନ୍ତି । ହମ୍ବୀରଦେବ ହିଁ ସିଂହାସନ ନିମନ୍ତେ ଏକମାତ୍ର ଯୋଗ୍ୟବୋଲି ଯୁକ୍ତି ବାଢ଼ିଛନ୍ତି ନିଜ ମାତାଙ୍କ ନିକଟରେ । କିନ୍ତୁ, ଚିରଦିନ ଲାଂଛିତା ଓ ଅପମାନିତା ଦାସୀ ପୂର୍ଣ୍ଣିମା ନିଜର କୂଟନୀତିକ ବୁଦ୍ଧି ବଳରେ ପୁତ୍ରକୁ ପୁରୁଷୋତ୍ତମଦେବଙ୍କୁ ରାଜଗାଦିସୀନ କରାଇବାର ପ୍ରତିଜ୍ଞା କରିଛନ୍ତି । ନିଜ ପୁତ୍ରକୁ ସେଥିପାଇଁ ମାନସିକ ଭାବରେ ପ୍ରସ୍ତୁତ କରିଛନ୍ତି । ଅତୀତରେ ରାଜପରିବାରମାନଙ୍କରେ ହେଉ ବା ଶାସ୍ତ୍ର-ପୁରାଣମାନଙ୍କରେ ମହାରାଣୀମାନଙ୍କର ନିଜ ପୁତ୍ର ପ୍ରତି ଏପରି କାମନାର ଦୃଷ୍ଟାନ୍ତ ରହିଛି ଅନେକ । ରାତି ପାହିଲେ ରାମ ରାଜା ହେବେ, କିନ୍ତୁ କୈକେଇଙ୍କ କୂଟନୀତି ବଳରେ ରାମ ସିଂହାସନ ପରିବର୍ତ୍ତେ ଚଉଦ ବର୍ଷ ବନବାସ ଗଲେ । କପିଳେନ୍ଦ୍ରଦେବଙ୍କ ମାନସିକ ସ୍ଥିତିକୁ ଲକ୍ଷ୍ୟ କରି ପୂର୍ଣ୍ଣିମା ସୁଯୋଗର ସଦୁପଯୋଗ କରିବା ପାଇଁ ନିଜର ସମସ୍ତ କୌଶଳ ପ୍ରୟୋଗ କରିଛନ୍ତି । ପୂର୍ଣ୍ଣିମା, କପିଳେନ୍ଦ୍ରଦେବଙ୍କ ମନରେ ନିଜର

ବାକ୍‌ଚାତୁରୀ ବଳରେ ବିଶ୍ୱାସବୋଧ କରେଇଛନ୍ତି ଯେ ପୁରୁଷୋତ୍ତମଦେବ, ରାଜା ହେଲେ ତାଙ୍କର ସୁବିଧା କ'ଣ ହେବ ଏବଂ ହମ୍ମୀରଦେବ ରାଜା ହେଲେ ଅସୁବିଧା କ'ଣ ହେବ ! ପୂର୍ଣ୍ଣିମା ମୁଖରେ ନାଟ୍ୟକାରଙ୍କ ଅଭିବ୍ୟକ୍ତି: "ଆପଣ ଯାହାପାଇଁ ଅନ୍ତରର ସ୍ନେହ ଶ୍ରଦ୍ଧା ଢାଳି ଦେଇଛନ୍ତି, ଯାହା ପାଇଁ ମୁହଁରେ ଏ ଉଚ୍ଛ୍ୱସିତ ପ୍ରଶଂସା, ସେ ହିଁ କରିବ ଆପଣଙ୍କୁ ପ୍ରଥମ ଅସ୍ତ୍ର ଉତ୍ତୋଳନ ।" କିନ୍ତୁ କପିଳେନ୍ଦ୍ରଦେବ, ପୂର୍ଣ୍ଣିମାଙ୍କ ଏପରି ମନ୍ତବ୍ୟରେ ଏକମତ ହୋଇପାରି ନାହାଁନ୍ତି । ନିଜର ପ୍ରିୟପୁତ୍ର ଏପରି କରିବ ତାହା ସେ ସ୍ୱୀକାର କରିପାରି ନାହାନ୍ତି । ହମ୍ମୀରଦେବ ଯେପରି ଭାବରେ ପିତାଙ୍କର ଅର୍ଦ୍ଧେକ ସ୍ନେହର ଅଧିକାରୀ ହୋଇଯାଇଛନ୍ତି, ସେଥିରୁ ତାଙ୍କୁ ବଞ୍ଚିତ କରିବାକୁ ଦାସୀ ପୂର୍ଣ୍ଣିମାଙ୍କ ପରାମର୍ଶକୁ ରାଜା ଗ୍ରହଣ କରିପାରିନାହାନ୍ତି । ପୂର୍ଣ୍ଣିମାଙ୍କ ଯାବତୀୟକୁ ପରାମର୍ଶକୁ ରାଜା ଖଣ୍ଡନ କରିଦେଇଛନ୍ତି ନିଜର ହମ୍ମୀରଦେବଙ୍କ ପ୍ରତି ଥିବା ଶ୍ରଦ୍ଧା ଓ ଆସ୍ଥାକୁ ଦ୍ୱାହି ଦେଇ । ପୁତ୍ର ହମ୍ମୀରଦେବଙ୍କ ପ୍ରତି ଅନ୍ୟାୟ କରିବାକୁ ତାଙ୍କ ବିବେକ ବାଧା ଦେଇଛି: "ମୋର କାହାକୁ ଭୟ ନାହିଁ ପୂର୍ଣ୍ଣିମା । ମଣିଷକୁ ଭୟ କରିବା କପିଳେନ୍ଦ୍ରର ଜାତକରେ ନାହିଁ; କିନ୍ତୁ ବଡ଼ ଭୟ ମୋର ଆତ୍ମାକୁ ।" ହମ୍ମୀରଦେବଙ୍କ ପରି ବୀରପୁତ୍ର ପ୍ରତି ଅନ୍ୟାୟ କରିବାକୁ ସାହାସ କରିପାରିନାହାନ୍ତି କପିଳେନ୍ଦ୍ର ଦେବ । ମାତ୍ର ଇତିହାସର ନିୟତି ଥିଲା ଭିନ୍ନ !

ଶେଷରେ କପିଳେନ୍ଦ୍ର ଦେବ ପୂର୍ଣ୍ଣିମାଙ୍କ କୁମନ୍ତ୍ରଣା ଓ ଖଳବୁଦ୍ଧି ପାଖରେ ପରାସ୍ତ ହୋଇଛନ୍ତି । ପୂର୍ଣ୍ଣିମାଙ୍କ ସମର୍ଥନ ପାଇ ସମ୍ରାଟ ନିଜ ସପକ୍ଷରେ ଯୁକ୍ତିମାନ ପ୍ରସ୍ତୁତ କରିପାରିଛନ୍ତି । ହମ୍ମୀରଦେବ ରାଜା ହେଲେ ତାଙ୍କର ଅବସ୍ଥା କ'ଣ ହେବ ତାହା କଳ୍ପନା କରିଛନ୍ତି: "ହମ୍ମୀର ଅହଂକାରୀ । ନିଜର ବାହୁବଳକୁ ନେଇ ସେ ଗର୍ବ କରେ । ସେଇ ଗର୍ବରେ ଭବିଷ୍ୟତରେ ଯଦି ମୋତେ ଅବଜ୍ଞା କରି ବସେ ? ଶେଷ ଜୀବନ ଅନ୍ୟର ଦୟା ଓ ହତାଦର ଭିତରେ ବଂ଼ ରହିବା ମୋ ପକ୍ଷରେ ସମ୍ଭବ ହେବ ତ" (ପୃ-୧୨୬) । ପୂର୍ଣ୍ଣିମାଙ୍କ ଯୁକ୍ତିରେ ପୁରୁଷୋତ୍ତମଦେବ, ରାଜା ହେଲେ ରାଜାଙ୍କର ଜଣେ ପ୍ରତିନିଧି ଭାବେ କାର୍ଯ୍ୟ କରିବ ଏବଂ ପିତାଙ୍କ ଅନୁମତି ବିନା ସେ କୌଣସି କାର୍ଯ୍ୟ କରିବ ନାହିଁ । ବଡ଼ପଣ୍ଡାଙ୍କ ସମ୍ମୁଖରେ ନିଜେ କପିଳେନ୍ଦ୍ରଦେବ ସ୍ୱୀକାର କରିଛନ୍ତି ଯେ, କିପରି ଶ୍ରୀମନ୍ଦିରରେ ପ୍ରଭୁଙ୍କ ଦର୍ଶନ ପାଇଁ ଗଲାବେଳେ ନିଜର କଚ୍ଛା ଖସିଯାଇଥିଲା ଏବଂ ସାଙ୍ଗରେ ଥିବା ହମ୍ମୀରଦେବ କି ଅନ୍ୟ ପୁତ୍ରମାନେ ସମ୍ମାନ ଚାଲିଯିବା ଭୟରେ ଆଗେଇ ଆସିଲେ ନାହିଁ; କିନ୍ତୁ ପୁରୁଷୋତ୍ତମଦେବ ତିଳେ ବି ସଙ୍କୋଚ ନକରି କଚ୍ଛାକୁ ଟେକି ଧରି ଚାଲିଥିଲେ (ପୃ-୧୨୬) ।

କପିଳେନ୍ଦ୍ରଦେବ, ନିଜର ସ୍ଥିତିକୁ ଦୃଢ଼ କରିବା ପାଇଁ କେଉଁ ପୁତ୍ର ତାଙ୍କର ଅନୁଗତ, କିଏ ତାଙ୍କର ବିରୁଦ୍ଧାଚରଣ କରିପାରେ ସେ ସମ୍ପର୍କରେ ତର୍ଜମା କରିଛନ୍ତି । ଶେଷରେ ପୁରୁଷୋତ୍ତମଙ୍କୁ ହିଁ ନିଜର ଉତ୍ତରାଧିକାରୀ କରିବା ନିମନ୍ତେ ସ୍ଥିର କରିଛନ୍ତି । ଏପରି ନିଷ୍ପତ୍ତିରେ ରାଜା ତାଙ୍କର ଦୁଇଟି ଅଭିସନ୍ଧି ପୂର୍ତ୍ତି କରିବାର ଅଭିଳାଷ ରଖିଥିବା ଦେଖାଯାଏ । ପ୍ରଥମତଃ: ନିଜର ସୁରକ୍ଷିତ ଭବିଷ୍ୟତ ଏବଂ ଦ୍ୱିତୀୟତଃ : ତାଙ୍କର ଆର୍ଶୀବାଦ ଥିବା ଜଣେ ଓଡ଼ିଆ ଲୋକ ରାଜା ହେବ । ଦାସୀ ପୂର୍ଣ୍ଣିମା ପୂର୍ବରୁ ଜାଣିଛନ୍ତି, ପୁରୁଷୋତ୍ତମଦେବ ରାଜା ହେଲେ ପ୍ରଜା ଅସନ୍ତୋଷ ଦେଖା ଦେବ । ତେଣୁ ବଡ଼ପଣ୍ଡାଙ୍କ ମାଧ୍ୟମରେ ଜନସାଧାରଣରେ ପ୍ରଚାର କରେଇ ଦେଇଛନ୍ତି ଯେ, ପୁରୁଷୋତ୍ତମଦେବ ରାଜା ହେବା ଶ୍ରୀଜଗନ୍ନାଥଙ୍କ ଇଚ୍ଛା । ଜଗନ୍ନାଥ, ବଡ଼ପଣ୍ଡାଙ୍କୁ ଏହା ସ୍ୱପ୍ନାଦେଶ ଦେଇଛନ୍ତି । ଫଳରେ ଧର୍ମଭୀରୁ ପ୍ରଜାମାନେ ଜଗନ୍ନାଥଙ୍କ ଆଜ୍ଞା ଜାଣିବା ପରେ କୌଣସି ପ୍ରତିବାଦ କରିବେ ନାହିଁ । ପୁନଶ୍ଚ, "ଓଡ଼ିଶାର ସିଂହାସନ କେବଳ ରାଜପୁତ୍ରମାନଙ୍କ ପାଇଁ ନୁହେଁ । ଏହାକୁ ସାଧାରଣ ଲୋକେ ମଧ୍ୟ ଅଧିକାର କରିପାରନ୍ତି । ଏହାକୁ ପ୍ରମାଣିତ କରିବା ପାଇଁ ମୋର ଏ ନୂତନ ଯୋଜନା ।" ଏହା କପିଳେନ୍ଦ୍ରଦେବଙ୍କ ଅନ୍ୟ ଏକ ଅଭିଳାଷ ବୋଲି ନାଟ୍ୟକାର ଦେଖାଇଛନ୍ତି । ଶେଷରେ ତରବରିଆ ଭାବରେ ଦାସୀ ପୂର୍ଣ୍ଣିମା ଏବଂ ବଡ଼ପଣ୍ଡାଙ୍କ ସହାୟତାରେ କପିଳେନ୍ଦ୍ରଦେବ ପୁରୁଷୋତ୍ତମଦେବଙ୍କ ରାଜ୍ୟାଭିଷେକ କରିଦେଇଛନ୍ତି । ଯେଉଁ ସମୟରେ ହମ୍ମୀରଦେବ ଥିଲେ ଦାକ୍ଷିଣାତ୍ୟର ଯୁଦ୍ଧ ଅଭିଯାନରେ ।

ପରବର୍ତ୍ତୀ ସମୟରେ ଦାସୀ ପୂର୍ଣ୍ଣିମାଙ୍କୁ ତାଙ୍କର ପ୍ରାପ୍ୟ ପ୍ରଦାନ କରିଥିବାରୁ ଆତ୍ମସନ୍ତୋଷ ଲାଭ କରିଛନ୍ତି ରାଜା କପିଳେନ୍ଦ୍ରଦେବ । ପୁରୁଷୋତ୍ତମଙ୍କୁ ରାଜା କରି ପୂର୍ଣ୍ଣିମାଙ୍କୁ ରାଜମାତାର ଗୌରବ ପ୍ରଦାନ କରିଛନ୍ତି । ରାଜାଙ୍କର ଏପରି ନିଷ୍ପତ୍ତିରେ ତାଙ୍କର ଓଡ଼ିଆମାନଙ୍କ ପ୍ରତି ଥିବା ଶ୍ରଦ୍ଧା ଓ ସମ୍ମାନ ପ୍ରକାଶ ପାଇଛି । କପିଳେନ୍ଦ୍ରଦେବ ଥିଲେ ଜଣେ ସାଧାରଣ ଓଡ଼ିଆ ଘରର ପିଲା । ସେହିଁ ବୁଝିପାରିଛନ୍ତି ବାସ୍ତବରେ ଓଡ଼ିଆ ଜାତିର ଭବିଷ୍ୟତ ପାଇଁ ରାଜା ପୁରୁଷୋତ୍ତମଦେବ ଉପଯୁକ୍ତ । କିନ୍ତୁ, ମନ ତାଙ୍କର ବିଷାଦିତ ହୋଇଯାଇଛି ହମ୍ମୀରଦେବଙ୍କ ପାଇଁ ହମ୍ମୀରଦେବଙ୍କ ନିମନ୍ତେ ହୃଦୟ ତାଙ୍କର ଉଦ୍‌ବେଳିତ ହୋଇଉଠିଛି ତାଙ୍କ ପ୍ରତି ଅନ୍ୟାୟ କରିଥିବା ଯୋଗୁଁ । ଇତିହାସର କପିଳେନ୍ଦ୍ରଦେବ ଓଡ଼ିଆ ଜାତିର ଭବିଷ୍ୟତ ନିମନ୍ତେ ଚିନ୍ତା କରି

ପୁରୁଷୋତ୍ତମଦେବଙ୍କୁ ଗାଦିସୀନ କରାଇଥିବା ବେଳେ 'ବତାଶ ନିସ୍ତବ୍ଧ ଆଜି' ନାଟକର କପିଳେନ୍ଦ୍ରଦେବ ଏକ ସ୍ୱାର୍ଥପର ବ୍ୟକ୍ତିତ୍ୱ ରୂପେ ପରିଚିତ ହୋଇଛନ୍ତି । ସେ ଜାଣନ୍ତି ସେ ହମ୍ୱୀରଦେବଙ୍କ ପ୍ରତି ସେ ଅନ୍ୟାୟ କରୁଛନ୍ତି; ହମ୍ୱୀରଦେବ ବୀର, ପରାକ୍ରମୀ କିନ୍ତୁ ତା' ବିରୁଦ୍ଧରେ ଷଡ଼ଯନ୍ତ୍ର ରଚିଛନ୍ତି । ନିଜକୁ ନିରୂପାୟ ବୋଲି ସ୍ୱୀକାରୋକ୍ତି ଦେଇଛନ୍ତି- × × × ପିତୃଭକ୍ତିର ଏ ପୁରସ୍କାର କି ନିଷ୍ଠୁର ! ପାହାଡ଼ ଶିଖରୁ ଗଡ଼ି ଆସୁଥିବା ପଥର ଖଣ୍ଡ ପରି କି ହୃଦୟହୀନ ! କିନ୍ତୁ ମୁଁ କ'ଣ କରିବି ? ମୋର କର୍ତ୍ତୃତ୍ୱ ବୋଲି କିଛି ନାହିଁ । × × × କାଲି ହୁଏତ ଚତୁର୍ଦ୍ଦିଗରେ ରଟିଯିବ ମୋର ଅପବାଦ- ଉପପତ୍ନୀ ବଶୀଭୂତ କପିଳେନ୍ଦ୍ରଦେବ ମଧ୍ୟ ଜଣେ ସାଧାରଣ ଲୋକପରି ଲିପ୍ତ ହୋଇପାରେ ଜଘନ୍ୟ ଷଡ଼ଯନ୍ତ୍ରରେ । × × × ପୁଣି ମୋର ପରମାରାଧ୍ୟ ଇଷ୍ଟ ଦେବ, ଅଗତିର ଗତି ଶ୍ରୀଜଗନ୍ନାଥଙ୍କ ପବିତ୍ର ନାମରେ ଯେଉଁ ମିଥ୍ୟାଚାର ସୃଷ୍ଟି କରିଛି, ତା'ର କ'ଣ କ୍ଷମା ଅଛି ? ପ୍ରଭୁ ! × × × କ୍ଷମତା ଲୋଭର ପ୍ରଚଣ୍ଡ ଆଲୋଡ଼ନ ଭିତରେ ମୋର ଇହକାଳ ପରକାଳ ଯେ ନଷ୍ଟ ହୋଇଯାଇଛି । × × × ଯେ ଉତ୍କଳର ଯଥାର୍ଥ ଗୌରବ ରକ୍ଷା କରିପାରିଥାନ୍ତା, ସେ ଆଜି ନିର୍ଦ୍ଦୟ ପ୍ରତାରଣାର ଶିକାର । × × × ଯେଉଁ ପୁରୁଷୋତ୍ତମଦେବ ସିଂହାସନ ଅଧିକାର କରିବାକୁ ଯାଉଛି, ସେ ଅଯୋଗ୍ୟ ଅପଦାର୍ଥ, ଧୂର୍ତ୍ତ, ତୋଷାମଦକାରୀ । ତୋଷାମଦକାରୀର ବିଜୟରେ ଆରମ୍ଭ ହେବ ଉତ୍କଳ ଇତିହାସର ଏକ କଳଙ୍କିତ ଅଧ୍ୟାୟର" (ପୃ-୧୩୧-୧୩୨) । ଉକ୍ତିରେ କପିଳେନ୍ଦ୍ରଦେବଙ୍କ ସ୍ୱାର୍ଥପରତା ସହିତ ଆତ୍ମଗ୍ଲାନି ଓ ଉପର୍ଯ୍ୟୁକ୍ତ ଅସହାୟତା ବେଶ୍ ସ୍ପଷ୍ଟ ବାରି ହୋଇପଡ଼େ । ଶେଷରେ ତେଣୁ ସେ ଶାନ୍ତି କାମନା କରିଛନ୍ତି । ଯୁଦ୍ଧର ଘନଘଟା ଏବଂ ରାଜ୍ୟ ବିସ୍ତାରର ମୋହକୁ ପ୍ରଶମିତ କରି ଚାହିଁଛନ୍ତି; ଶାନ୍ତି ଓ ଅଗଣିତ ନରହତ୍ୟା ଜନିତ ପାପର ପ୍ରାୟଶ୍ଚିତ କପିଳେନ୍ଦ୍ରଦେବଙ୍କର ଏହି ମନୋଦଶା ଓ ମନସ୍ତତ୍ତ୍ୱ ନେଇ କିନ୍ତୁ ଇତିହାସ ନୀରବ । କିନ୍ତୁ ନୀରବ ନୁହେଁ ଇତିହାସର ପୁନର୍ମୂଲ୍ୟାୟନ କରୁଥିବା ସମାଲୋଚକୀୟ ନାଟ୍ୟକାରଙ୍କର ଦୃଷ୍ଟିଭଙ୍ଗୀ । ଏହି ଦୃଷ୍ଟିଭଙ୍ଗୀ ହିଁ ନବ୍ୟ-ଇତିହାସବାଦର ମୌଳିକ ସ୍ୱର ।

କିନ୍ତୁ ଠାକୁର ରାଜା କପିଳେନ୍ଦ୍ରଦେବଙ୍କର ଶାନ୍ତି ଦୀର୍ଘକାଳ ସ୍ଥାୟୀ ହୋଇ ରହିପାରିନାହିଁ । ହମ୍ୱୀରଦେବ ପୁରୁଷୋତ୍ତମଦେବଙ୍କ ସିଂହାସନରେ ଅଭିଷିକ୍ତ ହେବାର ସମ୍ୱାଦ ପାଇ ନିଜର ଅନ୍ୟ ଭାଇମାନଙ୍କ ସହିତ ପହଂଚିଛନ୍ତି ପୁରୀରେ । ପୁରୁଷୋତ୍ତମଦେବ ଅତ୍ୟନ୍ତ ଭୟଭୀତ ହୋଇ କପିଳେନ୍ଦ୍ରଦେବଙ୍କ ଶରଣ ପଶିଛନ୍ତି । ପିତାଙ୍କ ନିକଟରେ ନିଜର ଦୁର୍ବଳତା ପ୍ରକାଶ କରିଛନ୍ତି । ଯୁଦ୍ଧ ନିମନ୍ତେ ନିଜର ଅକ୍ଷମତା ଏବଂ ହମ୍ୱୀରଦେବଙ୍କ ପ୍ରତି ତାଙ୍କର ପ୍ରବଳ ଭୟକୁ ପ୍ରକଟ କରିଛନ୍ତି । କପିଳେନ୍ଦ୍ରଦେବ, ପୁରୁଷୋତ୍ତମଦେବଙ୍କୁ ସାନ୍ତ୍ୱନା ଓ ଅଭୟ ପ୍ରଦାନ କରିଛନ୍ତି । ପୁରୁଷୋତ୍ତମଦେବଙ୍କୁ ନିଜର ଅସ୍ତିତ୍ୱ ସମ୍ପର୍କରେ ସଚେତନ କରେଇଛନ୍ତି । ହମ୍ୱୀରଦେବଙ୍କ କ୍ରୋଧକୁ ସମ୍ମୁଖୀନ ହେବାକୁ ପିତା ଓ ପୁତ୍ର ଦୁହେଁ ପ୍ରସ୍ତୁତ ହୋଇଛନ୍ତି । ଶ୍ରୀଜଗନ୍ନାଥଙ୍କ ଇଚ୍ଛାରେ ପୁରୁଷୋତ୍ତମ ଦେବ ଗାଦିସୀନ ହୋଇଥିବା ବାର୍ତ୍ତା ପ୍ରଜା ମହଲରେ ପ୍ରଚାରିତ କରିଛନ୍ତି । ନିଜର ସୁରକ୍ଷା ପାଇଁ ପୁରୁଷୋତ୍ତମ ଦେବ ଶ୍ରୀନବରର ସିଂହଦ୍ୱାର ବନ୍ଦ କରି ଭିତରେ ଆତ୍ମଗୋପନ କରିଛନ୍ତି । ହମ୍ୱୀର ଦେବ ଅତ୍ୟନ୍ତ କ୍ରୋଧରେ ଫାଟିପଡ଼ି ପୁରୁଷୋତ୍ତମଙ୍କୁ ଆହ୍ୱାନ ଦେଇଛନ୍ତି ସିଂହଦ୍ୱାର ଫିଟାଇବା ନିମନ୍ତେ । କିନ୍ତୁ ସିଂହଦ୍ୱାର ଫିଟିନାହିଁ । ହମ୍ୱୀରଦେବ କ୍ରୋଧାନ୍ୱିତ ହୋଇ ସର୍ତ୍ତ ରଖିଛନ୍ତି, ଯଦି ପୁରିଆର ରାଜା ହୋଇବାକୁ ମନ, ତେବେ ସେ ତାଙ୍କର ସାବେଳୀ ମୁଠାରୁ ନିଜକୁ ରକ୍ଷା କରନ୍ତୁ; ଏବଂ ଇତିହାସର ଚରମ ଦୁର୍ଦ୍ଦଶା ଯେ ନିଜ ସର୍ତ୍ତରେ ହମ୍ୱୀରଦେବ ନିଜେ ହାରି ଯାଇଛନ୍ତି । କାରଣ ପୁରୁଷୋତ୍ତମଦେବ ତାଙ୍କର ସାବେଳୀ ମୁଠାକୁ ସମ୍ଭାଳି ନେଇଛନ୍ତି । ଶେଷରେ ହମ୍ୱୀରଦେବ ନିଜର ପରାଜୟ ସ୍ୱୀକାର ଇତିହାସର ଅଜ୍ଞାତ ଅଦୃଶ୍ୟ ବଳୟରେ ହୁଏତ ଅପସରି ବିସ୍ମୃତ ହୋଇଯାଇଛନ୍ତି ।

ପୁନଶ୍ଚ ଉପର୍ଯ୍ୟୁକ୍ତ କଥାକୁ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଉଛି: କିଭଳି ଇତିହାସ ଅଣଦେଖା କରିଦିଏ ପରାଜିତର ଭାଗ୍ୟକୁ । ତାହା ଘଟିବାର ଯାହା କାରଣ ଥାଉନା କାହିଁକି । ଏପରିକି ଇତିହାସ ସବୁବେଳେ ଥାଏ ବିଦିତର ପକ୍ଷରେ । କିନ୍ତୁ ନବ୍ୟ ଇତିହାସବାଦ ଅନ୍ୱେଷଣ କରେ ପଶ୍ଚାତ୍‌ର ସତ୍ୟଶୀଳ ଇତିହାସକୁ ।

ନାଟକର ଶେଷ ଦୃଶ୍ୟରେ ହମ୍ୱୀରଦେବ ନିଜ ଅନ୍ୟ ଭାଇମାନଙ୍କ ସହ ପୁରୀ ଛାଡ଼ି ଚାଲିଯାଉଛନ୍ତି । ତାଙ୍କୁ ବିଦାୟ ଜଣାଇବା ପାଇଁ ମହାମନ୍ତ୍ରୀ ପୁରୀର ସୀମାନ୍ତକୁ ଆସିଛନ୍ତି । ମହାମନ୍ତ୍ରୀ ଅତ୍ୟନ୍ତ କ୍ଷୋଭ ପ୍ରକାଶ କରିଛନ୍ତି ନିଜର ଅପାରଗତା ପାଇଁ । ଯେଉଁ ହମ୍ୱୀରଦେବଙ୍କର ଶୌର୍ଯ୍ୟ, ବୀର୍ଯ୍ୟ ଓ ପରାକ୍ରମ ପାଇଁ ଦିନେ ଶତମୁଖ ହୋଇ ଉଠିଥିଲେ; ଆଜି ସେ ବାକ୍‌ଶୂନ୍ୟ ହୋଇଯାଇଛନ୍ତି । ହମ୍ୱୀରଦେବଙ୍କୁ ନେଇ ସେ ଦେଖିଥିବା ସମସ୍ତ ସ୍ୱପ୍ନ ଧୂଳିସାତ୍ ହୋଇଯାଇଛି । ହମ୍ୱୀର ଦେବଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ ଦେଖିବା ପୂର୍ବରୁ ସେ ଅନ୍ଧ, ମୂକ, ବଧିର ହୋଇଯିବା ଶ୍ରେୟ ମଣିଛନ୍ତି । ମଧ୍ୟାହ୍ନର ପ୍ରଚଣ୍ଡ ସୂର୍ଯ୍ୟ ହଠାତ୍ ଏପରି ରାହୁ

ଗ୍ରସ୍ତ ହୋଇଯିବ । ମହାମନ୍ତ୍ରୀଙ୍କୁ ସେତେକ ଅବାକ୍ କରିଦେଇଛି ।

ହମ୍ମୀରଦେବ ଏବଂ ମହାମନ୍ତ୍ରୀ ନିଜର ଦୁର୍ଭାଗ୍ୟ ଏବଂ ଷଡ଼ଯନ୍ତ୍ର ଉଭୟକୁ ନେଇ ତର୍ଜମା କରିଛନ୍ତି । ମହାରାଜା କପିଳେନ୍ଦ୍ରଦେବଙ୍କ ମନରେ ହମ୍ମୀରଦେବଙ୍କ ପ୍ରତି ପ୍ରଚଣ୍ଡ ଶ୍ରଦ୍ଧା ଏବଂ ପ୍ରଚଣ୍ଡ ଈର୍ଷା ଯେ ଏପରି ମର୍ମନ୍ତୁଦ ହୋଇଉଠିବ ତାହା ଦୁହିଁଙ୍କୁ ବିବ୍ରତ କରିଛି । ଏକପକ୍ଷେ ରାଜରୋଷ ଏବଂ ଅନ୍ୟ ପକ୍ଷେ ହୁଏତ ଦୈବୀରୋଷ ଉଭୟଟି ଯୋଗୁଁ ହମ୍ମୀରଦେବ ପରାଜୟ ବରଣ କରିଥିବା ନିଜେ ସ୍ୱୀକାର କରିଛନ୍ତି । ନଚେତ୍ ସର୍ବଦା ଯୁଦ୍ଧରୁ ଦୂରେଇ ରହୁଥିବା ପୁରୁଷୋତ୍ତମଦେବ କ'ଣ ତାଙ୍କର ସାବେଳୀ ମୁଠାକୁ ସହ୍ୟ କରିପାରିଥା'ନ୍ତେ ! ନାଟ୍ୟକାରଙ୍କ ଉକ୍ତିରେ: "ସିଂହଦ୍ୱାର କବାଟ ବନ୍ଦ କରି ଭୟରେ ଲୁଚି ରହିଥିଲା ସେ । ଶେଷରେ ଜଳାକବାଟି ଦେଇ ଚାହୁଁଥିବାର ଦେଖି ସାବେଳୀ ମାରିଲି । ଭାବୁଥିଲି, ପୁରୁଷୋତ୍ତମ ଏଇଥର ଶେଷ ହୋଇଗଲା; କିନ୍ତୁ ତା'ର ଭାଗ୍ୟ ବଡ଼ ଉଜ୍ଜ୍ୱଳ । ହୁଏତ ଜଗନ୍ନାଥ ତାକୁ ରକ୍ଷା କଲେ । ଜଗନ୍ନାଥଙ୍କର ବୋଧହୁଏ ଇଚ୍ଛା, ପୁରୁଷୋତ୍ତମର ସିଂହାସନ ପ୍ରାପ୍ତି । ସେତିକି ବେଳେ ମୁଁ ମୋର ପରାଜୟ ସ୍ୱୀକାର କରିଗଲି" (ପୃ-୧୪୧) । ହମ୍ମୀରଦେବ ନିଜ ଭାଗ୍ୟକୁ ଯେତେ ଦୋଷ ଦେଇଛନ୍ତି, ସେତିକି ତାଙ୍କ ପଶ୍ଚାତ୍‌ରେ ହୋଇଥିବା ଷଡ଼ଯନ୍ତ୍ରକୁ ମଧ୍ୟ ଅନୁଭବ କରିଛନ୍ତି । କିନ୍ତୁ ସେ ଆଉ ନିଜ ବୃଦ୍ଧପିତାଙ୍କର ବିରୁଦ୍ଧାଚରଣ କରି ତାଙ୍କର ଶାନ୍ତିଭଙ୍ଗ କରିବା ପାଇଁ ଚାହିଁ ନାହାଁନ୍ତି । ନିଜ ପିତାଙ୍କର ଅନ୍ୟାୟ ବିଚାର ପ୍ରତି ତଥା ପିତାଙ୍କର ଅତ୍ୟନ୍ତ କ୍ଷମତା ଲାଳସା ପ୍ରତି ତାଙ୍କ ମନରେ ଘୃଣା ସହ କ୍ଷୋଭ ଭରି ଯାଇଛି । ହେଲେ ଏହାତ ଇତିହାସରେ ପ୍ରଥମ ଘଟଣା ନୁହେଁ । ଯୁଗେ ଯୁଗେ କ୍ଷମତା ପାଇଁ, ଅର୍ଥପାଇଁ ଏପରି ଅନେକ ଅନ୍ୟାୟ, ଅତ୍ୟାଚାର, ଷଡ଼ଯନ୍ତ୍ର ସଂଘଟିତ ହୋଇଛି । ସମୟ ଆସିବ ପୁଣି ଦୁର୍ବଳ ମାନେ ସବଳର ସମକକ୍ଷ ହେବାକୁ ନିଜକୁ ପ୍ରସ୍ତୁତ କରିବେ ନିଜର ଅଧିକାର ପାଇଁ ବିଦ୍ରୋହ କରିବେ । ଏହିପରି ଏକ ସମ୍ଭାବନାମୟ ଆଶା ହମ୍ମୀରଦେବଙ୍କ ମନରେ ପ୍ରଜ୍ୱଳିତ ହୋଇଉଠିଛି । ସାରା ଜୀବନ ସାମ୍ରାଜ୍ୟର ସୀମା ବୃଦ୍ଧି ନିମନ୍ତେ ସେ ଯେଉଁ ନିରୀହ ଅଗଣିତ ମଣିଷଙ୍କୁ ହତ୍ୟା କରିଚନ୍ତି; ବୋଧହୁଏ ଆଜି ସେହିମାନଙ୍କର ଆତ୍ମୀୟଙ୍କ ଲୁହ ଆଉ ନିଃଶ୍ୱାସରେ ସେ ଅଭିଶପ୍ତ ହୋଇଛନ୍ତି । ବୋଧହୁଏ ଏହା ହିଁ ଜଗନ୍ନାଥଙ୍କର ତାଙ୍କ ପ୍ରତି ଶାସ୍ତି ବିଧାନ !

"ମୁଁ ପ୍ରତାରିତ ହୋଇନାହିଁ, ପ୍ରତାରିତ ହୋଇଛି ଇତିହାସ । ଲୋକେ ଦିନେ ନା ଦିନେ ଇତିହାସର ଛିନ୍ନପୃଷ୍ଠା ଭିତରୁ ମୋତେ ଖୋଜି ବାହାର କରିବେ" (ପୃ-୧୪୬) । "ଯେଉଁ ପୁରୁଷୋତ୍ତମ ସିଂହାସନ ଅଧିକାର କରିବାକୁ ଯାଉଛି, ସେ ଅଯୋଗ୍ୟ, ଅପଦାର୍ଥ, ଧୂର୍ତ୍ତ, ତୋଷାମଦକାରୀ । ତୋଷାମଦକାରୀର ବିଜୟରେ ଆରମ୍ଭ ହେବ ଉତ୍କଳ ଇତିହାସର ଏକ କଳଙ୍କିତ ଅଧ୍ୟାୟ" (ପୃ-୧୩୨) । "ନା, ମୁଁ ନୁହେଁ । ପ୍ରକୃତ ସୁଯୋଗ୍ୟ ଉତ୍ତରାଧିକାରୀ ହେଉଛନ୍ତି ପ୍ରବଳ ପ୍ରତାପୀ ହମ୍ମୀରଦେବ । ଜ୍ୟେଷ୍ଠପୁତ୍ର ଭାବରେ ସିଂହାସନ ପାଇଁ ତାଙ୍କର ନାର୍ଯ୍ୟ ଦାବିକୁ ଅସ୍ୱୀକାର କରାଯାଇ ନ ପାରେ । ପୁଣି ବଳବୀର୍ଯ୍ୟ, ପରାକ୍ରମ, ସବୁ ଦୃଷ୍ଟିରୁ ସେ ଶୀର୍ଷ ସ୍ଥାନରେ" (ପୃ-୧୧୨) ।

ଉପର୍ଯ୍ୟୁକ୍ତ ତିନିଟି ଅଭିବ୍ୟକ୍ତି ହେଉଛି କ୍ରମାନ୍ୱୟରେ ହମ୍ମୀର, କପିଳେନ୍ଦ୍ର ଓ ପୁରୁଷୋତ୍ତମଙ୍କର- ଯେଉଁଠି ତିନିଜଣଙ୍କର ବ୍ୟକ୍ତିତ୍ୱକୁ ଅବଶ୍ୟ ପରଖା ଯାଇପାରେ ନବ-ଇତିହାସର ପ୍ରେକ୍ଷାପଟରେ । ଇତିହାସର ଦୃଷ୍ଟି ଉହାଡ଼ରେ ବ୍ୟକ୍ତି-ମାନସିକତାର ଅସଲ ସ୍ୱରୂପକୁ ଉପଲବ୍ଧି କରାଯାଇପାରେ ଉପରେ ଉଲ୍ଲେଖ କରାଯାଇଥିବା ଅନ୍ତସଂଳାପଗୁଡ଼ିକରେ । ଯେଉଁଠି ବ୍ୟକ୍ତିର ଆତ୍ମସଂଘର୍ଷ ଘଟିଛି ତା'ର ବିବେକବୋଧ ସହିତ । ଯେଉଁଥିରୁ ମୁକ୍ତ ନୁହେଁ ବର୍ତ୍ତମାନର ପୁନର୍ମୂଲ୍ୟାୟନରେ ଅଭିସନ୍ଧି । ନାଟ୍ୟକାରଙ୍କର ନାଟ୍ୟଦୃଷ୍ଟି, ଯେଉଁ ଅନୁଷଙ୍ଗରେ ସୃଷ୍ଟି କରିଚି 'ବତାସ ନିସ୍ତବ୍ଧ ଆଜି' ନାଟକ; ସେଇ ଅନୁଷଙ୍ଗରେ ହିଁ ଆଲୋଚିତ ହୋଇଥାଏ ଉତ୍ତର ଆଧୁନିକ ନାଟ୍ୟ କ୍ଷେତ୍ରରେ ଇତିହାସର ନବ ମୂଲ୍ୟାୟନ ପ୍ରସଙ୍ଗ । 'ନବ ଇତିହାସ ବାଦ' (ନିଉ ହିଷ୍ଟୋରିସିଜମ) ଅନେକତ୍ର ଇତିହାସରେ କଳଙ୍କିତ ବ୍ୟକ୍ତିତ୍ୱକୁ ପ୍ରଦାନ କରିଛି ନିଷ୍କଳଙ୍କତ୍ୱ ତ କେତେବେଳେ ନିଷ୍କଳଙ୍କ ବ୍ୟକ୍ତିତ୍ୱ ଉପରେ ଲେପି ଦେଇଛି କଳଙ୍କର କାଳିମା ! ସେହିଭଳି ଇତିହାସର ସ୍ଥୂଳ ସତ୍ୟ ଓ ଘଟଣାକୁ ଅନୁଶୀଳନ କରିଛି ନବ୍ୟ ମନସ୍ତତ୍ତ୍ୱର ଆଧାରରେ । ନାଟ୍ୟକାରେ ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କର 'ବତାସ ନିସ୍ତବ୍ଧ ଆଜି' (୧୯୮୩) ନାଟକକୁ ନବ୍ୟ-ଇତିହାସବାଦ ପରିପ୍ରେକ୍ଷୀରେ ଅନୁଶୀଳନ କରିବା ହିଁ ଏ ଆଲେଖ୍ୟର ପ୍ରମୁଖ ଉଦ୍ଦେଶ୍ୟ ।

**ଅଧ୍ୟାପିକା, ଓଡ଼ିଆ ବିଭାଗ,**
**ସେମିଳିଗୁଡ଼ା ମହାବିଦ୍ୟାଳୟ**
**କୋରାପୁଟ**

ISSN -2583-147X (P), Vol.- 7, Issue No. X, Januuary 2022
Bastabatara Pariprakash Prachee
*Peer Reviewed and Referred Research Journal*

# ''ଶବବାହକମାନେ'': ଏକ 'ଶବ'ର ଷଡ଼ଯନ୍ତ୍ର

-ସ୍ମୃତିରଞ୍ଜନ ସେଠୀ

ଉଭଟ ନାଟକ ହେଉଛି ଚିରାଚରିତ ନାଟ୍ୟଧାରାଠୁ ବାରି ହୋଇ ପଡୁଥିବା ନୂଆ ନାଟ୍ୟ କୌଶଳ । ଅନବରତ ଟ୍ରାକରେ ନ ଚାଲି ଟ୍ରାକ୍ ଚ୍ୟୁତ ହୋଇଯିବାର 'ଳ ହିଁ ପ୍ରକାରାନ୍ତରେ ପରିଚିତ ହୁଏ ଉଭଟ ନାମରେ । ଏପରି ବି କୁହାଯାଏ- ଅର୍ଥରହିତ, ଯୁକ୍ତିରହିତ, ତର୍କଠୁ ଢେର୍ ଦୂରରେ ହିଁ ଉଭଟତାର ଉତ୍ପତ୍ତିସ୍ଥଳ । ବିଜୟ ମିଶ୍ରଙ୍କ 'ଶବବାହକମାନେ'ଏଇ ଧରଣର ଏକ ନାଟକ । ଚିରାଚରିତ ନାଟକର ଅଙ୍କକଷାରୁ ଓହରିଯାଇ ନାଟ୍ୟକାର ଅନ୍ୟବାଗରେ ଉପସ୍ଥାପନା କରିଛନ୍ତି 'ଶବବାହକମାନେ'ନାଟକକୁ । ନାଟ୍ୟକାର ନିଜେ ହିଁ ସ୍ୱୀକାର କରି କହିଛନ୍ତି, "ବହୁତଦିନ ଧରି ଗୋଟିଏ ପ୍ରକାରର ଗୋଟିଏ ଛନ୍ଦର ନାଟକ ଲେଖୁଲେଖୁ ମୁଁ କ୍ଲାନ୍ତ ହୋଇପଡିଥିଲି ।" ସତରେ କ୍ଲାନ୍ତପଣରୁ ହିଁ କୁହୁଳି ଉଠେ କିଛି ଭିନ୍ନତା । ଆରମ୍ଭ ହୁଏ ପରୀକ୍ଷାନିରୀକ୍ଷା । ଏହି ପରୀକ୍ଷାନିରୀକ୍ଷା ପରେ ପ୍ରକାଶପାଏ 'ଶବବାହକମାନେ' ।

ଦୃଶ୍ୟ, ଅଙ୍କ ଆଦି ଛାଞ୍ଚରୁ 'ଶବବାହକମାନେ'ନାଟକ ସମ୍ପୂର୍ଣ୍ଣ ଭିନ୍ନ । ପୂର୍ବରୁ ନାଟକଗୁଡ଼ିକରେ ଗୋଟିଏ ଦୃଶ୍ୟରୁ ଅନ୍ୟ ଦୃଶ୍ୟକୁ ଯିବାକୁସମୟ ଢେର୍ ଲାଗୁଥିଲା । ପରେପରେ ନାଟ୍ୟକାର କାଳୀଚରଣ 'ସ୍କ୍ରିନ୍ ପ୍ଲେ' ବ୍ୟବହାର କରି ଏହାର ଅନ୍ତରକୁ କମାଇ ଥିଲେ । 'ଶବବାହାକମାନେ'ନାଟକରେ ଗୋଟିଏ ଦୃଶ୍ୟରୁ ଅନ୍ୟ ଏକ ଦୃଶ୍ୟକୁ ଯିବାର ସମୟ ଭିତରେ ଅନ୍ତର ଆଦୌ ରହିଲା ନାହିଁ । ଏହି ଦୂରତାକୁ କମାଇବା ପାଇଁ 'ଷ୍ଟେଜ୍ ଫ୍ରିଜ୍'ନାମରେ ଏକ ନୂଆ ଶୈଳୀ ପ୍ରୟୋଗ କରାଗଲା । ଗୋଟିଏ କୋଠରୀରେ ଅଭିନୟ ସାରିଲେ ଅଭିନେତାମାନେ ଅଭିନୟ ଶେଷ କରିଥିବା ଭଙ୍ଗୀରେ ସ୍ଥିରହୋଇ ରହୁଥିଲେ ଓ ପରକୋଠରୀରେ ଅନ୍ୟ ଅଭିନେତାମାନଙ୍କ ଅଭିନୟ ଚାଲୁଥିଲା । ଏହି ପ୍ରକ୍ରିୟା କ୍ରମାନ୍ୱୟରେ ଅଦଳବଦଳ ହେଉଥିଲା । ଏହାକୁ ଷ୍ଟେଜ୍ ଫ୍ରିଜ୍ କୁହାଯାଏ ।

ପୂର୍ବନାଟକମାନଙ୍କରେ ଘଟଣାକ୍ରମର ସମୟ ଦୀର୍ଘ ଥିଲା । 'ଶବବାହକମାନେ'ନାଟକଟି ଏ ଦିଗରେ ନୂଆ ମୋଡ଼ ଆଣିଲା । ଗୋଟିଏ ବର୍ଷାସ୍ନାତ ରାତିର ନିର୍ଜନ ଅପନ୍ତରା ଘରେ ହଠାତ୍ ଚରିତ୍ର ସବୁର ଆଗମନ ହୋଇଛି ଓ ଅଳ୍ପ କେଇ ଘଣ୍ଟାର ଘଟଣାକ୍ରମ ଦେଇ କାହାଣୀଟି ଶେଷ ହୋଇ ଯାଇଛି । ପୂର୍ବ ନାଟକମାନଙ୍କ ପରି ଏଥିରେ ବର୍ଷବର୍ଷ କି ମାସମାସର କାହାଣୀ ନାହିଁ,ଚରିତ୍ରର ଘନଘଟା ନାହିଁ । ସର୍ବୋପରି ନାଟକଟିରେ ପ୍ରାଚୀନ ଶୈଳୀକୁ ଦୋହରାଇବାର ପ୍ରୟାସ ନାହିଁ ।

ନାଟକଟିର ମଞ୍ଚସଜା, ମଞ୍ଚକୌଶଳ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ନିଶ୍ଚୟ । ଗୋଟିଏ ସାଜସଜ୍ଜାରେ ଘଟିଯାଇଛି ଘଟଣାସବୁ । ବାରମ୍ବାର ମଞ୍ଚସଜାଇବାର ଆବଶ୍ୟକତା ପଡ଼ିନାହିଁ । ନାଟକ ଭିତରେ ଦୃଶ୍ୟ ପରିବର୍ତ୍ତନ ପାଇଁ କୌଣସି ଯବନିକା ପଡିନି । ଗୋଟିଏ ମଞ୍ଚକୁ ତିନି ଭାଗରେ ବିଭକ୍ତ କରାଯାଇଛି । ନାଟକରେ ଏହାକୁ କୌଣସି ଏକ ଅବ୍ୟବହୃତ ଅପନ୍ତରା ଘରର କୋଠରୀ ବୋଲି ଚିହ୍ନିତ କରାଯାଇଛି । ପ୍ରଥମ କୋଠରୀକୁ ସବୁ ଚରିତ୍ର ଆସିଛନ୍ତି ଓ ଅଭିନୟ କରିଛନ୍ତି । ପରେପରେ ପ୍ରଥମ କୋଠରୀ ସହ ଦ୍ୱିତୀୟ କୋଠରୀ ଓ ତୃତୀୟ କୋଠରୀରେ ଅଭିନୟ ନିରବିଛିନ୍ନ ଭାବେ 'ଷ୍ଟେଜ୍ ଫ୍ରିଜ୍' ସହାୟତାରେ ଚାଲିଛି ଓ ଶେଷରେ ତୃତୀୟ କୋଠରୀରେ ହିଁ ନାଟକଟିର ଅବସାନ ଘଟୁଛି । ଏହି ନାଟକର ଆଲୋକ ସଜ୍ଜା ମ୍ଭ ଅତୀବ ଗୁରୁତ୍ୱପୂର୍ଣ୍ଣ । ପୂର୍ବ ନାଟକ ପରମ୍ପରା ଅନୁସାରେ ଦିନର ଉଜ୍ଜ୍ୱଳ ଆଲୋକରେ ହିଁ ନାଟକ ଅଭିନୟ ହେଉଥିଲା । ପରେପରେ ରାତ୍ରିରେ ଅଭିନୟବେଳେ ମସାଲ୍ର ବ୍ୟବହାର କରାଗଲା । ବୈଦୁତିକ ଆଲୋକ ଆସିବା ପରେ ନାଟକରେ ବିଭିନ୍ନ ରଙ୍ଗର ବିଭିନ୍ନ ପ୍ରକାରର ଆଲୋକ ବ୍ୟବହାର ହେଲା । ଏପରିକି ଆଲୋକକୁ ମନସ୍ତତ୍ତ୍ୱ ସହ ଯୋଡ଼ିବାର କୌଶଳ ମ୍ଭ ନାଟକରେ ପ୍ରୟୋଗ ହୋଇଛି । ମାତ୍ର 'ଶବବାହକମାନେ'ନାଟକଟି ଆଲୋକ ପରମ୍ପରାର ସମ୍ପୂର୍ଣ୍ଣ ବ୍ୟତିକ୍ରମ । ନାଟକଟି ଆରମ୍ଭ ହୋଇଛି ଅନ୍ଧାରରେ, ଅନ୍ଧାରରେ ହିଁ ଚରିତ୍ରମାନେ ପ୍ରଥମେ ସଂଳାପ କହିବାରେ ଲାଗିଛନ୍ତି । ଦୀର୍ଘ ସମୟ ପରେ ଦିଆସିଲି କାଠି ଜଳେଇବା ସମୟରେ ଖୁବ୍ କମ୍ ସମୟ ପାଇଁ କ୍ଷୀଣ ଆଲୋକ ପଡିଛି ମଞ୍ଚରେ ଓ ଲିଭିଯାଇଛି ମ୍ଭ ।ଦର୍ଶକ ଖୁବ୍ କମ୍ ସମୟ ପାଇଁ ଚରିତ୍ରମାନଙ୍କୁ ଦେଖିଛନ୍ତି । ଦର୍ଶକୀୟ ଉତ୍କଣ୍ଠା ଜାତ କରିବାରେ ଏହାର ଭୂମିକା ଢେର୍ ବେଶି । ମହମବତୀର ସନ୍ଧାନ ପାଇବା ପରେ ହିଁ ମଞ୍ଚରେ ଆଲୋକ ସଂଯୋଜନା କରାଯାଇଛି ।

ମହମବତୀ ଜଳିବା, ଲିଭିବା, କ୍ଷୀଣ ହେବା ସହ ମଞ୍ଚର ଆଲୋକ ପ୍ରଭାବିତ ହୋଇଛି । ତିନୋଟି କୋଠରୀ ମହମବତୀର ଉପସ୍ଥିତି ଉପରେ ହିଁ ନିର୍ଭର କରୁଛି ସେହି କୋଠରୀରେ ଆଲୋକ ସଂଯୋଜନା ରହିବ କି ନାହିଁ । ଏପରିକି ନାଟକଟିର ଶେଷ ମ୍ନ ସେଇ ଅନ୍ଧାରରେ ହୋଇଛି । ଅନ୍ଧାରରେ କିଛି ସଂଳାପ ପରେ ନାଟକଟିର ଅବସାନ ଘଟିଛି ।

'ଶବବାହକମାନେ' ନାଟକର ଉପସ୍ଥାପନା ଶୈଳୀ ହିଁ ନାଟକଟିକୁ ଦୀର୍ଘାୟୁ କରିଛି । ଏଥିରେ ସର୍ବମୋଟ ଆଠଟି ଚରିତ୍ର ରହିଛି । କାହାଣୀ ସମ୍ପୂର୍ଣ୍ଣ ମନସ୍ତତ୍ତ୍ୱ ଉପରେ ପର୍ଯ୍ୟବେସିତ । ପ୍ରତିଟି ସଂଳାପ ଭିତରେ ହିଁ ଫୁଟି ଉଠିଛି ମନସ୍ତତ୍ତ୍ୱକୈନ୍ଦ୍ରିକ ଧାରା । ସତେଯେମିତି ଚରିତ୍ରମାନେ ହିଁ ପ୍ରତ୍ୟେକ ବ୍ୟକ୍ତିଙ୍କ ମନସ୍ଥିତିର ଗୋଟିଏ ଗୋଟିଏ ଅବସ୍ଥାକୁ ପ୍ରତିନିଧିତ୍ୱ କରୁଛନ୍ତି ।

ନାଟକଟିରେ ଅନ୍ଧାରକୁ ମନସ୍ତତ୍ତ୍ୱର ଏକ ବଳିଷ୍ଠ ଦିଗ ଭାବେ ଉପସ୍ଥାପନା କରାଯାଇଛି । ବାସ୍ତବରେ ଆଲୁଅ ଅପେକ୍ଷା ଅନ୍ଧାର ହିଁ ବେଶି ଚିହ୍ନେଇଦିଏ ବ୍ୟକ୍ତିତ୍ୱର ଅସଲ ପରିଚୟକୁ । ଆଲୁଅରେ ମୁଖାପିନ୍ଧା ମଣିଷ ଅନ୍ଧାର ଟିକେ ପାଇଲେ ମୁଖା ଖୋଲିଦିଏ ଠିକ୍ ନିଜପରି କେଇ ମୁହୂର୍ତ୍ତ ବଞ୍ଚିବାକୁ । ଏହି ଅନ୍ଧାର ହିଁଆହୁଲା ହୋଇ ଆଗେଇ ନେଇଛି ମନସ୍ତତ୍ତ୍ୱର ମୂଳଦିଗକୁ । ନାଟକରେ ଅନ୍ଧାରର ଗଭୀରତାକୁ ସହି ନପାରି ଆଲୁଅର ଆକାଂକ୍ଷା ରଖୁଥିବା ଚରିତ୍ର ବି ପରିସ୍ଥିତିକ୍ରମେ ଆଲୁଅଠୁ ଯଥା ସମ୍ଭବ ଲୁଚିବାକୁ ଚେଷ୍ଟା କରିଛି ।

ଅନ୍ଧାର ସହ ମୁକାବିଲା କରିବାର କ୍ଷମତା ରଖିଛି କରୁଣା ପାଖରେ ଥିବା ତିନୋଟି ଦିଆସିଲି କାଠି । ଏହି ତିନୋଟି ଦିଆସିଲି କାଠିକୁ ମଣିଷ ମନର ତିନୋଟି ଚେତନାସ୍ତର ସହ ତୁଳନା କରାଯାଇପାରେ । ସଚେତନ ମନ(conscious brain), ଅଚେତନମନ(unconscious brain), ଅବଚେତନ ମନ(pre-conscious/half-conscious brain) । ଅଚେତନ ମନରେ ଯାହା ଘଟି ଯାଉଥାଏ, ସେ ସମ୍ପର୍କରେ ଆମେ ଅଜଣା ଥାଉ ଓ କେବଳ ଏ ସମ୍ପର୍କରେ ଆମେ କ୍ଷୀଣ ସୂଚନା ପାଉ, ଯେମିତି ନାଟକରେ ପ୍ରଥମ କାଠିଟି ସାମାନ୍ୟ ଜଳି ପୁଣି ଲିଭିଯାଇଥିଲା । ଯାହା ଦେଖାଗଲା ସେସବୁ ସ୍ପଷ୍ଟ ନୁହେଁ । ନାଟକରେ ଜଳିଥିବା ଦ୍ୱିତୀୟ କାଠିଟି ଅବଚେତନ ମନ ପରି । କିଛି ଭାବିବାର କିଛି ସନ୍ଧାନ କରି ଜାଣିବାର ଅଥଚ ସ୍ପଷ୍ଟ ନ ହେବାର ଘଡ଼ିସନ୍ଧିମୁହୂର୍ତ୍ତର ପ୍ରତୀକ ହେଉଛି ଏହି କାଠି । ତୃତୀୟ କାଠିଟି ସଚେତନ ମନର, ଯିଏ ସବୁରହସ୍ୟକୁ ଉନ୍ମୋଚନ କରି ଆଲୁଅ ଜାଳି ଦେବାକୁ ଆମନ୍ତ୍ରଣ ଦିଏ । ମଞ୍ଚର ତିନୋଟି କୋଠରୀକୁ ମ୍ନ ମଣିଷ ମନରଏହି ତିନି ଅବସ୍ଥା ସହ ଯୋଗ କରାଯାଇପାରେ । ପ୍ରଥମ ଘରଟି ବୁଦ୍ଧି ଓ ବିଚାରର, ଦ୍ୱିତୀୟ ଘରଟି ରହସ୍ୟ ଓ ଭୟର ଏବଂ ତୃତୀୟ ଘରଟି ମୋହ, ଲାଳସା ଓ କାମନାର ପ୍ରତୀତିସୃଷ୍ଟି କରେ ।

ଏହି ନାଟକରେ ଅନ୍ୟଏକ ପ୍ରତୀକ ହେଉଛି ଗଇଁତି । ଗଇଁତି ଜଣେ ବ୍ୟକ୍ତିର ସାମର୍ଥ୍ୟକୁ ପ୍ରତିନିଧିତ୍ୱ କରୁଛି । ଏପରିକି ସୁରେନ୍ଦ୍ର ଓ ଚିତ୍ତର ଗଇଁତି ଛଡ଼ାଛଡ଼ି ଭିତରେ ଯାହା ହାତକୁ ଗଇଁତି ଯାଇଛି, ସତେଯେମିତି ସେ ହିଁ ସାମର୍ଥ୍ୟର ଅଧିକାରୀ ହୋଇଯାଇଛି । ଏହି ପ୍ରସଙ୍ଗରେ ନବେନ୍ଦୁର ସଂଳାପକୁ ଉଲ୍ଲେଖ କରାଯାଇପାରେ-"ତା'ମାନେ ଗଇଁତି ଯାହା ହାତରେ, ସେ ହେବ ମାଲିକ ।' ପୁନଶ୍ଚ ଗଇଁତିର ସାମର୍ଥ୍ୟ ସହ ଅଜନ୍ତା ନିଜକୁ ଯୋଡୁଛି । ଗଇଁତି ଯାହାର, ଗୁପ୍ତଧନ ଯିଏ ଅକ୍ତିଆର କରିବ ଅଜନ୍ତା ତାହାର ହେବ ବୋଲି ଚୁକ୍ତି ମ୍ନ ଗଇଁତିର ସାମର୍ଥ୍ୟକୁ ଅଧିକ ବଳିଷ୍ଠ କରିଛି ।

ଏହି ନାଟକରେ ମହମବତୀକୁ ମ୍ନ ମନସ୍ତତ୍ତ୍ୱ ସହ ସଂଯୋଗ କରାଯାଇଛି । ମହମବତୀର ଆଲୁଅ ପ୍ରତୀକ ବିବେକର, ବିଚାରଶକ୍ତିର, ଜ୍ଞାନରପ୍ରତୀକ ରୂପେ ପ୍ରତିଭାତ ହେଉଛି । "ଏ ଘରେ ଗୋଟିଏ ବତୀ ଜଳୁଥିବ", "ଆଲୁଅ ରହିଲା , ଆପଣ ବି ରହିଲେ'-ଏହି ସଂଳାପ ମ୍ନମରେ ମନସ୍ତତ୍ତ୍ୱ ଦିଗଟି ଅଧିକ ସ୍ପଷ୍ଟ ହୋଇଉଠୁଛି ।

ମନସ୍ତାତ୍ତ୍ୱିକ ସଂଳାପ ମ୍ନ ଏହି ନାଟକଟିର ମୁଖ୍ୟ ଅଙ୍ଗ ହୋଇଛି । ନବେନ୍ଦୁ ଓ ଅଜନ୍ତା ଅନ୍ୟମାନଙ୍କ ଆଗରେ ପରସ୍ପରଙ୍କ ସମ୍ପର୍କ ବିଷୟରେ କହିବାବେଳେ ମନସ୍ତତ୍ତ୍ୱ ଦିଗଟି ସ୍ପଷ୍ଟ ହୁଏ । ସେହିପରି ସୁରେନ୍ଦ୍ର ସହ ଅଜନ୍ତାର ଚୁକ୍ତି ପରେ ନବେନ୍ଦୁ ସହ ବାର୍ତ୍ତାଳାପ ମ୍ନ ଅତୀବ ରହସ୍ୟଭରା, ଯାହା ଅଜନ୍ତା ମନର ଗୋପନ କଥା ଓ ନବେନ୍ଦୁ ମନର ଦ୍ୱନ୍ଦ୍ୱ ଏବଂ ରହସ୍ୟର ଭାବକୁ ଦର୍ଶକଆଗରେ ସ୍ପଷ୍ଟ କରେ । ବିରୂପାକ୍ଷର ସବୁଠି ଦାର୍ଶନିକ ଅଭିବ୍ୟକ୍ତି ବ୍ୟକ୍ତି ଚିନ୍ତନର ଗୂଢ଼ରହସ୍ୟକୁ ଆଲୋକିତ କରେ । ମଣିଷ ଯେଉଁ କଥାକୁ ଲୁଚେଇବାକୁ ଚେଷ୍ଟା କରେ, ତା' ଅଜାଣତରେ ସେ ନିଜେ ହିଁ ସେଇ କଥାକୁ ବାରମ୍ବାର ଉଚ୍ଚାରିତ କରୁଥାଏ । ମଣିଷ ମନସ୍ତତ୍ତ୍ୱର ଏହା ଏକ ମଜାଦାର ଦିଗ, ଯାହା 'ଶବବାହକମାନେ'ନାଟକରେ ବି ଦେଖିବାକୁ ମିଳେ । କିଛି ସଂଳାପରୁ ଏହାକୁ ବୁଝି ହେବ । ଯେତେବେଳେ ଅଜନ୍ତା ସୁରେନ୍ଦ୍ର ସହ ଚୁକ୍ତି କରି ଫେରିଛି, ସେତେବେଳେ ମାନସିକ ସ୍ତରରେ ଅଜନ୍ତା ବଦଳି ଯାଇଛି । ସବୁକଥା, ସବୁଚୁକ୍ତି ନବେନ୍ଦୁଠାରୁ

ଲୁଚେଇବକୁ ଚେଷ୍ଟା କରିଛି । ନବେନ୍ଦୁର 'ବଦଳିବା'ସମ୍ପର୍କିତ ବିନା ପ୍ରଶ୍ନରେ ବି ଅଜନ୍ତା କହିଛି, "ମୁଁ ବଦଳି ଯାଇଛି ବୋଲି ତୁମର ବିଶ୍ୱାସ ହେଉଛି ?' ପୁଣି ସୁରେନ୍ଦ୍ର ଖୋଲୁଥିବା ରୁମ୍ କୁ ଲୁଚେଇବାକୁ ଯାଇ ଅଜନ୍ତା କହିଛି ଯେ "ମୁଁ ଅନ୍ୟ ସବୁ ରୁମ୍ ଦେଖୁଥିଲି, ସବୁ ଫାଙ୍କା ।' ଏହି ସଂଳାପ ସବୁ ଭିତରେ ଆଉ ଗୋଟିଏ କଥା ଲକ୍ଷ୍ୟ କରାଯାଏ ଯେ ଅଜନ୍ତାର ଏହି ପରିସ୍ଥିତିରେ ଗୋଟିଏ ସଂଳାପ ସହ ଅନ୍ୟ ସଂଳାପର କୌଣସି ମେଳ ରହୁନାହିଁ । ସବୁ ସଂଳାପ ଯେମିତି ସ୍ମୃତି ବିଭ୍ରାଟ ପରି ମନେହେଉଛି । ଏହା ମ୍ନ ମନସ୍ତତ୍ତ୍ୱର ଏକ ଦିଗ । ଯେତେବେଳେ ମନ ଅସ୍ଥିର ହୁଏ, ଅକସ୍ମାକ୍ ଅସରନ୍ତି ଖୁସି ମିଳିଯାଏ, ମନରେ ଦ୍ୱନ୍ଦ୍ୱ ତଥା ରହସ୍ୟ ଓଭୟ ଆଦି ଆସିଯାଏ, ମଣିଷ ହଠାତ୍ ଉପସ୍ଥିତ ବୁଦ୍ଧି ହଜାଇଦିଏ ଓ ବିଚାର କ୍ଷମତା ହରେଇଦିଏ । ଏଣୁ ସେ ନିଜେ କ'ଣ କହୁଛି ନିଜେ ମ୍ନ ଜାଣିପାରେ ନାହିଁ । ଯାହା ଅଜନ୍ତା ସହ ଘଟିଛି ।

'ଶବବାହକମାନେ'ନାଟକର ନାମକରଣ ମ୍ନ ଆକର୍ଷଣୀୟ । 'ଶବ'ର ବ୍ୟବହାର ବିଜୟ ମିଶ୍ର ପ୍ରଥମେ କରିନାହାନ୍ତି । ବାଦଲ ସର୍କାରଙ୍କ 'ପାଗଲା ଘୋଡ଼ା', ଦାଶରଥି ପ୍ରସାଦ ଦାସଙ୍କ 'ନିଷିଦ୍ଧ ଅନ୍ଧକାର'ଆଦି 'ଶବ'କୁ ପ୍ରସଙ୍ଗକରି ଲେଖାଯାଇଛି । 'ଶବବାହକମାନେ'ନାଟକ ପରେ ମ୍ନ ପ୍ରଫୁଲ୍ଲ ରଥଙ୍କ 'ଶବ ପଡ଼ିଛି' ନାଟକରେ 'ଶବ'କୁ ପ୍ରସଙ୍ଗ ରୂପେ ଗ୍ରହଣ କରାଯାଇଛି । ଏଠାରେ କିନ୍ତୁ ନାଟ୍ୟକାର ଶବକୁ ନୀରବ ଅଥଚ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତାରଣା କରିଛନ୍ତି । ଶବ କିଛି କରୁନିତଥାପି ଦୃଷ୍ଟି ଆଢୁଆଳରେ ସବୁ କିଛି କରୁଛି । ବଂଚିବା ବେଳେ ଯାହା ସମ୍ଭବ ହେଉନି, ମଲାପରେ ତାହା କେମିତି କେଜାଣି ସମ୍ଭବ କରିଦେଉଛି ଶବ ।

ସମସ୍ତଙ୍କ ଭିତରେ ଆରଣ୍ୟକ ଉତ୍ତେଜନାଟିଏ ବାରମ୍ବାର ଉକୁଟି ମାରୁଛି, ଯାହାକୁ ସେମାନେ ଯଥାସମ୍ଭବ ଚାପିରଖୁଛନ୍ତି । ମଣିଷର ଏହି ଆଦିମତା ଓ ଅରଣ୍ୟ ପ୍ରବଣତା ସବୁଠି ଲୁଚି ରହେନି । ଲୋଭ,ଲାଳସା,କାମନାଆଦି ଦର୍ଶକ ସାମ୍ନାରେ ଧରାପଡ଼ିଯାଇଛି । ପୋତାଧନର ଲୋଭ ସମସ୍ତଙ୍କ ମନରେ ଆସି ଏକ ଭୟାବହ ରୂପ ଧାରଣ କରିଛି । ଏହାକୁ ଉପଭୋଗ କରିବାର ଲାଳସାରେ ସତେ ଯେମିତି ସମସ୍ତେ ବନ୍ୟ ହୋଇଉଠୁଛନ୍ତି । କିଛି ସମ୍ପର୍କ ଭାଙ୍ଗି ଯାଉଛି ତ କିଛି ସମ୍ପର୍କ ମରୀଚିକାର ଜଳତୃଷ୍ଣା ପରି ସ୍ୱାର୍ଥର ପିରାମିଡ୍ ଉପରେ ବସା ବାନ୍ଧିଛି । ସମସ୍ତେ ପରସ୍ପରଠାରୁ ଏକରକମର ଦୂରେଇ ଗଲାବେଳେ ଶବ ହିଁ ସମସ୍ତଙ୍କୁ ଏକାଠି କରିଛି । ଶେଷକୁ ପୋତା ବାକ୍ସର ଚିଠି ସମସ୍ତଙ୍କ ଧନ ଲାଳସାର ସ୍ୱପ୍ନକୁ ଏକଦମ୍ ଭାଙ୍ଗି ଚୁରମାରକରିଦେଇଛି । ସ୍ୱପ୍ନଭଙ୍ଗବେଳେ ହିଁ ପହଞ୍ଚିଛି ବିରୁପାକ୍ଷ । ବିରୁପାକ୍ଷର ଅନୁରୋଧରେ ଶବର ସତ୍କାର ହୋଇଛି । ସଭିଏଁ ପରସ୍ପର ପ୍ରତି ବିମୁଖ ଥିବାବେଳେ ଶବ ହିଁ ସମସ୍ତଙ୍କୁ କିଛି ସମୟ ପାଇଁ ଏକମୁଖୀ କରିଛି । କାରଣ ଶବକୁ କାନ୍ଧରେ ନେବା ପାଇଁ ଅତିକମ୍ ରେ ଚାରିଜଣ ଶବବାହକ ଦରକାର । ଶବକୁ ବୋହି ନେଲାବେଳେ ସମସ୍ତଙ୍କୁ ଗୋଟିଏ ରିଦିମ୍ ରେ ପାଦ ମିଳାଇ ଗୋଟିଏ ଦିଗକୁ ଯିବାକୁ ହୁଏ ଏକାଠି । ଏହି ଏକାଠି କରିଦେବାର ସବୁଶ୍ରେୟ 'ଶବ'ର ।

ସ୍ୱାର୍ଥପରତା ହେଉ ବା ନିଃସଙ୍ଗତା,ଉଭୟ କାରଣରୁ ଆଜିର ମଣିଷ ପାଦ ମିଳାଇ ଚାଲିବା ସମ୍ଭବ ହୋଇପାରୁନି । ଏହି ଅମେଳ ପରିସ୍ଥିତିରେ କେଇ ମୁହୂର୍ତ୍ତ ପାଇଁ ହେଉ ପଛକେ ସମସ୍ତଙ୍କୁ ମିଳେଇ ଦେବାର ଅଭିନବ ସାହସ ରଖେ 'ଶବବାହକମାନେ'ନାଟକଟି । ସେଇଥିପାଇଁ ତ ଆଧୁନିକ ମଣିଷ 'ଶବବାହକ' ପାଲଟେ ପ୍ରତିଥର । ଏଣୁ ନାଟକଟିର ନାମକରଣ 'ଶବ'କୁ ନେଇ ରଖାଯିବାର କାରଣ- ଏହି ଏକଲାପଣକୁ ବାଦ୍ ଦେଇ ଏକତାପଣକୁ ଉଜ୍ଜିବିତ କରିବା । ଅନ୍ତତଃ ଆମେ ନିଜେ ଆମ ନିଜ ଦୁଇପାଦ ସହ ତାଳ ମିଳାଇବାର ସୁଯୋଗ ତିଆରିକରେ ଶବ, ଆଉ ଆମେମାନେ ପାଲଟିଯାଉ ପ୍ରତିଥର 'ଶବବାହକମାନେ' ।

ଓଡ଼ିଆ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ
ପିନ୍- ୭୫୩୦୦୩

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖୁଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ